ଧରିତ୍ରୀ 51 Years
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Tuesday, September 23/2025 | Page 16 | ₹ 7.00 | DHENKANAL
୫୧ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 299 | ମୂଲ୍ୟ ₹୭/-



ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିଠାରେ ଗତ ୧୬ ତାରିଖରେ ଭୂସ୍ଖଳନରେ ନଷ୍ଟ ହୋଇଥିବା ରାସ୍ତାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ସୋମବାର ପୁଣି ପାହାଡ଼ ଧସିଛି। ପ୍ରବଳ ବର୍ଷା ଯୋଗୁ ମରାମତି ପାଇଁ ଥିବା ନିର୍ମାଣ ସାମଗ୍ରୀ ମଧ୍ୟ ଧୋଇଯାଇଛି।

## ବଳଙ୍ଗା ପୀଡ଼ିତା ନିଜେ କିରୋସିନ ଢାଳି ନିଆଁ ଲଗାଇଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ପୁରୀ ଜିଲା ବଳଙ୍ଗାର ଛାତ୍ରୀ ପୋଡ଼ିହୋଇ ପ୍ରାଣ ହରାଇବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତା ନିଜେ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇଥିଲେ। ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ପୁରୀର ବଳଙ୍ଗା ନିବାସୀ ହିମତ ଅଲ୍ଲୀଙ୍କ ସ୍ତ୍ରୀ (ପୀଡ଼ିତାଙ୍କ ମାଆ) ☞ ପୃଷ୍ଠା–୪




# ଚୌଦ୍ୱାର ଥାନାରେ ମାଡ଼ରୁ ଆତ୍ମହତ୍ୟା

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୨।୯ (ଆଶୁତୋଷ ଦାସ/ମାନସ ସାମଲ)

■ ୩ ପୋଲିସ କର୍ମଚାରୀ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିଥିବା ଅଭିଯୋଗ ଆଣିଲେ ଭାଇ

■ ବାରାକ୍ ପାଇଖାନାରେ ଝୁଲିପଡ଼ିଲେ ଯୁବକ

ପୋଲିସ ହାଜତ ପରିସରରେ ଯାଇଛି ଆଉ ଏକ ଜୀବନ। ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ଥାନାରେ ଅଟକ ଥିବା ଢେଙ୍କାନାଳ ଜିଲା ଶଙ୍କରପୁର ଥାନା ଅନ୍ତର୍ଗତ କରୋଗାଁ ଗ୍ରାମର ରସାନନ୍ଦ ନାୟକ(୩୯)ଙ୍କ ମୃତ୍ୟୁ ଘଟିଛି। ୩ଜଣ ପୋଲିସ ରସାନନ୍ଦଙ୍କୁ ପ୍ଲାଷ୍ଟିକ୍ ପାଇପ୍‌ରେ ନିଷ୍ଠୁର ମାଡ଼ ମାରିବା ପରେ ସେ କଷ୍ଟ ସହି ନ ପାରି ପୋଲିସ ବାରାକ୍ ଭିତରେ ଥିବା ପାଇଖାନାରେ ଆତ୍ମହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ ଏବଂ ସାନଭାଇ ଅଭିଯୋଗ କରିଛନ୍ତି। ଖବର ପାଇ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଓ ଜୋନ୍୧ ଏସିପି ଅରୁଣ କୁମାର ସ୍ୱାଇଁ ପହଞ୍ଚି ରୁଦ୍ଧଦ୍ୱାର ବୈଠକ କରିବା ସହିତ ଫେରି ଯାଇଥିବାବେଳେ ଗଣମାଧ୍ୟମକୁ କିଛି ପ୍ରତିକ୍ରିୟା ଦେଇ ନାହାନ୍ତି। ଏପରି କି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ମଧ୍ୟ କିଛି ମୁହଁ ଖୋଲୁ ନାହାନ୍ତି। ପୋଲିସର ଏଭଳି ନୀରବତା ଘଟଣା ପଛର ରହସ୍ୟ ଏବଂ ଅଭିଯୋଗକୁ ଚର୍ଚ୍ଚା ମଧ୍ୟକୁ ଠେଲି ଦେଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ☞ ପୃଷ୍ଠା–୪

# ଅଗ୍ରାହ୍ୟ ହେଲା କଂଗ୍ରେସର ଅନାସ୍ଥା

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

■ ସମୟ ଅବଧି ଚାଲିଯାଇଥିବାରୁ ଅଗ୍ରାହ୍ୟ

■ ବିଜେଡି-ଭାଜପା ଭାଇ ଭାଇ, ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ: କଂଗ୍ରେସ

କଂଗ୍ରେସ ଏବଂ ସିପିଆଇ(ଏମ୍) ବିଧାୟକମାନଙ୍କ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ସୋମବାର ବାଚସ୍ପତି ସୁରମା ପାଢ଼ୀ ଅଗ୍ରାହ୍ୟ କରିଦେଇଛନ୍ତି। ଅପରାହ୍ନ ୪ଟାରେ ଗୃହ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ନିଜ ଆସନରେ ଠିଆହୋଇ କହିଥିଲେ, କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଗୃହରେ ଆଲୋଚନା ପାଇଁ ଅଣାଯାଉ। ଏହାପରେ ବାଚସ୍ପତି ସୂଚିତ କରିଥିଲେ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ବିଧାନସଭାର ସଚିବଙ୍କ ନିକଟରେ ପ୍ରଦାନ କରାଯାଇଥିଲା। ଏହି ଅନାସ୍ଥା ପ୍ରସ୍ତାବରେ କଂଗ୍ରେସର ଅନ୍ୟ ବିଧାୟକ ଏବଂ ସିପିଆଇ(ଏମ୍) ସଦସ୍ୟଙ୍କ ଦସ୍ତଖତ ରହିଥିଲା। ଗତ ଶୁକ୍ରବାର ଏନେଇ ଅବଗତ କରାଇଥିଲେ। ଏହି ନୋଟିସ୍ ପାଇଥିବା କଥା ଗୃହକୁ ଜଣାଇବା ସହ ଗୃହ ସ୍ୱାଭାବିକ ☞ ପୃଷ୍ଠା–୪

ଆଜିର ସମ୍ପାଦକୀୟ | ପାକିସ୍ତାନ ସହ ସାଉଦି ଆରବ





ଗୁଜରାଟର ପୋରବନ୍ଦରସ୍ଥିତ ଜେଟିରେ ସୋମାଲିଆ ପାଇଁ ଚାଉଳ ଓ ଚିନି ବୋଝେଇ ହେଉଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗିଯାଇଛି।

# ଖାଇବର ପାଖ୍‌ତୁନ୍‌ଖ୍ୱାରେ ବିସ୍ଫୋରଣ: ୨୪ ମୃତ

**ପାକ୍ ବାୟୁସେନା ବୋମାମାଡ଼ କରିଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ**

ପେଶାୱର,୨୨।୯

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ପାକିସ୍ତାନୀ ତାଲିବାନର ଏକ କମ୍ପାଉଣ୍ଡରେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖାଯାଉଥିବାବେଳେ ବିସ୍ଫୋରଣ ଘଟିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିବା ପିଟିଆଇ ରିପୋର୍ଟ ପ୍ରକାଶ କରିଛି। ମୃତକଙ୍କ ମଧ୍ୟରେ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ୧୪ ଆତଙ୍କବାଦୀ ରହିଛନ୍ତି। ସେମାନେ ସାଧାରଣ ଲୋକଙ୍କୁ ଢାଲ ଭାବେ ବ୍ୟବହାର କରୁଥିଲେ ବୋଲି ପୋଲିସ ଅଭିଯୋଗ କରିଛି।

ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ରବିବାର ବିଳମ୍ବିତ ରାତିରେ ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ବୋମାମାଡ଼ କରିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ରିପୋର୍ଟରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି। ରାତି ପ୍ରାୟ ୨ଟା ସମୟରେ ପାକିସ୍ତାନୀ ଯୁଦ୍ଧବିମାନ ତିରହ ଉପତ୍ୟକାର ମାଟ୍ରୁର ଦାରା ଗ୍ରାମ ଉପରେ ୮ଟି ଏଲ୍‌ଏସ୍-୬ ବୋମା ପକାଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ଯୁଦ୍ଧବିମାନରୁ ବୋମାମାଡ଼ ଘଟଣାକୁ ସ୍ଥାନୀୟ ପ୍ରଶାସନ ଖଣ୍ଡନ କରିଛି। ବୋମା ତିଆରିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବାରୁ ୧୪ ଆତଙ୍କବାଦୀଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୦ ସାଧାରଣ ନାଗରିକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଥିବା ତିରାହ ଥାନାର ଷ୍ଟେଶନ ହାଉସ୍ ଅଫିସର କହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାଟ୍ରୁର ଦାରା ଗ୍ରାମରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ସେଠାରେ ଥିବା କମ୍ପାଉଣ୍ଡରେ ବହୁସଂଖ୍ୟାରେ ସ୍ଥାନୀୟ ଆତଙ୍କବାଦୀ ନେତା ଓ କର୍ମୀଙ୍କ ସମେତ ଆଫଗାନ୍ ଯୋଦ୍ଧା ରହୁଥିଲେ। ଏହା ଆଇଇଡି ଉତ୍ପାଦନର କେନ୍ଦ୍ରସ୍ଥଳ ଥିଲା ଓ ସ୍ନିପର ତାଲିମ ଦିଆଯାଉଥିଲା।

# ଜିଏସ୍‌ଟି ସଞ୍ଚୟ ଉତ୍ସବ ପ୍ରଗତିକୁ ତ୍ୱରାନ୍ୱିତ କରିବ

**ନାଗରିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଖୋଲାଚିଠି**

ନୂଆଦିଲ୍ଲୀ,୨୨।୯

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସରେ ଆଣିଥିବା ସଂସ୍କାର (ଜିଏସ୍‌ଟି ୨.୦) ସୋମବାରରୁ ଲାଗୁ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଏକ ଖୋଲାଚିଠି ଜରିଆରେ ଏହାକୁ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି।

ଜିଏସ୍‌ଟି ହାର କମିବା ଅର୍ଥ ପ୍ରତି ପରିବାର ପାଇଁ ଅଧିକ ସଞ୍ଚୟ ଏବଂ ବ୍ୟବସାୟ ନିମନ୍ତେ ଅଧିକ ସହଜ ହେବ। ସାରା ଦେଶରେ ନବରାତ୍ରି ପାଳନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକ ଓ ସେମାନଙ୍କ ପରିବାରକୁ ହୃଦୟଭରା ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବ ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ଆଣୁ ବୋଲି ସେ କହିଛନ୍ତି। ଚଳିତବର୍ଷର ପାର୍ବଣ ଋତୁ ଅଧିକ ଆନନ୍ଦ ଆଣିଛି। ସେପ୍ଟେମ୍ବର ୨୨ରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ ହୋଇଛି, ଯାହାର ଉପସ୍ଥିତି ଅନୁଭୂତ ହେବା ଆରମ୍ଭ ହୋଇଛି। ଏହା ସାରା ଦେଶରେ ଜିଏସ୍‌ଟି ସେଭିଂସ୍ ଫେଷ୍ଟିଭାଲ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସଂସ୍କାର ସଞ୍ଚୟ ବଢ଼ାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ, ଯାହା ଅଧିକ ଅଭିବୃଦ୍ଧି ଓ ନିବେଶକୁ ପ୍ରୋତ୍ସାହିତ କରିବା ସହ ପ୍ରତି ରାଜ୍ୟ ଓ ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟିକସ ବ୍ୟବସ୍ଥାର ସରଳୀକରଣ ଏବଂ ପରିବାର, ବ୍ୟବସାୟୀ, କୃଷକଙ୍କ ଉପରେ ଆର୍ଥିକ ବୋଝକୁ ଲାଘବ କରିବା ଏବଂ ଉତ୍ସବ ଋତୁ ସମୟରେ ଆଶ୍ୱସ୍ତି ଆଣିବା ଜିଏସ୍‌ଟି ୨.୦ର ଲକ୍ଷ୍ୟ। ଜିଏସ୍‌ଟିରେ ପୂର୍ବରୁ ରହିଥିବା ୪ଟି ସ୍ଲାବ୍‌ରୁ ୨ଟିକୁ ହଟାଇ ଦିଆଯାଇ କେବଳ ୫% ଓ ୧୮%କୁ ରଖାଯାଇଛି। ଖାଦ୍ୟ, ଔଷଧ, ସାବୁନ, ଟୁଥ୍‌ପେଷ୍ଟ ଆଦି ଦୈନନ୍ଦିନ ଆବଶ୍ୟକତା ସମେତ ବୀମା ଓ ଅନେକ କିଛି ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇଛି କିମ୍ବା ୫ ପ୍ରତିଶତ ଟିକସ ସ୍ଲାବ୍‌ରେ ରହିଛି। ପୂର୍ବରୁ ୧୨% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୫% ସ୍ଲାବ୍ ମଧ୍ୟକୁ ଅଣାଯାଇଛି। ଆୟକର ଛାଡ଼ ଏବଂ ଜିଏସ୍‌ଟିର ନୂଆପିଢ଼ି ସଂସ୍କାରକୁ ଯଦି ଆମେ ଏକାଠି ନେବା, ତେବେ ଲୋକେ ପାଖାପାଖି ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଘରଖର୍ଚ୍ଚ କମିବା ଯୋଗୁ ସେମାନେ ଘର ତିଆରି, ଗାଡ଼ିକିଣା, ବିଭିନ୍ନ ଉପକରଣ କିଣା ଆଦି ଆଶା ଆକାଂକ୍ଷା ପୂରଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଏମିରେଟ୍ସ ବିମାନରୁ ଓହ୍ଲାଇ ପଡ଼ିଲେ ଭାରତୀୟ ଯାତ୍ରୀ

**ଏଚ୍-୧ବି ଭିଜା ଫି ବୃଦ୍ଧି ଘୋଷଣା**

**ବିମାନ ଉଡ଼ାଣ ୩ ଘଣ୍ଟା ବିଳମ୍ବ**

ୱାଶିଂଟନ୍, ୨୨।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଏଚ୍-୧ବି ୱର୍କର ଭିଜାର ନୂତନ ଆବେଦନକାରୀଙ୍କ ପାଇଁ ଫିକୁ ୧ ଲକ୍ଷ ଡଲାର ବୃଦ୍ଧିର ନିର୍ଦ୍ଦେଶ ପରେ ସେଠାରେ ଥିବା ଭାରତୀୟଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏହି ଘୋଷଣାର ଠିକ୍ ପରେ ଶୁକ୍ରବାର ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ବିମାନବନ୍ଦରରୁ ଭାରତ ଆସିବାକୁ ଥିବା ଏମିରେଟ୍ସର ଏକ ଫ୍ଲାଇଟ୍‌ରେ ଭାରତୀୟ ଯାତ୍ରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପରିଲକ୍ଷିତ ହୋଇଥିଲା। ବିମାନ ଭାରତ ଅଭିମୁଖେ ଉଡ଼ାଣ କରିବାର ଠିକ୍ ପୂର୍ବରୁ କିଛି ଭାରତୀୟ ବିମାନରୁ ଓହ୍ଲାଇ ପଡ଼ିଥିଲେ। ହଠାତ ଅନେକ ଭାରତୀୟ ଯାତ୍ରୀ ବିମାନରୁ ଓହ୍ଲାଇ ପଡ଼ିବାରୁ ପାଇଲଟ୍ ୩ ଘଣ୍ଟା ବିଳମ୍ବରେ ବିମାନର ଉଡ଼ାଣ କରିଥିଲେ। ଉକ୍ତ ଏମିରେଟ୍ସ ବିମାନରେ ଥିବା ଯାତ୍ରୀମାନେ ସୋସିଆଲ ମିଡିଆରେ ଏହାର କିଛି ଭିଡିଓକୁ ଶେୟାର କରିଛନ୍ତି, ଯେଉଁଥିରେ ବିମାନ ମଧ୍ୟରେ ଲୋକମାନେ ଦ୍ୱନ୍ଦରେ ଥିବାର ଦେଖାଯାଉଛନ୍ତି। ଭିଡିଓରେ ବିମାନର କ୍ୟାପ୍ଟେନ୍ ଯାତ୍ରୀମାନଙ୍କୁ କହୁଛନ୍ତି, ବିମାନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ ନାହିଁ। ଆପଣମାନେ ଚାହିଁଲେ ବିମାନ ଛାଡ଼ିପାରିବେ।

# ୟୁପିରେ ଜାତି ଆଧାରିତ ରାଲି ଉପରେ କଟକଣା

ଲକ୍ଷ୍ନୌ ୨୨।୯

ଉତ୍ତରପ୍ରଦେଶରେ ଜାତିଗତ ଭେଦଭାବକୁ ଶେଷ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଜାତି ଆଧାରିତ ସମସ୍ତ ରାଜନୈତିକ ରାଲି ଉପରେ ରାଜ୍ୟର ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର କଟକଣା ଲଗାଇଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ମୁଖ୍ୟ ସଚିବ ଦୀପକ କୁମାର ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ପଠାଇଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଏଫ୍‌ଆଇଆର୍, ଗିରଫଦାରି ମେମୋ ଆଦିରୁ ଜାତିର ଉଲ୍ଲେଖ ରହିବ ନାହିଁ।

# ସ୍ତ୍ରୀଙ୍କୁ ହତ୍ୟା କରି ଫେସ୍‌ବୁକ୍ ଲାଇଭ୍‌ରେ ଜଣାଇଲେ

କୋଲ୍ଲାମ, ୨୨।୯

କେରଳର କୋଲ୍ଲାମରେ ଶାଲିନୀ (୩୯)ଙ୍କୁ ତାଙ୍କ ସ୍ୱାମୀ ଇସ୍‌ହାକ୍ ଗଳାକାଟି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ଇସ୍‌ହାକ୍ ଫେସବୁକ୍ ଲାଇଭ୍ ଆସି ସ୍ତ୍ରୀ ଶାଲିନୀଙ୍କୁ ହତ୍ୟା କରିଥିବା ନେଇ ଘୋଷଣା କରିଥିଲେ। ଏହାପରେ ସେ ପୁନାଲୁର ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ବୈବାହିକ ଜୀବନରେ ସମସ୍ୟା ଥିବାରୁ ସେ ସ୍ତ୍ରୀ ଶାଲିନୀଙ୍କୁ ହତ୍ୟା କରିଥିବା ନେଇ ପୋଲିସକୁ କହିଥିଲେ। ଶାଲିନୀ ଗାଧୋଉଥିବା ସମୟରେ ଇସ୍‌ହାକ୍ ତାଙ୍କୁ ପଛପଟୁ ଛୁରିରେ ଆକ୍ରମଣ କରିଥିଲେ।

# ସ୍ୱଚ୍ଛ ବାୟୁ ପାଇଁ ଇନ୍ଦୋରରେ 'ନୋ କାର୍ ଡେ'


ଇନ୍ଦୋର ୨୨।୯

ମଧ୍ୟପ୍ରଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ଇନ୍ଦୋରରେ ସୋମବାର 'ନୋ କାର୍ ଡେ' ପାଳନ କରାଯାଇଛି। ସ୍ୱଚ୍ଛ ବାୟୁ ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୋଇଛି। ଏହି ଅବସରରେ ସହରର ଜନ ପ୍ରତିନିଧି ଏବଂ ଅଧିକାରୀମାନେ କାର୍ ବଦଳରେ ବାଇକ୍, ସ୍କୁଟି ଏବଂ ବିଭିନ୍ନ ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟବହାର କରୁଥିବାର ନଜରକୁ ଆସିଛନ୍ତି। ଇନ୍ଦୋର ଜିଲାପାଳ ଶିଭମ ବର୍ମା ସ୍କୁଟି ଚଳାଇ ନିଜ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ସେହିପରି ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ସାଇକେଲ ଚଳାଇ ମହାନଗର ନିଗମ କାର୍ଯ୍ୟାଳୟରେ ପହଞ୍ଚିଥିଲେ। 'ନୋ କାର୍ ଡେ' ପାଳନ ବେଳେ ସହରର ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ଲୋକଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ କାର୍ ବଦଳରେ ୨ ଚକିଆ ଯାନ କିମ୍ବା ସାଧାରଣ ପରିବହନ ବ୍ୟବହାର କରିବାକୁ ଅପିଲ କରିଥିଲେ। ସହରରେ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ, ବାୟୁ ପ୍ରଦୂଷଣ ସ୍ତର ହ୍ରାସ, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମେୟର ପୁଷ୍ୟମିତ୍ର କହିଛନ୍ତି।

# ଅରୁଣାଚଳକୁ ପ୍ରଧାନମନ୍ତ୍ରୀଙ୍କ ୫,୧୦୦ କୋଟିର ପ୍ରକଳ୍ପ

ଇଟାନଗର,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅରୁଣାଚଳପ୍ରଦେଶରେ ୫,୧୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ସେଥିରେ ୨ଟି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ସମାଲୋଚନା କରି ଉକ୍ତ ଦଳ କ୍ଷମତାରେ ଥିବାବେଳେ କୌଣସି ବିକାଶମୂଳକ କାର୍ଯ୍ୟ ନ କରିବାରୁ ଉତ୍ତର-ପୂର୍ବାଞ୍ଚଳକୁ କ୍ଷତି ପହଞ୍ଚାଇଥିଲା ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଯେଉଁ ବିକାଶମୂଳକ କାର୍ଯ୍ୟ କଷ୍ଟସାଧ୍ୟ ତାହାକୁ କଂଗ୍ରେସ ଆଦୌ ନ କରି ଛାଡ଼ିଦେଉଥିଲା। କଂଗ୍ରେସର ଏହି ଅଭ୍ୟାସ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ପାଇଁ ବ୍ୟାପକ କ୍ଷତି ଘଟାଇଥିଲା। ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଏକ ଆହ୍ୱାନ ହୋଇଥିବାରୁ କଂଗ୍ରେସ ଉକ୍ତ ଅଞ୍ଚଳକୁ ପଛୁଆ ଘୋଷଣା କରିବା ସହ ଭୁଲିଯାଉଥିଲା। ରାସ୍ତା ନିର୍ମାଣ ଅସମ୍ଭବ ବୋଲି ଯେଉଁ ଅଞ୍ଚଳକୁ ବିବେଚନା କରାଯାଉଥିଲା, ଏବେ ସେଠାରେ ଆଧୁନିକ ରାଜପଥ। ଯେଉଁ ସେଲା ଟନେଲ ଏକଦା ଚିନ୍ତାର ବାହାରେ ଥିଲା, ଏବେ ତାହା ଅରୁଣାଚଳର ଗର୍ବର ପରିଚୟ ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।




ଇଟାନଗରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ।

DSPL-273



ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସେପ୍ଟେମ୍ବର ୨୩ ତାରିଖକୁ ପ୍ରଥମ ଥର ପାଇଁ ଜାତୀୟ ଆୟୁର୍ବେଦ ଦିବସ ଭାବେ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ଏହା ପାଳନ କରାଯିବ । ଏହି ଦିନର ମହତ୍ତ୍ୱ ହେଉଛି ଶରତକାଳୀନ ସମ-ଦିବାରାତ୍ରି, ଯାହାକି ପ୍ରକୃତିର ସମତୁଳନକୁ ପ୍ରତିଫଳିତ କରିଥାଏ । ଆୟୁର୍ବେଦ ମଧ୍ୟ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବସିତ । ଏହି ଦିନଟି ଆୟୁର୍ବେଦର ମହତ୍ତ୍ୱକୁ ପ୍ରତିପାଦିତ କରେ । ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ଏହା ଏକ ଜୀବନଶୈଳୀ ।

ଆଧୁନିକ ଯୁଗରେ ଯେଉଁଠି ଆମେ ଅନେକ ଜୀବନଶୈଳୀ ଜନିତ ରୋଗର ସମ୍ମୁଖୀନ ହେଉଛୁ, ଆୟୁର୍ବେଦ ଆମକୁ ପ୍ରାକୃତିକ ଉପାୟ ସହ ନିଜ ଶରୀର ଓ ମନକୁ ସୁସ୍ଥ ରଖିବା ଉପାୟ ଶିଖାଏ ।

ଚଳିତ ବର୍ଷ ଜାତୀୟ ଆୟୁର୍ବେଦ ଦିବସର ଅନୁଚିନ୍ତା ହେଉଛି "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" । ଆସନ୍ତୁ, ଆୟୁର୍ବେଦକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂରପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ଉପଲକ୍ଷେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

ଜାତୀୟ ଆୟୁର୍ବେଦ ଦିବସ ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ବର୍ଷ ୨୦୨୫ ଠାରୁ ଆୟୁର୍ବେଦ ଦିବସ ପ୍ରଥମ ଥର ପାଇଁ ନିର୍ଦ୍ଧାରିତ ତାରିଖ ୨୩ ସେପ୍ଟେମ୍ବରରେ ପାଳନ କରାଯିବା ଏକ ଐତିହାସିକ ପଦକ୍ଷେପ । ଏହା ଆୟୁର୍ବେଦର ଜାଗୃତି ଓ ନିୟମିତ ଉପଯୋଗିତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଅଛି ।

ଆୟୁର୍ବେଦ ଆମ ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଓ ପୃଥିବୀ ସହିତ ସମନ୍ୱୟ ରଖି ନିଜର ଚିକିତ୍ସା ଦୃଷ୍ଟିକୋଣକୁ ପ୍ରସ୍ତୁତ କରିଅଛି । ଏହି ବର୍ଷର ବିଷୟବସ୍ତୁ "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" ଆମକୁ ଏହି ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମାନବ ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ଏବଂ ପୃଥିବୀ ପାଇଁ ମଧ୍ୟ ଦାୟିତ୍ୱବୋଧ ଜଗାଇଥାଏ ।

ଆସନ୍ତୁ, ଆମେ ସମସ୍ତେ ଏହି ପ୍ରାଚୀନ ଓ ସ୍ଥାୟୀ ଚିକିତ୍ସା ଜ୍ଞାନକୁ ଆଧୁନିକ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମନ୍ତ୍ରୀ, ଓଡ଼ିଶା

OIPR-10056/13/0009/2526

# ବଜ୍ରପାତରେ ଶଳା ଭିଣୋଇଙ୍କ ମୃତ୍ୟୁ

ବେଲପଡା,୨୨।୯
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକର ଡୁଡୁକାମାଲ ଗାଁ ନିକଟରେ ସୋମବାର ଅପରାହ୍ନରେ ବଜ୍ରପାତରେ ଦୁଇ ଜଣ ବ୍ୟକ୍ତିଙ୍କ ପରଲୋକ ଘଟିଛି। ମୃତକ ହେଲେ ବେଲପଡା ବ୍ଲକ ବାଗଦୋର ପଞ୍ଚାୟତ ଅନ୍ତର୍ଗତ ମାଲପଡା ଗ୍ରାମର ଟିକେଧର ମାଝୀ (୩୦) ଓ ତାଙ୍କ ଭିଣୋଇ ଲାଠୋର ଥାନା ଅନ୍ତର୍ଗତ ସାହାଜପାଣି ଗାଁର ଦିଲିପ ମାଝୀ (୩୫)। ସେମାନେ ସମ୍ପର୍କରେ ଦୁହେଁ ଶଳା ଭିଣୋଇ ବୋଲି ଜଣାପଡିଛି।

ପ୍ରକାଶ ଯେ, ସାହାଜପାଣି ଗାଁର ଦିଲିପ କୌଣସି କାମରେ ସକାଳେ ଶଶୁର ଘର ଗାଁ ମାଲପଡାକୁ ବୁଲି ଆସିଥିଲେ। ଶଳା ଭିଣୋଇ କିଛି ସମୟ ଖୁସିରେ ସମୟ ବିତାଇଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦୁହେଁ ଡୁଡୁକାମାଲ ଗାଁ ନିକଟ ଖାଦାନ (ପୋଖରୀ)କୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ହଠାତ୍ ବର୍ଷା ଓ ଘଡଘଡି ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିଲିପ ଗତ ୭ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଉଭୟ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।




# ନୂଆପଡ଼ା ଉପନିର୍ବାଚନ: ଇଭିଏମ୍ ଏବଂ ଭିଭିପାଟ୍‌ର ତଦାରଖ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହିକ୍ରମରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଏବଂ ଭିଭିପାଟ୍ ଗୋଦାମ ଗୃହରେ ସଂରକ୍ଷିତ ଥିବା ୟୁନିଟ୍‌ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ତଦାରଖ କରାଯାଇଛି। ଏହି ଅବସରରେ ଜିଲାପାଳ ତଥା ଜିଲା ମୁଖ୍ୟନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଅତିରିକ୍ତ ଶାସନ ସଚିବ ତଥା ଇଭିଏମ୍-ରାଜ୍ୟ ନୋଡାଲ ଅଧିକାରୀ ପ୍ରମୋଦ କୁମାର ସାହୁ, ଉପ ଶାସନ ସଚିବ ଜିତେନ୍ଦ୍ର ପାତ୍ର, ଅତିରିକ୍ତ ଜିଲାପାଳ ତଥା ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଇତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଏବଂ ଆପ୍ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ: ୩ ଅଟକ

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ସେକ୍ସନର ରାଣିବେଡା ବିଟ ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ସୋମବାର ବନ ବିଭାଗ ଗଳିତ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ବନବିଭାଗ ୩ ଜଣଙ୍କୁ ଅଟକ ରଖିଛି। ଅଭିଯୁକ୍ତମାନେ ହାତୀ ଶିକାର ପାଇଁ ଘର ପାଖ ଏଲ୍‌ଟି ଲାଇନରୁ ତାର ଟାଣି ଜଙ୍ଗଲରେ ବିଛାଇଥିଲେ। ତଦନ୍ତ ବେଳେ ଟାଟା ପାୱାର କମ୍ପାନୀର ଅଧିକାରୀ ଉପସ୍ଥିତ ଥିଲେ ବୋଲି ଡିଏଫ୍‌ଓ ଧନରାଜ ଏଚଡି ସୂଚନା ଦେଇଛନ୍ତି। ମୃତ ମାଈ ହାତୀର ବୟସ ୧୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୧୦ ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ବେଳେ ବିଳମ୍ବରେ ଜାଣିବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ରେଞ୍ଜରେ କିଛି ମାସ ତଳେ ବିଦ୍ୟୁତ୍ ଆଘାତରେ ଏକ ହାତୀର ମୃତ୍ୟୁ ଘଟିଥିଲେ ହେଁ ବିଳମ୍ବରେ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଥିବାବେଳେ ଫରେଷ୍ଟର ଏବଂ ଗାର୍ଡଙ୍କୁ ବଦଳି କରି ଦାୟିତ୍ୱ ଶେଷ କରିଥିଲା। ଉକ୍ତ ରେଞ୍ଜରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟୁଥିଲେ ହେଁ ଏ ନେଇ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ୧୪ମାସରେ ଫେରସ୍ତ ହେଲାଣି ୫୦କୋଟି

## ୧,୩୩,୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିଛି ଟଙ୍କା

ଭୁବନେଶ୍ୱର,୨୨।୯
(ରବିନାରାୟଣ ଜେନା)

ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ୧ଲକ୍ଷ ୩୩ ହଜାର ୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ସରକାର ସବୁବେଳେ ଚିନ୍ତିତ ଓ ତାଙ୍କୁ ଫେରସ୍ତ କରିବା ପ୍ରକ୍ରିୟା ଜାରି ରହିଛି।

ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୧୪ମାସ ମଧ୍ୟରେ ସରକାର ୪୯,୬୭,୬୮,୫୪୮ଟଙ୍କା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫେରସ୍ତ କରିଛନ୍ତି। ସେଥିମଧ୍ୟରେ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ, ହାଇ-ଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ୍ କମ୍ପାନୀର ଏବଂ ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟରେ ସୁପାରିସ କରାଯାଇଥିବା ଜମାକାରୀଙ୍କୁ ମିଶାଇ ସର୍ବମୋଟ ୧,୩୩,୭୫୫ କ୍ଷତିଗ୍ରସ୍ତ ଜମାକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ତେବେ ତଦନ୍ତ କମିଶନ ତାଙ୍କ ଅନ୍ତରୀଣ ରିପୋର୍ଟରେ ୪,୭୨,୬୫୧ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥ ଫେରସ୍ତ ପାଇଁ ସୁପାରିସ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬,୮୦୧ କ୍ଷୁଦ୍ର ଜମାକାରୀଙ୍କୁ ୪୬ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୩୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ସୃଷ୍ଟି କରିଛନ୍ତି। ରାଜ୍ୟରେ ଆନୁମାନିକ ୨୪,୭୫,୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬୮୬୦,୧୪,୪୨,୨୬୩ ଟଙ୍କା ବିଭିନ୍ନ ବେଆଇନ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜି ନିବେଶ କରିଛନ୍ତି। ଅଦ୍ୟାବଧି ୩,୧୬,୦୬୩ ଜମାକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

# ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯ ଟଙ୍କା: ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ଋଣ ଭାର ୧.୩୪ ଲକ୍ଷ କୋଟିକୁ ଟପିବ

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ। ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଗୃହକୁ ଦର୍ଶାଇଛନ୍ତି, ୨୦୦୦-୦୧ରେ ରାଜ୍ୟରେ ୨୧ହଜାର ୧କୋଟି ୮୮ଲକ୍ଷ ଟଙ୍କା ଋଣଭାର ଥିବାବେଳେ ଏହା ୨୦୧୩-୧୪ ଆର୍ଥିକବର୍ଷ ଶେଷସୁଦ୍ଧା ୩୮ହଜାର ୬୬୬ କୋଟି ୨୪ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷ ଶେଷସୁଦ୍ଧା ଏହା ୯୬,୩୧୦କୋଟି ୪୦ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ୧,୩୪, ୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ମୁଖ୍ୟମନ୍ତ୍ରୀ ସୋମବାର ଦର୍ଶାଇଛନ୍ତି, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ନିଟ୍ ୨୪,୪୦୦ କୋଟି ଟଙ୍କା ଋଣ ଆହରଣ କରିଛନ୍ତି। ଋଣ ପରିମାଣ ହ୍ରାସ ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି। ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। 'ଏସ୍‌ଏଏସ୍‌ସିଆଇ' ଯୋଜନା ଅଧୀନରେ ୫୦ ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଉଛି। ଏହି ପଦକ୍ଷେପରୁ ରାଜ୍ୟର ପ୍ରତିବର୍ଷ ସୁଧଦେୟର ଭାର ହ୍ରାସ ପାଉଛି। ଏହାସହିତ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ତଥା ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ରାଜ୍ୟ ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ଏହା ବ୍ୟତୀତ ସୁଧ ଦେୟ ଓ ମୋଟ ରାଜସ୍ୱର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଦରକାର। ତେବେ ରାଜ୍ୟର ଋଣଭାର ଓ ରାଜ୍ୟ ଜିଏସ୍‌ଡିପି ଅନୁପାତ ବର୍ଷ ୨୦୨୪-୨୫ ଶେଷରେ ୧୨.୭୨ ପ୍ରତିଶତ ଏବଂ ସୁଧ ଦେୟ ଓ ରାଜ୍ୟର ମୋଟ ରାଜସ୍ୱର ଅନୁପାତ ଏହି ବର୍ଷରେ ୨.୮୭ ପ୍ରତିଶତ ଅଟେ। ଏହିସବୁ ଅନୁପାତ ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ କମ୍ ଅଟେ। ୨୦୨୪-୨୫ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯.୩୬ ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।




# କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ

## ପଥର ଖସି ରାସ୍ତାରେ ଖାଲ, ମରାମତି କାର୍ଯ୍ୟ ବନ୍ଦ

ଫୁଲବାଣୀ/ଜି.ଉଦୟଗିରି/ଭଞ୍ଜନଗର,୨୨।୯(ରାକେଶ କୁମାର ରାଉତ/ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ/ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ସୋମବାର ପୁଣି ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ଯୋଗୁ ୧୫୭ ନଂ. ଜାତୀୟ ରାଜପଥରେ ପୁଣି ଥରେ ପଥର ଖସି ୪୦/୫୦ ଫୁଟର ଖାଲ ସୃଷ୍ଟି ହୋଇଛି। ଗତ ୧୬ ତାରିଖରେ ଉକ୍ତ ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ପ୍ରାୟ ୧୦୦ ଫୁଟ ଉଚ୍ଚ ପାହାଡ଼ରୁ ୫୦ ଫୁଟ ଓସାରରେ ମାଟି ଧସିଥିଲା। ବଡ଼ ବଡ଼ ପଥର ଖସି ଜାତୀୟ ରାଜପଥ ଧୋଇ ହୋଇଯାଇଥିଲା। ସେବେଠାରୁ କନ୍ଧମାଳରୁ ଗଞ୍ଜାମ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କିଭଳି ଏହି ରାସ୍ତା କମ୍ ସମୟ ଭିତରେ ସ୍ୱାଭାବିକ ହୋଇପାରିବ ତା'ର ବ୍ୟବସ୍ଥା କରି ମରାମତି କାର୍ଯ୍ୟ ଚଳାଇ ଥିବା ବେଳେ ଏବେ ପୁଣି ଥରେ ପଥର ଖସିଛି। ମରାମତି କାମ ଚାଲୁଥିବା ସ୍ଥାନରେ ପୁଣି ଭୂସ୍ଖଳନ ଘଟିଥିବା ବେଳେ ପ୍ରବଳ ବର୍ଷା ଓ ପାଣି ସ୍ରୋତରେ ରାସ୍ତା ନିର୍ମାଣ ପାଇଁ ଥିବା ସମସ୍ତ ସାମଗ୍ରୀ ଧୋଇଯାଇଛି। ପଥର ଖସିବା ଯୋଗୁ ଶ୍ରମିକମାନେ କାମ ବନ୍ଦ ରଖିଛନ୍ତି। ପଥର ଖସି ରାସ୍ତାକୁ ଅବରୋଧ କରିଥିବାରୁ ନିର୍ମାଣାଧୀନ କାମରେ ବାଧା ସୃଷ୍ଟି ହେଉଛି। ପାହାଡ଼ ଉପରେ ଅନ୍ୟ ବଡ଼ ପଥର ମଧ୍ୟ ଅଧାରେ ଅଟକି ରହିଛି। ଏହି ସମୟରେ ଜାତୀୟ ରାଜପଥ ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶାନ୍ତନୁ ସାହୁ ଓ ଚିଫ୍ କଣ୍ଟ୍ରୋଲିଂ ଇଞ୍ଜିନିୟର ବିକ୍ରମ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି। ପୁଣିଥରେ ଭୂସ୍ଖଳନ ଘଟିବାରୁ ମରାମତି କାମ କେବେ ସମାପ୍ତ ହେବ ସେଥି ନେଇ ଅନିଶ୍ଚିତତା ଦେଖାଦେଇଛି।

ଏ ସମ୍ପର୍କରେ କାମ କରୁଥିବା ସଂସ୍ଥାର ପରିଚାଳକ ଗଜରାଜ ସିଂ କହିଛନ୍ତି ସୋମବାର ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଥିଲା। ପାହାଡ଼ରୁ ବଡ ବଡ ପଥର ଖସିବାରୁ ଆମେ ଯେଉଁ କାମ କରିଥିଲୁ, ତାହା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ପୁଣି କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘାଟି ରାସ୍ତା ମରାମତି କାମ ଚାଲିଥିଲା। ଏକ୍ସପର୍ଟ ଟିମ ଆସି ନାହାନ୍ତି। ବର୍ଷା ଯୋଗୁ କାମ ଯାହା ହୋଇଥିଲା ତାହା ଧୋଇଯାଇଛି। ବର୍ଷା କମିଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି।




# ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ

## ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଥିବା ନେଇ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଅଧିନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ସୋମବାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୫ଟି ବିଶ୍ୱବିଦ୍ୟାଳୟର କୁଳସଚିବମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ମସିହାରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯାଇଥିବାରୁ ଓଡ଼ିଶାର ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ୨୦୨୫ ମାର୍ଚ୍ଚ ୨୧ ତାରିଖ ସୁଦ୍ଧା ୨୮୫ଟି ଅନୁମୋଦିତ ପ୍ରଫେସର ପଦବୀ ଥିବାବେଳେ ୨୪୨ ପଦବୀ ଖାଲିପଡ଼ିଛି। ସେହିପରି ଅନୁମୋଦିତ ଆସୋସିଏଟ୍ ପ୍ରଫେସର ପଦବୀ ୫୭୮ ମଧ୍ୟରୁ ୪୩୬ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ଅନୁମୋଦିତ ୧୧୪୩ରୁ ୬୫୪ଟି ଖାଲି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୬୧, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୮, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୭୬, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪୯, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ୨୦, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫, ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟରେ ୯୬ ଅଧ୍ୟାପକ ପଦବୀ ଖାଲିପଡ଼ିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜାତୀୟ ଆୟୁର୍ବେଦ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୩୦।
- କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଶାନ୍ତି କମିଟିର ବୈଠକ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରୀୟ ଅଭିଲେଖାଗାର ଓଡ଼ିଶା ପକ୍ଷରୁ ୧୮ତମ ମାସିକ ଆଲୋଚନାଚକ୍ର, ସ୍ଥାନ: ରାଷ୍ଟ୍ରୀୟ ଅଭିଲେଖାଗାର, ଏମ୍,୭୯, ମଧୁସୂଦନ ନଗର, ସମୟ: ଅପରାହ୍ନ ୫ଟା।
- ସ୍ୱରାଞ୍ଜଳୀ ପକ୍ଷରୁ 'ଲତା ନାଇଟ୍' ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଜନକଲ୍ୟାଣ କ୍ଲବ୍‌ର ୫୭ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କ୍ଲବ୍ ପରିସର, ୟୁନିଟ୍ –୯, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ୨୩ତମ ସ୍ମୃତି ସମାରୋହ, ସ୍ଥାନ: ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ ଅଡ଼ିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଗବେଷଣା ଓ ପ୍ରକାଶନ ନୀତି–୨୦୨୫ ସମ୍ପର୍କିତ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ମିଶନ ଶକ୍ତି ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ବାସୁଦେବପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଞ୍ଚାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାକବଙ୍ଗଳା ପରିସର, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ମା' ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା ।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ, ସ୍ଥାନ: ୟୁନିୟନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ୬୮ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ, ସ୍ଥାନ: ଢେଙ୍କାନାଳ ଜିଲା ଲେଖକ ସଂସଦ, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ମିଶନ ବାତ୍ସଲ୍ୟ ଅନ୍ତର୍ଗତ ଏସ୍ଏଫ୍‌ସିଏସି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଟିବି ଫୋରମ ବୈଠକ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗତ୍‌ସିଂହପୁର ପୁସ୍ତକ ମେଳା କମିଟି କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆଲୁମ୍‌ନି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

**ଯାଜପୁର**
- ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଅବସରରେ ରଥୋପରି ଷୋଡ଼ଶ ଉପଚାର ପୂଜା ଓ ରଥ ଚାଳନା, ସ୍ଥାନ : ମା ବିରଜା ମନ୍ଦିର ପରିସର, ସମୟ: ଅପରାହ୍ନ ସାଢ଼େ ୩ଟା।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ଦେଉଳି ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ସପ୍ତମ ଦିବସ, ସ୍ଥାନ: ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଅୟମାରମ୍ଭ ଦିବସରେ ପାହାଡ ଶିଖରରେ ଭକ୍ତମାନଙ୍କ ସମାଗମ, ସ୍ଥାନ: ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ: ସକାଳ ୮ ଟା ।

**ରାୟଗଡ଼ା**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା, ସ୍ଥାନ: ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସର, ସମୟ: ସକାଳ ୯ ଟା ।

**ନବରଙ୍ଗପୁର**
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରାଇଘର ରାଇଘର ବ୍ଲକ ତୁରୁଡ଼ିହି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ରାୟଗଡ଼ା ଜିଲାପାଳ କାର୍ଯ୍ୟାଳୟ,
- ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ସ୍ୱୋସାଲିଷ୍ଟ ସ୍ୱାସ୍ଥ୍ୟମେଳା, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାବଣାଗୁଡା, ଜୟପୁର, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲମତାପୁଟ, ସମୟ: ସକାଳ ୯ଟା।
- ଜଙ୍ଗଲ ଅଧିକାର ଆଇନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ କୋରାପୁଟ ବ୍ଲକ ଗସ୍ତ, ସ୍ଥାନ: କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଳନ ନେଇ ନନ୍ଦପୁର ପୋଲିସ, ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦପୁର ଥାନା ପରିସର, ସମୟ: ଅପରାହ୍ନ ୪ଟା।
- ନୀତିଆୟୋଗର ପ୍ରଥମ ହଜାର ଦିନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଅନେଶ୍ୱା ହଷ୍ଟେଲର ବିଭିନ୍ନ ସାମଗ୍ରୀ କିଣା ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

**ମାଲକାନଗିରି**
- ଜଳ ଓ ପରିମଳ ସ୍ୱଚ୍ଛତା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ମାଲକାନଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଦଶହରା ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ : ସମଲେଇ ମନ୍ଦିର ପରିସରସ୍ଥ ଦୀପ ଘର, ସମୟ : ସକାଳ ୬ଟା।
- ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ ନିତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା ପୂର୍ବାହ୍ନ ୧୧ଟା ୪୫।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଳା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଦରମା ପ୍ରଦାନ ଦାବିରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରଙ୍କ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାବା ଖଣ୍ଡୁଆଳ ଖେଳ ପଡିଆ, ଥୁଆମୂଳ ରାମପୁର, ସମୟ: ଅପରାହ୍ନ ୪ ଟା।

**ବୌଦ୍ଧ**
- ମନମୁଣ୍ଡାକୁ ଏନ୍ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ ମନମୁଣ୍ଡା ବନ୍ଦ, ସ୍ଥାନ: ମନମୁଣ୍ଡା, ସମୟ ସକାଳ ୬ଟା।
- ବନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଗଜାନନ ନର୍ସରୀ, ବାମଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପ୍ରନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ରର ଦ୍ୱିତୀୟ ଦିବସ ପୂଜାର୍ଚ୍ଚନା, ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।

**ନୂଆପଡ଼ା**
- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ନବରାତ୍ର ପୂଜା, ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରେସନ ଭବନ, ଖଡ଼ିଆଳ, ସମୟ: ସକାଳ ୯ ଟା।
- ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତିଙ୍କ ଯୋଗଦାନ, ସ୍ଥାନ: ଅଗ୍ରେସନ ଭବନ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସପ୍ତମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡା, ସମୟ: ପୂର୍ବାହ୍ନ ୧୧ ଟା
- ନାଗବାଚା ଗାଦି ଯାତ୍ରା ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲୁଣ୍ଡି ଗାଁ, ସମୟ: ଅପରାହ୍ନ ୫ ଟା ୩୦।

## ସାହସ ଥିଲେ ୭ ଦିନରେ ଛାତ୍ର ସଂସଦ ନିର୍ବାଚନର ବିଜ୍ଞପ୍ତି କାଢ଼ନ୍ତୁ: ଛାତ୍ର ବିଜେଡି

ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)

ଭାଜପା ସରକାରକୁ ଆସିବାର ୧୫ ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁ ଛାତ୍ରୀଛାତ୍ରଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଏବିଭିପି ଓ ଭାଜପା ଯୁବମୋର୍ଚ୍ଚା ମଧ୍ୟରେ ଥିବା ଆନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସୀତା ସାହୁ କହିଛନ୍ତି, ଚଳିତ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ କହୁଛନ୍ତି କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସାହସ ଅଛି ସରକାର ଆଗାମୀ ସପ୍ତାହକ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍‌ସୀତା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ନ ଖାଇବେ ଝିଅ**
**ତାକୁ ଜୋଇଁଙ୍କ ପତରେ ଦିଅ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାରେ ଯେମିତି କିଛି ଊଣା ରହି ନ ଯାଏ ସେନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘର କଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହା ମନ ଯହିଁକି ଯାଏ**
**ପଲାଉ ଫିଙ୍ଗି ପଖାଳ ଖାଏ।**

ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ରୁଚି ବା ପସନ୍ଦ ଅନୁସାରେ ଖାଦ୍ୟ ଚୟନ କରିଥାନ୍ତି। ମନୁଷ୍ୟର ରୁଚି, ଶ୍ରଦ୍ଧା ଅଶ୍ରଦ୍ଧା ତାହାର ମନ ଉପରେ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଜିଏସ୍‌ଟିରେ ସୁଧାର ସାଧାରଣ ଜନତାଙ୍କ ଲାଗି ଐତିହାସିକ ପଦକ୍ଷେପ: ମନମୋହନ

ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)

ଓଡ଼ିଶା ତଥା ସମଗ୍ର ଦେଶରେ ସୋମବାରଠାରୁ ନୂତନ ଜିଏସ୍‌ଟି ସୁଧାର ଲାଗୁ ହୋଇଛି। ଏହାଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କ ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ। ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ଧନ୍ୟବାଦ ଜ୍ଞାପନ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦି ଦଶହରା, ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜିଏସ୍‌ଟି ଉପହାର ଦେବାକୁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୩ ତାରିଖରେ ୫୬ ତମ ଜିଏସ୍‌ଟି ପରିଷଦ ବୈଠକରେ ସମସ୍ତ ରାଜ୍ୟର ସହମତିରେ 'ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର'କୁ ଗୃହୀତ କରାଯାଇଛି। ବିକଶିତ ଭାରତର ଗଠନ ପାଇଁ ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ବର୍ଗକୁ ପ୍ରାଧାନ୍ୟ ଦେଇ ବିରାଟ ଆର୍ଥିକ ସଂସ୍କାର କରାଯାଇଛି। ଏହା କେବଳ ଦୀପାବଳି ଉପହାର ନୁହେଁ ବରଂ ନୂଆ ପିଢ଼ି ପାଇଁ ଏବଂ ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନକାଳ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ମନମୋହନ କହିଛନ୍ତି। ଆଗାମୀ ପିଢ଼ିର ଜିଏସଟି ସୁଧାର କାରଣରୁ ଓଡ଼ିଶାର କୋଟି କୋଟି କୃଷକଙ୍କ ଆୟରେ ଆଖି ଦୃଶିଆ ଅଭିବୃଦ୍ଧି ହେବ। ୧୫ ଲକ୍ଷରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ତାଙ୍କ ପରିବାର ବର୍ଗ ଆର୍ଥିକ ଦୃଷ୍ଟିରୁ ଆହୁରି ସଶକ୍ତ ହେବେ। କୋଇଲାରେ ସେସ୍ ହଟାଇ ଦିଆଯିବା ଓ ଜିଏସ୍‌ଟି ହାରରେ ପରିବର୍ତ୍ତନ ଯୋଗୁ ଓଡ଼ିଶାର ରାଜସ୍ୱରେ ଅଭିବୃଦ୍ଧି ହେବ ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଚୌଦ୍ୱାର ଥାନାରେ...

ତଥ୍ୟ ଜଣାପଡ଼ିବ ବୋଲି ସାଧାରଣରେ ଦାବି ହେଉଛି। ମୃତକଙ୍କ ସାନ ଭାଇଙ୍କ ଅଭିଯୋଗ ଅନୁସାରେ ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ପୋଲିସ ଶନିବାର ରାତିରେ ରସାନନ୍ଦଙ୍କୁ ଘରୁ ଉଠାଇ ଆଣିଥିଲା। ଥାନାର ମୁଖ୍ୟ କୋଠରି ମରାମତି କାର୍ଯ୍ୟ ଚାଲୁଥିବାରୁ ଥାନାଠାରୁ ପ୍ରାୟ ୨୦୦ମିଟର ଦୂରରେ ଥିବା ପୋଲିସ ବାରାକ୍ ପରିସରରେ ରସାନନ୍ଦକୁ ରଖିଥିଲେ । ସେଠାରେ ରସାନନ୍ଦଙ୍କୁ ଥାର୍ଡ ଡିଗ୍ରୀ କରିବା ସହ ମାଡ଼ ମାରିଥିଲେ। ପରେ ରାତିରେ ରସାନନ୍ଦଙ୍କ ସୂଚନା ଆଧାରରେ ୨ଟି ବାଇକ୍ ଏବଂ ଗୋଟିଏ ମୋବାଇଲ୍ ପୋଲିସ ଜବତ କରିଥିଲା। ଏପରି କି ରସାନନ୍ଦଙ୍କ ସାନ ଭାଇଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଧିକ ପଚରାଉଚରା ସମୟରେ ୩ ଜଣ ପୋଲିସ ରସାନନ୍ଦଙ୍କ ଅଣ୍ଟା, ପିଠା, ଗୋଡ଼କୁ ନିସ୍ତୁକ ମାଡ ମାରିବା ସହ ମିଛ ଗଞ୍ଜେଇ କେସ୍‌ରେ ତାଙ୍କ ସ୍ତ୍ରୀକୁ ଫସେଇ ଦେବୁ ବୋଲି ପୋଲିସ ଧମକ୍ ମଧ୍ୟ ଦେଇଥିଲା। ରସାନନ୍ଦ ପୋଲିସର ମାଡ଼ ସହ୍ୟ କରି ନ ପାରି ଏଥିରୁ ବର୍ତ୍ତିବା ପାଇଁ ପରିସ୍ରା ବାହାନା ଦେଖାଇ ବାରାକ୍‌ର ପାଇଖାନାକୁ ଯାଇଥିଲେ। ପାଇଖାନାରୁ ଅଧିକ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପୋଲିସର ସନ୍ଦେହ ହୋଇଥିଲା। ପରେ ଯାଇ ଦେଖିଲା ବେଳକୁ ରସାନନ୍ଦ ବେକରେ ପୋଲିସର ହୁଇସିଲ୍ ଫିତା ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ପୋଲିସ ଲୁଚାଇବାକୁ ଭରପୁର ଚେଷ୍ଟା କରିଥିଲା। ଏପରି କି ରସାନନ୍ଦଙ୍କ ମୃତଦେହକୁ ପିସିଆର ଭ୍ୟାନ୍‌ରେ କଟକ ବଡ଼ ମେଡିକାଲ ନେଇ ଯାଇଥିଲା। ରସାନନ୍ଦଙ୍କୁ ଯେଉଁ ୩ ପୋଲିସ କର୍ମଚାରୀ ମାଡ଼ ମାରିଛନ୍ତି ଏବଂ ଆତ୍ମହତ୍ୟା ପାଇଁ ଦାୟୀ ରହିଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ସ୍ତ୍ରୀ ଦାବି କରିଛନ୍ତି।

### ଅଗ୍ରାହ୍ୟ ହେଲା...

ସ୍ଥିତିରେ ନାହିଁ, ଯେଉଁଥିଲାଗି ଏହି ନୋଟିସ୍ ଆଲୋଚନାକୁ ଆଣିପାରୁ ନ ଥିବା କହିଥିଲେ। ଗୃହ କାର୍ଯ୍ୟ ସ୍ୱାଭାବିକ ହେଲେ ଏହା ଆଲୋଚନା ପାଇଁ ଅଣାଯିବ ବୋଲି କହିଥିଲେ। ହେଲେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିଲା ନାହିଁ। ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ତାହା ଗୃହକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିୟମାନୁଯାୟୀ ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ଏହା ଗୃହରେ ଆଲୋଚନା ପାଇଁ ଅଣାଯିବା କଥା। ହେଲେ ସେହି ସମୟରେ ଗୃହ ସ୍ୱାଭାବିକ ରହିଲା ନାହିଁ। ଯେଉଁଥିଲାଗି ଏହାର ସମୟ ଅବଧି ଚାଲିଯାଇଛି। ସେଥିପାଇଁ ଅନାସ୍ଥା ନୋଟିସ୍ ଅଗ୍ରାହ୍ୟ ହୋଇଛି ବୋଲି ବାଚସ୍ପତି କହିଥିଲେ। ବାଚସ୍ପତିଙ୍କ ଏହି ସ୍ପଷ୍ଟୋକ୍ତି ପରେ ଗୃହ ଭିତରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଏହାପରେ ସେମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ସରକାର ବିରୋଧୀ ନାରା ଦେଇଥିଲେ। କିଛି ସମୟ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା କହିଥିଲେ, ତାଙ୍କ ଦଳର ସଂଖ୍ୟା ଗୃହରେ କମ୍ ଥିବା ଯୋଗୁ ତାଙ୍କ କଥାକୁ ଅଣଦେଖା କରାଯାଉଛି। ଯେଉଁଥିପାଇଁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଗାନ୍ଧୀ ମୂର୍ତ୍ତି ତଳେ ଯାଇ ଧାରଣାରେ ବସିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାମଚନ୍ଦ୍ର କାଡାମ କହିଛନ୍ତି, ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଭାଜପା ଏବଂ ବିଜେଡି ମିଶିକି ଗୃହକୁ ଜାଣିଶୁଣି ଅଚଳ ରଖୁଛନ୍ତି। କିଛି ସମୟ ପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିଲେ କଂଗ୍ରେସ ସଦସ୍ୟମାନଙ୍କୁ ଗୃହକୁ ଆସିବା ଲାଗି ଯାଇ ବୁଝାନ୍ତୁ। କିଛି ସମୟ ପରେ ସରକାରୀ ଦଳ ମୁଖ୍ୟ ସଚେତକ ଫେରି ଗୃହରେ ବାଚସ୍ପତିଙ୍କୁ ଜଣାଇଥିଲେ, କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିବାକୁ ରାଜି ହୋଇଛନ୍ତି। ହେଲେ ସେମାନେ ଆଲୋଚନା କରିବା ପରେ ଜଣାଇବେ ବୋଲି କହିଛନ୍ତି।

ସେହିପରି ସୋମବାର ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଅନାସ୍ଥା ନ ଆଣିବାକୁ ଫନ୍ଦି କରାଯାଇଛି ବୋଲି ଅଭିଯୋଗ କରିବା ସହିତ 'ବିଜେଡି–ଭାଜପା ଭାଇ ଭାଇ ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ' ଲେଖାଥିବା ପୋଷ୍ଟର, ପ୍ଲାକାର୍ଡ ଦେଖାଇ ହୋହଲ୍ଲା କରିଥିଲେ। ଏଭଳି ସ୍ଥିତି ପରେ ୭ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବାଚସ୍ପତି ୭ ମିନିଟ୍ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଗୃହରେ ଆସିଲେ ବିଚାର କରାଯିବ ବୋଲି ପୂର୍ବରୁ କହିଥିବା ବିଜେଡି ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଥିଲା। ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ଚାଲିବା ପାଇଁ ବିଜେଡି ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଫଳରେ ଗତ ୧୮ ତାରିଖରୁ ଚାଲିପାରୁ ନ ଥିବା ବିଧାନସଭା ସ୍ୱାଭାବିକ ସ୍ଥିତିକୁ ଫେରିଥିବାର ଦେଖିବାକୁ ମିଳିଥିଲା। ହେଲେ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେବାପରେ ମଧ୍ୟ ବିରୋଧୀ ଦଳର କୌଣସି ସଦସ୍ୟ ପଦୁଟିଏ କହି ନ ଥିଲେ।

### ବଳଙ୍ଗା ପୀଡ଼ିତା ନିଜେ...

ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ, କେଜେଣ ଅଜଣା ବ୍ୟକ୍ତି ତାଙ୍କ ଝିଅକୁ ବଳପୂର୍ବକ ନଦୀକୂଳକୁ ନେଇ କିରୋସିନ ଏବଂ ପେଟ୍ରୋଲ ଢାଳି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଏହି ଆଧାରରେ ବଳଙ୍ଗା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଗ୍ରାମବାସୀ ପୀଡ଼ିତା ଝିଅକୁ ପୋଡ଼ିଯାଇଥିବା ଅବସ୍ଥାରେ ପିପିଲି ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ଓ ସେହିଦିନ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୦ରେ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସରକାରଙ୍କ ତରଫରୁ ବିମାନ ଯୋଗେ ଦିଲ୍ଲୀର ଏମ୍ସକୁ ପଠାଯାଇଥିଲା। ଦିଲ୍ଲୀ ଏମ୍ସରେ ପ୍ରାୟ ୧୪ ଦିନ ଚିକିତ୍ସା ଚାଲିଥିବାବେଳେ ଅଗଷ୍ଟ ୨ରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଏମ୍ସରେ ଚିକିତ୍ସା କରୁଥିବା ଡାକ୍ତର ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଲିପିବଦ୍ଧ କରିଥିଲେ। ଉଭୟ ଜମାନବନ୍ଦୀରେ ପୀଡ଼ିତା କହିଥିଲେ, ସେ ନିଜେ ନିଜ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୀର୍ଘଦିନାନ୍ତେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ସଭାସମିତିରେ ଉନ୍ନତ ଆଲୋଚନା ସାଙ୍ଗକୁ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ସହକର୍ମୀଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତାକୁ ଦୂରେଇବାରେ ନୂତନ କୌଶଳ ଅବଲମ୍ବନ କରିବେ।

**ବୃଷ**
ପରିବାରର ବାରଣ ନ ମାନି ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନବାହନ ମରାମତି ଏବଂ ଦୋକାନର ଉନ୍ନତି କାରଣରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନ୍‌ସନ ଲାଗିରହିବା ସୂଚନା ରହିଛି। ବିଗତ ଦିନରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯାଇପାରେ।

**ମିଥୁନ**
ଆଜି ଆନୁଷ୍ଠାନିକ କାମରେ ନିୟୋଜିତ ହେବେ। ଜମିଜମା, ପୁରୁଣା ଗାଡ଼ି କିମ୍ବା ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟିହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**
ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପଛରେ ବହୁ ସମାଲୋଚନା ଶୁଣିବାକୁ ପଡ଼ିବ। ଆଜି ଟଙ୍କା ପଇସା ଦିଆନିଆରେ ସତର୍କ ରହିବା ଭଲ ହେବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧିପାଇବ।

**ସିଂହ**
କର୍ମକ୍ଷେତ୍ରରେ ଅଳସୁଆମି, ଅବହେଳା ଏବଂ ଅବିଚାର ଯୋଗୁ କାମଟି ବିଗିଡ଼ିଯାଇପାରେ। ପୁତ୍ରକନ୍ୟାହେତୁକ ସମସ୍ୟା ଦୁଶ୍ଚିନ୍ତା ସୃଷ୍ଟିକରିବ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମର ସାମ୍ନା କରିବାକୁ ପଡ଼ିବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଆଜି ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଠିକ୍ ଭାବେ ସମ୍ପନ୍ନହେବା କଷ୍ଟକରହେବ। ସାମ୍ନାରେ ମିଠାକଥା କହି ପରୋକ୍ଷରେ ଶତ୍ରୁତା କରୁଥିବା ଲୋକଙ୍କ ପ୍ରତି ସତର୍କ ରହିବା ଭଲ। ନିର୍ମାଣାଧୀନ କାମକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ସେବା ଓ ପରୋପକାର ପ୍ରବୃତ୍ତିରୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ତୁଳା**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କୌଣସି କାମ ଅଟକି ରହିବନାହିଁ। ପ୍ରକୃତ ସତ୍ୟ ଉପଲବ୍ଧି ନ କରି ଘଟଣାକୁ ନେଇ ଅତିରିକ୍ତ ଭାବରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ପ୍ରଶାସନିକ କ୍ଷେତ୍ରର ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି।

**ଧନୁ**
ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରି ଆତ୍ମସନ୍ତୋଷ ଲାଭକରିବେ। ବନ୍ଧୁମିଳନ ଅବସରରେ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇଦେଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଆନନ୍ଦିତ ହୋଇପାରନ୍ତି।

**ମକର**
ମନକଥାକୁ ମନରେ ରଖି ମୁହଁରେ ହସ ଫୁଟାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଜି ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାରମ୍ଭ ପାଇଁ ମନ ବଳାଇପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ**
ପଡ଼ୋଶୀଙ୍କ ସହ ସୁସମ୍ପର୍କ ଅଭାବରୁ ବିବାଦଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇରହନ୍ତୁ ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ**
ମାନସିକ ଅସ୍ଥିରତା କାରଣରୁ ଆଜି କାମ ଉତ୍ସାହପ୍ରଦ ହେବନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ସେପ୍ଟେମ୍ବର ୨୩ ତାରିଖ ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର–ଦିବା ଘ.୦୧।୪୦ ପର୍ଯ୍ୟନ୍ତ ହସ୍ତା/କନ୍ୟା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୮ ଗତେ, ଘ.୦୪।୦୮ ମଧ୍ୟେ ରାହୁକାଳ।

# ଧରିତ୍ରୀର ବରିଷ୍ଠ ସହସମ୍ପାଦକଙ୍କ ମାତୃ ବିୟୋଗ

ମଙ୍ଗୁଳି-ଜଗତପୁର,୨୨।୯
(ମାନସ କୁମାର ସାମଲ)


କୁନ୍ତଳା ଷଡ଼ଙ୍ଗୀ

କଟକ ଜିଲା ଟାଙ୍ଗୀ ବ୍ଲକ ନିମାଇସାପୁର ଗାଁର ବୟୋଜ୍ୟେଷ୍ଠ ତଥା ଧର୍ମପରାୟଣ ମହିଳା କୁନ୍ତଳା ଷଡ଼ଙ୍ଗୀଙ୍କ ରବିବାର ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ତଥା ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସରପଞ୍ଚ ଭରତ ବେହେରା, ଟାଙ୍ଗୀ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ବରିଷ୍ଠ ନେତା ପରମାନନ୍ଦ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, କିଛିବର୍ଷ ପୂର୍ବେ କୁନ୍ତଳାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ଷଡ଼ଙ୍ଗୀଙ୍କର ଦେହାନ୍ତ ହୋଇଯାଇଥିଲା। ମହାଳୟା ତିଥିରେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଅସ୍ଥି ବିସର୍ଜନ କରାଯାଇଥିବାବେଳେ ସେହିଦିନ ହିଁ କୁନ୍ତଳାଙ୍କର ମୃତ୍ୟୁ ଘଟିଲା।

# ପ୍ରଧାନମନ୍ତ୍ରୀ କହିଥିଲେ, ଯାଞ୍ଚ କରାନ୍ତୁ ମୁଖ୍ୟମନ୍ତ୍ରୀ

- ଯଦି କାହାକୁ ଦୁଃଖିତ କରିଛି ମୋ କଥା ଫେରାଇ ନେଉଛି: ବିଭୂତି
- ଚିହିଁକି ଉଠିଲା ବିଜେଡି, କହିଲା ବିବରଣୀରୁ ବାଦ୍ ଦିଅ
- ସିଏ କାହାକୁ ଦୁଃଖ ଦେଲାଭଳି କହିନାହାନ୍ତି, ଭାବବିହ୍ୱଳ ହୋଇ କହିଲେ: ବାଚସ୍ପତି

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା କିଛିଦିନ ତଳେ ଖରାପ ଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ଦେଖିବା ପାଇଁ ସବୁ ଦଳର ନେତା, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ସମସ୍ତେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟେଲିଫୋନ ଯୋଗେ କଥା ହୋଇଥିଲେ। ନବୀନବାବୁଙ୍କୁ ସମସ୍ତେ ଭଲ ପାଆନ୍ତି। ସେବେଠାରୁ ସେହି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି କଥା ବାରମ୍ବାର ନଜରକୁ ଆସୁଛି। ନିକଟରେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦେଖିବାକୁ ମିଳିଥିଲା, ଯେତେବେଳେ ନବୀନ ଅସୁସ୍ଥ ସେତେବେଳେ ତାମିଲବାବୁ ସକ୍ରିୟ। ଯେତେବେଳେ ନବୀନ ସୁସ୍ଥ, ସେତେବେଳେ ତାମିଲବାବୁ ସନ୍ନ୍ୟାସ। ଭାଜପା ସରକାରକୁ ଆସିବା ପୂର୍ବରୁ ଏକ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ଗସ୍ତରେ ଆସିଥିଲେ। ଏକ ସଭାକୁ ସମ୍ବୋଧିତ କରିବା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କର କ'ଣ ହୋଇଛି ଜଣାପଡୁନି। ତେଣୁ ରାଜ୍ୟରେ ଭାଜପା ସରକାର ଆସିଲେ ଏକ କମିଟି କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରି ତାଙ୍କ ଦେହ ଖରାପ ହେବା ପଛରେ କିଏ, ଦୋଷୀକୁ ଧରାଯିବ ବୋଲି କହିଥିଲେ। ଏବେ ରାଜ୍ୟରେ ଭାଜପା ସରକାର ଆସିଛି। ମୁଖ୍ୟମନ୍ତ୍ରୀ ଏକ କମିଟି ଗଠନ କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରନ୍ତୁ ବୋଲି ଭାଜପା ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ବିଧାନସଭାରେ ପଏଣ୍ଟ ଅଫ ଅର୍ଡର ଆଣି କହିଥିଲେ। ବିଭୂତିଙ୍କ ଏଭଳି କଥା ପରେ ସଙ୍ଗେସଙ୍ଗେ ବିଜେଡି ସଦସ୍ୟମାନେ ଗୃହରେ ଚିହିଁକି ଉଠିଥିଲେ। ପ୍ରଥମେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଭୂତିଙ୍କ କଥାକୁ ବିରୋଧ କରିବା ସହ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେ କିଛି କାମରେ ନୂଆଦିଲ୍ଲୀ ଗସ୍ତରେ ଥିବା କହିଥିଲେ। ଏହାସହ ବିଭୂତିଙ୍କ କଥାକୁ ବିଧାନସଭା ବିବରଣୀରୁ ବାଦ୍ ଦେବା ପାଇଁ ଦାବି କରିଥିଲେ। ଏହାପରେ ସଙ୍ଗେସଙ୍ଗେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମଧ୍ୟ ଏହାକୁ ବିରୋଧ କରିବା ସହ ଭାଜପା ନେତାମାନେ ପ୍ରତି ୮ ଦିନରେ କାହିଁକି ଦିଲ୍ଲୀ ଯାଉଛନ୍ତି ସେକଥା ବିଜେଡି ପଚାରୁଛି କି ବୋଲି କହିଥିଲେ। ଏହାପରେ ବିଜେଡିର ସମସ୍ତ ସଦସ୍ୟ ନିଜ ଆସନରେ ଠିଆ ହୋଇ ବିଭୂତି ଗୃହରେ ଦେଇଥିବା କଥା ବିଧାନସଭା ବିବରଣୀରୁ ବାଦ୍ ଦିଆଯାଉ ବୋଲି ଦାବି କରିଥିଲେ। ହେଲେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ଆସନରେ ବସିବା ପାଇଁ କହିଥିଲେ। ସରକାରୀ ଦଳର ସଦସ୍ୟ ଯାହା କହିଛନ୍ତି ତାହା ସଂସଦୀୟ ବ୍ୟାପାର ବାହାରର ଶବ୍ଦ ନୁହେଁ। ତାଙ୍କ ବିବୃତି ମୁତାବକ କିଛି ଯାଞ୍ଚ କରାଯିବ ନାହିଁ। ତାଙ୍କ କଥା ଉପରେ ତର୍ଜମା କରିବାର ଆବଶ୍ୟକତା ନାହିଁ ବୋଲି କହିବା ସହ ସମସ୍ତଙ୍କୁ ବସିବା ପାଇଁ ଅନୁରୋଧ କରିଥିଲେ। ଏହାସହ ବିଭୂତି କାହାକୁ ଆଘାତ ଦେବା ଭଳି କଥା କହି ନାହାନ୍ତି ବରଂ ସେ ଭାବବିହ୍ୱଳ ହୋଇ ଏହା କହିଥିଲେ ଏବଂ ଗୃହକୁ ସୂଚିତ କରିଥିଲେ। ହେଲେ ବିଜେଡି ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କିଛି ସମୟ ପରେ ବିଭୂତି ପ୍ରଧାନ ପୁଣିଥରେ ଠିଆ ହୋଇ ଯଦି ତାଙ୍କ କଥା ବିବରଣୀରୁ ବାଦ୍ ଦିଆ ନ ଯାଏ ତେବେ ଗୃହ ଛାଡ଼ିବାକୁ ଚେତାବନୀ ଦେଇଥିଲେ। କିଛି ସମୟ ପରେ ବିଭୂତି ତାଙ୍କ ସ୍ଥାନରେ ଠିଆ ହୋଇ ଆଉଥରେ କହିଥିଲେ। କାହାକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନ ଥିଲା। ଯଦି ତାଙ୍କ କଥା କାହାକୁ ଦୁଃଖ ଦେଇଛି ତେବେ ସେ ତାଙ୍କ କଥାକୁ ପ୍ରତ୍ୟାହାର କରି ନେଉଛନ୍ତି ବୋଲି କହିଥିଲେ। ଏହାପରେ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିଥିଲା। ଅନ୍ୟପକ୍ଷରେ ବିଭୂତିଙ୍କ ଏଭଳି କଥା କାହାକୁ ମୁଖ୍ୟତଃ ଲକ୍ଷ୍ୟ କରି କୁହାଯାଇଥିଲା ବୋଲି ବିଧାନସଭାର ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଏବଂ ଆଲୋଚନା ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଥିବା କଥା ପାଳନ କରାଯିବା ଦରକାର କହି ପରୋକ୍ଷରେ ସେ କେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଦମ୍ପତି ମୃତ, ନାବାଳିକା ଝିଅ ଗୁରୁତର

## ଶୋଇଥିବା ବେଳେ ଭୁଶୁଡ଼ିଲା କାନ୍ଥ

ବସ୍ତା,୨୨।୯
(ହରିଶଙ୍କର ପାଢ଼ୀ)


ଭୁଶୁଡ଼ି ପଡ଼ିଥିବା କାନ୍ଥ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ପରିବାରରେ ମା', ବାପା ଓ ନାବାଳିକା ଝିଅ ରାତିରେ ଶୋଇଥିବା ବେଳେ ହଠାତ୍ କାନ୍ଥ ଭୁଶୁଡି ପଡିବାରୁ ୩ଜଣ ଯାକ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପୂର୍ବରୁ ଦମ୍ପତିଙ୍କର ମୃତ୍ୟୁ ହୋଇଯାଇଥିଲା। ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଦମ୍ପତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକା ଝିଅ ଚିକିତ୍ସାଧୀନ ଅଛନ୍ତି।

ରବିବାର ରାତିରେ ଖାଇସାରିବା ପରେ ଗ୍ରାମର ପୀଠ ମୁର୍ମୁ, ସ୍ତ୍ରୀ ମୀନତି ଓ ୧୨ ବର୍ଷୀୟା ନାବାଳିକା ଝିଅ ଲକ୍ଷ୍ମୀ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ କାନ୍ଥ ଭୁଶୁଡ଼ି ପଡିବାରୁ ପୀଠ, ମୀନତି ଓ ଝିଅ ଲକ୍ଷ୍ମୀ କାନ୍ଥ ତଳେ ଚାପି ହୋଇ ରହିଥିଲେ। ଗାଁ ଲୋକେ ଚିତ୍କାର ଶୁଣି ଦୌଡି ଆସି ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା (ନଂ. ୨୭/୨୫ ଓ ୨୮/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଦମ୍ପତିଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ଓଡ଼ିଶା ସାହିତ୍ୟ ଏକାଡେମୀକୁ ନେଇ ଜନସ୍ୱାର୍ଥ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ସହ ସାଧାରଣ ପରିଷଦ ଗଠନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରି ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ପ୍ରାଥମିକ ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି। ଏଥିସହ ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କର ପ୍ରମୁଖ ଭୂମିକା ରହିଛି। କିନ୍ତୁ ୨୦୨୪ ମେ ୨୦ରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ପଦବୀ ଦୁଇଟି ଫାଙ୍କା ପଡ଼ିଛି। ରାଜ୍ୟ ସରକାର ଏଯାଏ ସେହି ପଦବୀରେ କାହାକୁ ନିଯୁକ୍ତ କରିନାହାନ୍ତି। ସେହିପରି ୨୦୨୩ ଜୁଲାଇ ୨୦ରେ ପୁରୁଣା ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂତନ ସାଧାରଣ ପରିଷଦ ଗଠନ ହୋଇନାହିଁ। ଯଦ୍ୱାରା, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ କିମ୍ବା ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଅସ୍ମିତାର ପ୍ରତୀକ ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଭାପତି ଓ ଉପସଭାପତି ପଦବୀରେ ତୁରନ୍ତ ନିଯୁକ୍ତି ଏବଂ ସାଧାରଣ ପରିଷଦ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।




# ତଦନ୍ତ ରିପୋର୍ଟର ଆଂଶିକ ପ୍ରକାଶନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୨।୯(ପି.ଟି.)

ଅହମଦାବାଦରେ ଗତ ଜୁନ୍ ୧୨ ତାରିଖରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟର ନିର୍ଦ୍ଦିଷ୍ଟ ଅଂଶକୁ ପ୍ରକାଶ କରାଯାଇଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଦାୟିତ୍ୱହୀନ କାର୍ଯ୍ୟ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶିତ ରିପୋର୍ଟରେ ପାଇଲଟ୍‌ଙ୍କ ତ୍ରୁଟିଯୋଗୁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପ୍ରକାଶ କରି ଗଣମାଧ୍ୟମକୁ ଏହା ଉପରେ ଚର୍ଚ୍ଚା କରିବା ପାଇଁ ବାଟ ଖୋଲିଦିଆଯାଇଥିଲା ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଦୁର୍ଘଟଣାର ଏକ ନିରପେକ୍ଷ, ସ୍ୱଚ୍ଛ ଓ ତ୍ୱରିତ୍ ତଦନ୍ତ ପାଇଁ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ)କୁ ନୋଟିସ୍ ଜାରି କରିଛନ୍ତି। ମୃତକଙ୍କ ପରିବାରର ପ୍ରିଭେସି ଏବଂ ମର୍ଯ୍ୟାଦା ମଧ୍ୟ ଏଥିରେ ଜଡ଼ିତ ବୋଲି ଅଦାଲତ କହିଛନ୍ତି।

### ଏୟାରଇଣ୍ଡିଆ ବିମାନ ଦୁର୍ଘଟଣା



ବିମାନ ଦୁର୍ଘଟଣା ଉପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଜୁଲାଇ ୧୨ରେ ପ୍ରାଥମିକ ରିପୋର୍ଟ ଜାରି କରିଥିଲା। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏଭଳି ରିପୋର୍ଟ ସମ୍ପୂର୍ଣ୍ଣ ଗୋପନୀୟତାର ସହ ରଖାଯିବା ଆବଶ୍ୟକ। କାରଣ ଏହା ସହ ମୃତକଙ୍କ ପରିବାରର ପ୍ରିଭେସି ଓ ମର୍ଯ୍ୟାଦା ଜଡ଼ିତ। ସେଥିପାଇଁ ଆମକୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେଶନ ନାମକ ଏନ୍‌ଜିଓ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି କହିଥିଲେ, ପ୍ରାରମ୍ଭିକ ରିପୋର୍ଟରେ ଗୋଟିଏ ଧାଡ଼ି ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରିଥିଲା, ଯାହା ସାରା ବିଶ୍ୱର ଗଣମାଧ୍ୟମକୁ ଚର୍ଚ୍ଚା ପାଇଁ ସୁଯୋଗ ଦେଲା। ଦୁର୍ଘଟଣାକୁ ୧୦୦ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଏପର୍ଯ୍ୟନ୍ତ ଏହାର କାରଣ ଆମେ ଜାଣିପାରି ନାହୁଁ। ଲୋକେ ଦୁର୍ଘଟଣାର କାରଣ ନ ଜାଣିଲେ, ବିପଦରେ ରହିବେ ଏବଂ ପ୍ରତିକାରମୂଳକ ପଦକ୍ଷେପ ନେଇପାରିବେ ନାହିଁ ବୋଲି ଭୂଷଣ କହିଥିଲେ। ତଦନ୍ତ ପାଇଁ ଗଢ଼ାଯାଇଥିବା କମିଟିରେ ୫ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଡିଜିସିଏରୁ ହୋଇଥିବାରୁ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ।

DSPL-272


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓପିଡ଼ି ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା
OPD Online Registration Process
ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନ୍‌ଲାଇନ୍ ପଞ୍ଜୀକରଣ ଉପଲବ୍ଧ ୨୪X୭

କିପରି କରିବେ :
୧. କମ୍ପ୍ୟୁଟର କିମ୍ବା ମୋବାଇଲ୍ ଫୋନ୍‌ରେ https://eswasthya.odisha.gov.in ୱେବ୍‌ସାଇଟ୍ ଖୋଲନ୍ତୁ।
୨. ଏହାପରେ "Online Registration" ଉପରେ କ୍ଲିକ୍ କରନ୍ତୁ।
୩. ଯଦି ଆପଣ ପୂର୍ବରୁ କେବେ ଅନ୍‌ଲାଇନ୍ ପଞ୍ଜୀକରଣ କରିଛନ୍ତି ତେବେ "Do you have Central Registration Number" ଉପରେ କ୍ଲିକ୍ କରନ୍ତୁ, ନଚେତ୍ "New Registration" ଉପରେ କ୍ଲିକ୍ କରନ୍ତୁ।
୪. ଏହା ପରେ ହସ୍ପିଟାଲ୍‌ର ନାମ, କେଉଁ ବିଭାଗରେ ଚିକିତ୍ସା ଚାହୁଁଛନ୍ତି ଓ କେଉଁ ତାରିଖରେ ଚାହୁଁଛନ୍ତି ଚୟନ କରନ୍ତୁ ଓ କ୍ଲିକ୍ କରନ୍ତୁ।
୫. ତା'ପରେ ଆପଣଙ୍କର ନାମ, ବୟସ, ଠିକଣା ଆଦି ପୂରଣ କରନ୍ତୁ ଏବଂ "Register" ଉପରେ କ୍ଲିକ୍ କରନ୍ତୁ। ବର୍ତ୍ତମାନ ଆପଣଙ୍କ ପାଇଁ ଉଦ୍ଦିଷ୍ଟ Appointment Slip ଏବଂ Print option ସ୍କ୍ରିନ୍‌ରେ ଆସିଯିବ।
୬. "Appointment Slip" ର ଗୋଟିଏ ପ୍ରିଣ୍ଟ୍ ବାହାର କରି ଆପଣ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ଚିକିତ୍ସା ପାଇଁ ଯାଇପାରିବେ। ଯଦି ଆପଣଙ୍କ ପାଖରେ ପ୍ରିଣ୍ଟର ସୁବିଧା ନାହିଁ ତେବେ ଆପଣଙ୍କ QR Code କୁ ସ୍କାନ କରନ୍ତୁ ଓ ହସ୍ପିଟାଲ୍‌ରେ ଥିବା କିଓସ୍କ ମେସିନ୍‌ରେ ପ୍ରିଣ୍ଟ୍ ବାହାର କରନ୍ତୁ।
୭. ସମ୍ପୃକ୍ତ ବିଭାଗରେ ଚିକିତ୍ସା ପାଇଁ ଆପଣଙ୍କୁ Appointment Slip ସହ ବହିର୍ବିଭାଗ ବନ୍ଦ ହେବାର ଅନ୍ତତଃ ୧ଘଣ୍ଟା ପୂର୍ବରୁ ପହଞ୍ଚିବାକୁ ହେବ।

ମନେରଖନ୍ତୁ :
ପୁନର୍ବାର ଚିକିତ୍ସା ପାଇଁ ଆପଣଙ୍କୁ ପ୍ରଥମେ ପାଇଥିବା CR Number ସହ ଆଉଥରେ ପଞ୍ଜୀକରଣ ମାଧ୍ୟମରେ ଆଉ ଏକ Appointment Slip ବାହାର କରିବାକୁ ପଡିବ।

Online Registration is available 24X7

How to do it:
Step-1: Visit the website: https://eswasthya.odisha.gov.in
Step-2: Click on "Online Registration".
Step-3: If you have previous online registration number (OPD Ticket) then select "Do You have Central Registration Number", otherwise select "New Registration".
Step-4: Select the 'Hospital', 'Department' and 'Appointment date'.
Step-5: Fill relevant details like; Name, Age, Address, etc. and click on "Register" and the system will generate a QR Code along with Print option of Appointment Slip.
Step-6: Take a print out of the "Appointment Slip". or scan the "QR Code" & collect Printout through Kiosk Machine at Hospital.
Step-7: Visit the respective department with the "Appointment Slip" on the scheduled date at least one hour before the OPD closing time.

Remember:
For re-visit, you have to re-register against your previous CR Number and get a fresh 'Appointment Slip'

OIPR-10003/13/0280/2526

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା

# ପାକିସ୍ତାନ ସହ ସାଉଦି ଆରବ

ହମାସକୁ ମୂଳପୋଛ କରିବା ଲକ୍ଷ୍ୟରେ ଦୀର୍ଘ ୨୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗାଜା ଉପରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏପରିକି ଏହାର ନେତାମାନେ ଯେଉଁ ସବୁ ଦେଶରେ ରହୁଥିବା ଇସ୍ରାଏଲ ଖବର ପାଉଛି ସେହିସବୁ ରାଷ୍ଟ୍ର ଭିତରେ ପଶି ସେମାନଙ୍କୁ ହତ୍ୟା କରୁଥିବା ଦେଖାଯାଉଛି। ସଦ୍ୟ ଘଟଣାକୁ ଦେଖିଲେ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ କାତାର ରାଜଧାନୀ ଦୋହାରେ ଗାଜାରେ ଯୁଦ୍ଧବିରତି ପାଇଁ ଆମେରିକାର ପ୍ରସ୍ତାବ କ୍ରମେ ଆଲୋଚନା ଚାଲିଥିବାବେଳେ ଇସ୍ରାଏଲ ଅଚାନକ ଆକ୍ରମଣ କରି ୬ ଜଣଙ୍କୁ ହତ୍ୟା କରିଥିଲା। ଗାଜା ଅକ୍ତିଆର ଅଭିଯାନର ଅଂଶସ୍ୱରୂପ ସେପ୍ଟେମ୍ବର ୮ରୁ ୧୦ ମଧ୍ୟରେ ଅର୍ଥାତ୍ ୭୨ ଘଣ୍ଟା ଭିତରେ କାତାର ସମେତ ପାଲେଷ୍ଟାଇନ, ଲେବାନନ, ୟେମେନ, ଟ୍ୟୁନିସିଆ, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ମଧ୍ୟପ୍ରାଚ୍ୟରେ ଏପରି ଭିନ୍ନଧରଣର ରଣନୀତିକ ପରିବର୍ତ୍ତନ ଦେଖି ପାକିସ୍ତାନ ସହ ସାଉଦି ଆରବ ଏବେ ସାମରିକ ସହଯୋଗ ଆଗକୁ ବଢ଼ାଇଛି। ସେପ୍ଟେମ୍ବର ୧୭ରେ ସାଉଦି ଆରବ ରାଜଧାନୀ ରିଆଦର ଅଲ-ୟାମାହା ପ୍ୟାଲେସରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଓ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ଷ୍ଟ୍ରାଟେଜିକ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ ବା ରଣନୀତିକ ପାରସ୍ପରିକ ସୁରକ୍ଷା ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଜଣଙ୍କ ଉପରେ ଆକ୍ରମଣ ହେଲେ ତାହାକୁ ଦୁଇ ଦେଶ ଉପରେ ଆକ୍ରମଣ ବୋଲି ଧରାଯିବ।

> ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବା ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବା ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।

ସମସ୍ତେ ଜାଣନ୍ତି ଯେ, ଇସ୍‌ଲାମ ଧର୍ମର ଦୁଇ ପ୍ରମୁଖ ତୀର୍ଥସ୍ଥଳ ମକ୍କା ଓ ମଦିନା ସାଉଦ ଆରବରେ ଥିବା ବେଳେ ଇସ୍‌ଲାମୀୟ ବିଶ୍ୱର ୫୭ ଦେଶ ମଧ୍ୟରୁ ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର। ସାଉଦି ଆରବର ସେନାକୁ ପାକିସ୍ତାନ ଦଶନ୍ଧିବ୍ୟାପୀ ପ୍ରଶିକ୍ଷଣ ଦେଇଆସୁଛି। ଏମିତି ଦେଖିଲେ ପାକିସ୍ତାନକୁ ବିଭିନ୍ନ କ୍ଷେତ୍ରରେ ଏପରିକି ଆଣବିକ କାର୍ଯ୍ୟକ୍ରମ ପାଇଁ ସାଉଦି ଆରବ ଆର୍ଥିକ ସହାୟତା ଦେଇଆସିଛି। ଏବେ ଯେତେବେଳେ ଇସ୍ରାଏଲ ତା'ର ସୁରକ୍ଷା ପାଇଁ ବିଭିନ୍ନ ଇସ୍‌ଲାମିକ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛି, ଭୟରେ ସାଉଦି ଆରବ ତା'ର ପୁରୁଣା ରଣନୀତିକ ସମ୍ପର୍କକୁ ମଜଭୁତ କରିବାକୁ ଯାଇ ପାକିସ୍ତାନ ସହିତ ଉପରୋକ୍ତ ଚୁକ୍ତି କରିଛି। ଏବକାର ସାଉଦି ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଜାତୀୟ ନିରାପତ୍ତା ପାଇଁ ଆମେରିକା ଉପରେ ସବୁକିଛି ନିର୍ଭର। ଏହା ମଧ୍ୟ ଆଶଙ୍କା କରାଗଲାଣି ଯେ ଇସ୍‌ଲାମୀୟ ବିଶ୍ୱ ନିଜର ନିରାପତ୍ତା ପାଇଁ ଭବିଷ୍ୟତରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଶୈଳୀରେ ସାମରିକ ମେଣ୍ଟ ପାଇଁ ଅଣ୍ଟା ଭିଡ଼ିବେ, ଯେଉଁଥିରେ ପାକିସ୍ତାନ ହେବ ମୂଳମନ୍ତ୍ର। ତାହାର ସ୍ଥଳସେନା, ନୌସେନା ଓ ବାୟୁ ସେନା ଏବେ ସମ୍ପୂର୍ଣ୍ଣ ଭାବେ ଚାଇନା ଦ୍ୱାରା ପରିଚାଳିତ। ମଧ୍ୟପ୍ରାଚ୍ୟର ଶେଖ୍ ରାଜତ୍ୱ ଥିବା ଦେଶଗୁଡ଼ିକ ପକିସ୍ତାନ ସହ ଚୁକ୍ତି କଲାବେଳକୁ ଅପ୍ରତ୍ୟକ୍ଷ ଭାବେ ସେହି ରାଷ୍ଟ୍ରଗୁଡ଼ିକ ଚାଇନାର ଜ୍ଞାନକୌଶଳ ଓ ଯୁଦ୍ଧ କରିବାର ଶକ୍ତିକୁ ନିଜ ସପକ୍ଷରେ ଆଣିପାରିବେ ବୋଲି ଚିନ୍ତା କରାଯାଇପାରେ। ଏହିସବୁ ଦେଶଗୁଡ଼ିକରେ ପେଟ୍ରୋଲିୟମ ଠୁଳ ଥିବାରୁ ସେଠାକାର ନାଗରିକ ପ୍ରାୟ ସମସ୍ତେ ଅତ୍ୟଧିକ ମାତ୍ରାରେ ଧନୀ। ତେଣୁ ସେମାନଙ୍କୁ ସବୁବେଳେ ବାହାରୁ ଚାକର ଆଣି କାମ କରିବାକୁ ପଡ଼ିଥାଏ। ପାକିସ୍ତାନ ସହିତ ଚୁକ୍ତି ମଧ୍ୟ ସେହିଭଳି ଆଭିମୁଖ୍ୟ ରଖି କରାଯାଉଛି ବୋଲି କୁହାଯାଇପାରେ। ପାକିସ୍ତାନ ପାଖରେ ନିଜସ୍ୱ କୌଣସି ପ୍ରାକୃତିକ ସମ୍ପଦ କିମ୍ବା ଶିଳ୍ପ ନ ଥିବା ହେତୁ ସେହି ଦେଶର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ। ଅନ୍ୟପଟେ ଜନସଂଖ୍ୟାରେ ପାକିସ୍ତାନକୁ ଟପିଲା ଭଳି ମଧ୍ୟପ୍ରାଚ୍ୟରେ କୌଣସି ଦେଶ ନାହିଁ। ତେଣୁ ପାକିସ୍ତାନ ସେନାକୁ ବ୍ୟବହାର କରି ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ଏହି ଦେଶଗୁଡ଼ିକ ପାଇଁ, ଆମେରିକା ତୁଳନାରେ, ସହଜ ଏବଂ ସ୍ୱଳ୍ପ ଖର୍ଚ୍ଚରେ ହୋଇପାରିବ। ଅନ୍ୟପଟେ ପାକିସ୍ତାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ତାହାର ଦୁର୍ବଳ ଅର୍ଥନୀତିକୁ ଟେକି ଧରିବା ପାଇଁ ଏହିଭଳି ସାମରିକ ବ୍ୟବସ୍ଥା ବେଶ୍ ସୁହାଇବ। ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବ। ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବ। ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | 6 | 1 | |
| | 3 | 1 | | 9 | | | 2 | |
| | | | | | | 4 | | |
| 4 | | | | | 2 | | | 8 |
| | 8 | | | | | 3 | 9 | |
| | 7 | | | | 8 | | | |
| | 9 | | 3 | | | | | 5 |
| | | 7 | | | | | 3 | |
| | | | 6 | 2 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 3 | 5 | 4 | 9 | 6 | 8 |
| 4 | 8 | 5 | 6 | 7 | 9 | 2 | 3 | 1 |
| 6 | 9 | 3 | 2 | 1 | 8 | 7 | 4 | 5 |
| 9 | 6 | 1 | 4 | 2 | 7 | 5 | 8 | 3 |
| 5 | 7 | 8 | 9 | 3 | 6 | 4 | 1 | 2 |
| 2 | 3 | 4 | 1 | 8 | 5 | 6 | 7 | 9 |
| 8 | 2 | 6 | 7 | 9 | 1 | 3 | 5 | 4 |
| 1 | 4 | 9 | 5 | 6 | 3 | 8 | 2 | 7 |
| 3 | 5 | 7 | 8 | 4 | 2 | 1 | 9 | 6 |

ଗତକାଲିର ଉତ୍ତର

# ଦୁର୍ଜନକୁ ଦର୍ପଣ ଡର



ଡ. ବିମଳ ଷଡ଼ଙ୍ଗୀ

ସାମାଜିକ କର୍ମୀ, ଓକିଲ ତଥା କନ୍ନଡ଼ ଲେଖିକା ବାନୁ ମୁସ୍ତାକ୍‌ଙ୍କ 'ହାର୍ଟ ଲ୍ୟାମ୍ପ' ମୁସ୍‌ଲିମ ଏବଂ ଦଳିତ ମହିଳାଙ୍କ ବାସ୍ତବିକ ଜୀବନକୁ ଆଲୋକପାତ କରୁଥିବା ଏକ ଆଇନା ବା ଦର୍ପଣ, ଯାହା ଧାର୍ମିକ ଅତ୍ୟାଚାର ଏବଂ ସାମାଜିକ ଅସମାନତା ଭଳି ବିଷୟବସ୍ତୁରେ ପରିପୂର୍ଣ୍ଣ କାହାଣୀ। ୨୦୨୫ ମସିହାରେ ସେହି ଉପନ୍ୟାସ ପାଇଁ ତାଙ୍କୁ ଅନ୍ତର୍ଜାତୀୟ ବୁକର ପୁରସ୍କାର ମିଳିଥିଲା।

ସର୍ବଜନବିଦିତ ଯେ, ହିନ୍ଦୁ ପରମ୍ପରା ଅନୁସାରେ ଦଶହରା ଦିନ ନାପିତ ଭାଇମାନେ ଘରକୁ ଘର ବୁଲି ଯେତେବେଳେ ସେମାନଙ୍କ ଆଇନା ବା ଦର୍ପଣଟିକୁ ଦେଖାନ୍ତି, ସେତେବେଳେ ତା'ର ଗଭୀର ତତ୍ତ୍ୱକୁ କେହି ନ ବୁଝି କେବଳ ଖୁସିରେ କିଛି ଟଙ୍କା ବକ୍ସିସ ଭାବରେ ସେମାନଙ୍କୁ ଦିଅନ୍ତି, ଯାହା ଲୌକିକ ଭାବରେ ଏକ ଦାନ ରୂପେ ଦେଖାଯାଏ। ମାତ୍ର ଆମକୁ ବୁଝିବାକୁ ପଡ଼ିବ ଯେ, ଦର୍ପଣ କେବଳ ଆମ ମୁହଁକୁ ଦେଖାଏ ନାହିଁ ବରଂ ଆମର ଆତ୍ମ-ପ୍ରତିଫଳନ ଯାହା ଆମକୁ ଆମ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଭାବକୁ ପରଖିବାକୁ ଚେତନା ଜାଗ୍ରତ କରିବା ସହିତ ମିଥ୍ୟା ଉପରେ ସତ୍ୟର ବିଜୟକୁ ଦର୍ଶାଏ। ଆମ ଭିତରର ଦୋଷଗୁଡ଼ିକୁ ସଚ୍ଚୋଟ ଭାବରେ ସାମ୍ନା କରିବାର ଆହ୍ୱାନ ସହିତ କ୍ରୋଧ, ଲୋଭ, ଅହଂକାର, ଈର୍ଷାମୁକ୍ତ ମନକୁ ପରିଷ୍କାର ରଖିବାକୁ ପ୍ରେରଣାଦିଏ। ଦର୍ପଣ ସୂଚାଇଦିଏ ଯେ, ପ୍ରକୃତ ସୌନ୍ଦର୍ଯ୍ୟ କେବଳ ବାହ୍ୟ ଦୃଶ୍ୟ ନୁହେଁ; ବରଂ ଆଭ୍ୟନ୍ତରୀଣ ପବିତ୍ରତାରେ ଭରିରହିଥାଏ।

ଜଣେ ବିଚାରବନ୍ତ ବ୍ୟକ୍ତି ବା ସୁଲେଖକ ହାତରେ ଥିବା ଦର୍ପଣ ବିଶ୍ୱସ୍ତ ଭାବରେ ବ୍ୟକ୍ତି, ପରିସ୍ଥିତି କିମ୍ବା ସମାଜ ବିଷୟରେ ନିରାଟ ସତ୍ୟକୁ ପ୍ରତିଫଳିତ କରେ ବା ପ୍ରତିନିଧିତ୍ୱ କରେ କିମ୍ବା ପ୍ରକାଶ କରେ। କୌଣସି ସମୟରେ ଦର୍ପଣ କଦର୍ଯ୍ୟତା ସୃଷ୍ଟି କରେ ନାହିଁ, ବରଂ ପୂର୍ବରୁ ଯାହା ଅଛି ତାହା ପ୍ରତିଫଳିତ କରେ। ଲେଖକ ନିଜର ଶାଣିତ ଉପସ୍ଥାପନାରେ ସମାଜରେ ସଂଗଠିତ ପ୍ରତ୍ୟେକ ସୁକର୍ମ ଓ କୁକର୍ମକୁ ପ୍ରକାଶ କରେ। ସମାଜରେ କିଛି ଅସଦ୍ ବ୍ୟକ୍ତିଙ୍କ ଚଞ୍ଚକତାକୁ ପ୍ରକାଶ କରି ଏକ ଦର୍ପଣ ପରି ତାର ଦୋଷତ୍ରୁଟି ଦେଖାଏ। ସତ୍ୟ ପ୍ରକାଶିତ ହେଲେ ଖଳପ୍ରକୃତିର ଲୋକ ଅସହଜ ଅନୁଭବ କରନ୍ତି। ତେଣୁ ସେମାନେ ସମସ୍ୟାକୁ ସଂଶୋଧନ କରିବା ପରିବର୍ତ୍ତେ ଲେଖକଙ୍କ ବିରୋଧରେ କୁତ୍ସା ରଟନା କରି ଅସାଧୁ ମେଳି କରନ୍ତି, ମାତ୍ର ସତ୍ୟ ବା ମିଥ୍ୟାକୁ ଲୁଚାଇ ରଖିବାକୁ ଲେଖକ କେବେବି ଡରେନାହିଁ। ଖଳ ପ୍ରକୃତିର ଲୋକଙ୍କ କର୍ମରେ ସୁଧାର ପାଇଁ ଲେଖକ ସେମାନଙ୍କୁ ସୁଯୋଗ ଦିଅନ୍ତି ଓ ଯେଉଁ ଖଳ ବ୍ୟକ୍ତି ସୁଧୁରି ଯାଆନ୍ତି, ସେମାନେ ପରବର୍ତ୍ତୀ ସମୟରେ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ହୋଇ ଜଣେ ଭଲ ମଣିଷ ହୁଅନ୍ତି ଆଉ କିଛି ଅମରୀ ଗଛ ପରି 'ଭଜ୍ୟତେ ନ ଚ ନମ୍ୟତେ' ଅର୍ଥାତ୍ 'ଭାଙ୍ଗିଯିବେ କିନ୍ତୁ ପରିବର୍ତ୍ତନ ହେବେ ନାହିଁ' ନ୍ୟାୟରେ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ପଶୁ ପ୍ରବୃତ୍ତିର ପରିବର୍ତ୍ତନ କରନ୍ତି ନାହିଁ। ବେଳେବେଳେ ଲୋକଙ୍କ ପାଖରେ ନିଜର ଦୋଷ ଲୁଚାଇବାକୁ ଯାଇ ବାହାଦୁରି ପାଇଁ ଲେଖକଙ୍କୁ ସମାଲୋଚନା କରିବାକୁ ପଛାଇନଥା'ନ୍ତି। ଲେଖକ, ଚଳଚ୍ଚିତ୍ର ନିର୍ମାତା, ଖବରଦାତା ଏବଂ କଳାକାର ପ୍ରମୁଖଙ୍କୁ ପ୍ରାୟତଃ 'ସମାଜର ଦର୍ପଣ' କୁହାଯାଏ; କାରଣ ସେମାନଙ୍କ କାର୍ଯ୍ୟ ଲୋକଙ୍କ ସତ୍ୟ, ସଂଘର୍ଷ ଏବଂ ଆକାଂକ୍ଷାକୁ ଚିତ୍ରଣ କରିଥାଏ। ଇତିହାସ ଏପରି ଅନେକ ଲେଖକଙ୍କ ଉଦାହରଣ ପ୍ରଦାନ କରେ। ବ୍ୟାସକବି ଫକୀରମୋହନଙ୍କ 'ରେବତୀ', 'ଛ' ମାଣ ଆଠଗୁଣ୍ଠ' ଆଦି ଉପନ୍ୟାସ ଆଜି ମଧ୍ୟ ସମାଜର ଜୀବିତ ଦର୍ପଣ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଓ ଗୋପୀନାଥ ମହାନ୍ତିଙ୍କ 'ପରଜା' ପ୍ରତ୍ୟେକ ତତ୍କାଳୀନ ସମାଜର ଗୋଟିଏ ଗୋଟିଏ ଦର୍ପଣ। ମୁନ୍‌ସି ପ୍ରେମଚାନ୍ଦ ତତ୍କାଳୀନ ସମାଜର କୃଷକଙ୍କ ଦୁଃଖ, ମହିଳାଙ୍କ ଶୋଷଣ ଏବଂ ଜାତିଭେଦର ନିଷ୍ଠୁରତା ବିଷୟରେ ଉପନ୍ୟାସଗୁଡ଼ିକ ଦ୍ୱାରା ସମାଜର ଦର୍ପଣ ପରି ଲୋକଲୋଚନାକୁ ଆଣିଥିଲେ, ଯେଉଁଥିପାଇଁ ତାଙ୍କ ଉପନ୍ୟାସଗୁଡ଼ିକୁ କେତେକ ଅତ୍ୟଧିକ କଠୋର ବୋଲି ସମାଲୋଚନା କରିଥିଲେ। କିନ୍ତୁ ପ୍ରେମଚାନ୍ଦ ସମାଜର ଲୁକ୍କାୟିତ ସତ୍ୟକୁ ଉଜାଗର କରିଥିଲେ। ସେହିପରି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରାୟତଃ ଅନ୍ଧ ଜାତୀୟତାବାଦ ବିଷୟରେ ଚେତାବନୀ ଦେଇଥିଲେ, ଯାହା ଅନେକଙ୍କୁ କ୍ରୋଧିତ କରିଥିଲା। ୧୯୦୩ ମସିହାରେ ଜନ୍ମଗ୍ରହଣ କରିଥିବା ସମାଜବାଦୀ ଚିନ୍ତାଧାରାର ଲେଖକ ଜର୍ଜ ଅର୍‌ୱେଲ ତାଙ୍କ ଉପନ୍ୟାସ 'ଆନିମଲ ଫାର୍ମ' ପାଇଁ ସେ ସମୟର ବାସ୍ତବତାକୁ ଉପସ୍ଥାପନ କରି ବିଂଶ ଶତାବ୍ଦୀର ସବୁଠାରୁ ପ୍ରଭାବଶାଳୀ ଲେଖକମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ। ଗୋଟିଏ ଚାଟୁକାର ଦ୍ୱାରା ମୁଦ୍ରିତ ପୁସ୍ତକ କ୍ଷଣିକ ଗର୍ବ ଦେଇପାରେ, କିନ୍ତୁ ଏହା ସମାଜକୁ ଜାଗରଣ ବା ପରିବର୍ତ୍ତନ କରେ ନାହିଁ। ଜଣେ ପ୍ରକୃତ ଲେଖକର କର୍ତ୍ତବ୍ୟ ହେଉଛି ବିବେକ ରକ୍ଷାକାରୀ ଭାବରେ କାର୍ଯ୍ୟ କରିବା, କେବଳ ସୁନ୍ଦର ଦିଗ ନୁହେଁ ବରଂ ସୁସ୍ଥ ହେବାକୁ ଥିବା କ୍ଷତ ମଧ୍ୟ ଦେଖାଇବା। ଯଦି ଦର୍ପଣ ଏକ ମଇଳା ମୁହଁ ଦେଖାଏ, ତେବେ ଦୋଷ ଦର୍ପଣର ନୁହେଁ ବରଂ ସେହି ବ୍ୟକ୍ତିଙ୍କର; ଯିଏ ମଳିନ ମୁଖକୁ ସଫା କରିବାକୁ କୁଣ୍ଠା ବୋଧକରେ। ତେଣୁ ସମାଜର ଅହିତ ସୃଷ୍ଟିକାରୀ ବ୍ୟବସ୍ଥାକୁ ଦର୍ଶାଉଥିବା ଲେଖକଙ୍କ କଲମ ଜାଗରଣର ଏକ ଉପକରଣ ହୋଇଯାଏ ଏବଂ ଆମକୁ ମନେପକାଇଦିଏ ଯେ ସମାଜ କେବଳ ସେତେବେଳେ ଉନ୍ନତି କରିପାରିବ, ଯେତେବେଳେ ଏହା ସତ୍ୟର ଦର୍ପଣରେ ଦେଖିବାକୁ ସାହସ କରିବ; ଯାହାକୁ ପାଥେୟ କରି ୨୦୨୪ ମସିହାରେ ଜାରା ଚୌଧୁରୀ ନିଜର ଆଲେଖ୍ୟ 'ଭାଗ୍ୟବାନ୍' ମାଧ୍ୟମରେ ୨୦୦୨ ଗୁଜରାଟ ଦଙ୍ଗା ସମୟରେ ତାଙ୍କର ସ୍ମୃତିକଥାର ଅଭିଜ୍ଞତାକୁ ପ୍ରକଟିତ କରିଥିଲେ, ଯାହା ତାଙ୍କୁ ୨୦୨୫ ମସିହାର ଶକ୍ତି ଭଟ୍ଟ ପୁରସ୍କାର ଦେଇଥିଲା। ଝା ଜାସିଣ୍ଟା କେରକେଟା ଜଣେ ହିନ୍ଦୀ ଭାଷାର ସାମ୍ବାଦିକା ଏବଂ କବି, ଯାହାଙ୍କ କାର୍ଯ୍ୟ ଆଦିବାସୀ ଯୁବତୀ ଯୁବକଙ୍କ ସଂଘର୍ଷ, ଲିଙ୍ଗ-ଭିତ୍ତିକ ହିଂସା, ବିସ୍ଥାପନ ଏବଂ ରାଜ୍ୟ ଉଦାସୀନତାକୁ ମୁକ୍ତ ଭାବରେ ପ୍ରକାଶ କରେ।



ମାତ୍ର ଦର୍ପଣଟି ଯେତେବେଳେ ଦୁର୍ଜନ ବ୍ୟକ୍ତି ହାତରେ ପଡ଼େ, ସେତେବେଳେ ସେ ତାହାର ମୂଲ୍ୟକୁ ନ ବୁଝି ଭୁଲ୍ ଉପସ୍ଥାପନ କରି ସମାଜର କ୍ଷତି ଘଟାଏ, ଠିକ୍ ଯେପରି କାମୁଡ଼ା କୁକୁରଟିଏ ଦର୍ପଣ ଦେଖିଲେ ରାଗରେ ଦର୍ପଣରେ ପ୍ରତିଫଳିତ ତା' ନିଜ ମୁହଁକୁ କାମୁଡ଼ି ଗୋଡ଼ାଏ ବା କୁକୁଡ଼ାଟିଏ ନିଜର ପ୍ରତିବିମ୍ବକୁ ଖୁମ୍ପିବା ଆରମ୍ଭ କରେ, କାରଣ ସେ ଦର୍ପଣକୁ ବ୍ୟବହାର କରି ଶିଖି ନ ଥାଏ ବା ଦର୍ପଣ କ'ଣ କହୁଛି ତାହା ଜାଣିବାକୁ ତା'ର 'ଜ୍ଞ' ନଥାଏ। ଆଜିକାଲି କିଛି ନୀଚ ପ୍ରକୃତିର ବ୍ୟକ୍ତି ନିଜର କୁ ବୁଦ୍ଧି ଦ୍ୱାରା ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ସୋସିଆଲ ମିଡିଆକୁ ଏକ ଡିଜିଟାଲ ଦର୍ପଣ ଭାବରେ ବ୍ୟବହାର କରି ନିଜର ବଡ଼ିମା, ଶଠତାପୂର୍ଣ୍ଣ ଉଚ୍ଚାରଣ, ଆଚରଣ ଇତ୍ୟାଦିକୁ ପ୍ରଚାର ଓ ପ୍ରସାର କରି ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେବା ନାମରେ ମିଥ୍ୟା ବିଜ୍ଞାପନ ଦ୍ୱାରା ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି, ଯେଉଁଥିପାଇଁ ସ୍ୱାଧୀନତାର ଅଠସ୍ତରି ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ, ବିଜୁଳି, ପିଇବା ପାଣି, ପୋଷଣଯୁକ୍ତ ଖାଦ୍ୟ, ଯୁବକଙ୍କ ପାଇଁ କର୍ମ ଯୋଗାଣ ଇତ୍ୟାଦି ଆଜି ସ୍ୱପ୍ନ। ଠିକ୍ ଯେପରି ୧୮୬୬ ମସିହାର ନ' ଅଙ୍କ ଦୁର୍ଭିକ୍ଷରେ ଇଂରେଜ ଶାସକ ଓଡ଼ିଶାର ଖାଦ୍ୟ ମହଜୁଦର ଭୁଲ୍ ତଥ୍ୟ ଦେଇ ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କ ଜୀବନ ନେଇଥିଲା। ତେଣୁ ମୁଖାପିନ୍ଧା ଦୁର୍ଜନଙ୍କୁ ପ୍ରକୃତ ଦର୍ପଣ ଦେଖାଇ ଦଣ୍ଡ ଦେବାକୁ ପଡ଼ିବ। କାରଣ ଦୁର୍ଜନର ସର୍ବଦା ଦର୍ପଣକୁ ଡରଥାଏ, ଆଉ ସେ ଭଲ ଭାବରେ ଜାଣେ ଦର୍ପଣ ସବୁବେଳେ ସତ କୁହେ।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର**
**ମୋ: ୯୪୩୭୧୨୩୮୯୨**

# ସବୁଥାଇ ପଛୁଆ



ଡ. ମୌସୁମୀ ପରିଡ଼ା

ଆମ ରାଜ୍ୟରେ ଭିତ୍ତିଭୂମିର ଅଭାବ ରହିଛି କିମ୍ବା ପରିବେଶ ଓ ପରିସ୍ଥିତି ପ୍ରଭାବରେ ଉତ୍ପାଦନ କ୍ଷମତା ହ୍ରାସ ପାଉଛି, ସେସବୁର ନିଷ୍କର୍ଷ ବାହାର କରିବାକୁ ହେଲେ ଅନ୍ୟ ରାଜ୍ୟର ପାରିପାର୍ଶ୍ୱିକ ସ୍ଥିତି ସହିତ ଆମକୁ ତୁଳନାତ୍ମକ ବିଚାର କରିବାକୁ ପଡ଼ିବ। ଆମର କେଉଁ ଜିନିଷ ବିଶ୍ୱସ୍ତରୀୟ ଅଥଚ ଭିତ୍ତିଭୂମିର ବିକାଶ ହୋଇପାରିନଥିବାରୁ ତାହା ଲୋକଲୋଚନର ଆଢୁଆଳରେ ରହିଯାଇଛି ସେସବୁକୁ ବୁଝିବାକୁ ହେବ। ଏମିତିରେ ଆଜିକାଲି ଜମିବାଡ଼ି ପଡ଼ିଆ, ଗୋରୁଙ୍କ ଚରାଭୂଇଁ ପାଲଟିଛି। ଅନେକ ସମୟରେ ଅଦିନିଆ ଝଡ଼ବର୍ଷା ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଦେଉଛି।

ଅତୀତକୁ ଗଲେ ଜଣାପଡ଼ିବ ଆଗକାଳେ ପ୍ରତି ଘରେ ଋତୁ ଅନୁଯାୟୀ ଜହ୍ନି, ଛଚିନ୍ଦ୍ରା, କାକୁଡ଼ି, କଖାରୁ, ପୋଇ ଆଦି ପନିପରିବା ଭାଡିରେ ମାଡୁଥିଲା। ବାରିଘରେ ଅମୃତଭଣ୍ଡା, ବିଲାତି ସହିତ ବିଭିନ୍ନ ପ୍ରକାରର ଶାଗ ମିଳୁଥିବାରୁ ବଜାରରୁ ବିଶେଷ ପନିପରିବା ଘରକୁ ଆଣିବାକୁ ପଡୁନଥିଲା। ପ୍ରତି ଘର ଆଗରେ ପ୍ରାୟ ଗୋଟେ ଦୁଇଟା ସଜନା ଗଛ ଥିଲା। ଏବେ ଏସବୁ ଘରମାନଙ୍କରେ ଉପଲବ୍ଧ ହେବା ସ୍ୱପ୍ନ। ଏଠି ଇଣ୍ଡଷ୍ଟ୍ରି ନାହିଁ, ନିଯୁକ୍ତିର ସୁଯୋଗ ନାହିଁ। ରାଜ୍ୟ ବେକାରି ସମସ୍ୟା ପରି ଅସରନ୍ତି ସମସ୍ୟାରେ ଭାରାକ୍ରାନ୍ତ। ସେଥିରେ ପୁଣି ସମୟେ ସମୟେ ବାତ୍ୟା, ଲଘୁଚାପଜନିତ ବର୍ଷାରେ ଚାଷୀକୁଳର କ୍ଷତି ହୋଇଚାଲିଛି। ପ୍ରତିକୂଳ ପରିବେଶରେ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ଚାଷକାମରୁ ମୁହଁ ଫେରାଇ ନେଉଛନ୍ତି। କ୍ୱଚିତ୍ ଲୋକ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେଥିପାଇଁ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହନ୍ତି।

ବିଲରେ ଖଟିବାକୁ ଏଠାକାର ଲୋକେ ରାଜି ହେଉ ନ ଥିବାରୁ ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ କିମ୍ବା ତେଲଙ୍ଗାନାରୁ ଲୋକଙ୍କୁ ଅଣାଯାଉଛି। ଫଳତଃ ସେମାନେ ଏଠିକାର ସ୍ଥାୟୀ ବାସିନ୍ଦା ପାଲଟିଯାଉଛନ୍ତି! ଆଉ କିଛି କାମ ଆଳରେ ଆମ ରାଜ୍ୟକୁ ଆସି ବର୍ଷ ବର୍ଷ ଧରି ରହିଯାଇ ଜମିବାଡ଼ି ପଟ୍ଟା ପାଇବାକୁ ଆବେଦନ କଲେଣି! ଏସବୁ ପାଇଁ କେଉଁଠି ନା କେଉଁଠି ଲୋକଙ୍କର ଅଳସୁଆମି, ବୀତସ୍ପୃହତା ଓ ପ୍ରଶାସନିକ ବ୍ୟବସ୍ଥା ଦାୟୀ। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅନ୍ୟ ରାଜ୍ୟ ତୁଳନାରେ ପଛୁଆ। ବହୁ ସମୟରେ ବିଭିନ୍ନ ରାଜ୍ୟରୁ ପନିପରିବା ପରି ଅନେକ ଜିନିଷ ଆମଦାନୀ କରିବାକୁ ହେଉଛି। ଅବଶ୍ୟ ଓଡ଼ିଶା କନ୍ଦମୂଳ ଓ ପାଳଛତୁ ଉତ୍ପାଦନରେ ଭାରତରେ ପ୍ରଥମ। ବାଇଗଣ, କୋବି ଉତ୍ପାଦନରେ ଦ୍ୱିତୀୟ ଓ କାଜୁ ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଛି। ତେବେ ବି ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବାରୁ ଚାଷ ବିଶେଷ ଭାବେ ପ୍ରଭାବିତ ହେଉଛି। ବିଭିନ୍ନ ଫଳ, ପିଆଜ, ରସୁଣ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ନୁହେଁ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟ ସହିତ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ପରି ତଟବର୍ତ୍ତୀ ରାଜ୍ୟଗୁଡିକରେ ପାଖାପାଖି ସମାନ କ୍ଷୟକ୍ଷତି କରୁଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏହାର ଯଥାସମ୍ଭବ ମୁକାବିଲା କରିପାରୁଛନ୍ତି। କିନ୍ତୁ ଆମ ରାଜ୍ୟ ସେସବୁର ମୁକାବିଲା କରିବାରେ ସେତେ ପରିପକ୍ୱ ନୁହେଁ। କାରଣ ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆମଠାରୁ ଆଗୁଆ।



ଋତୁଭିତ୍ତିକ ଚାଷକାର୍ଯ୍ୟ ସହିତ ବୈଷୟିକ କଳାକୁଶଳତା ସେମାନଙ୍କ କୃଷିକୁ ଅଧିକ ମଜଭୁତ କରିପାରିଛି, ଯାହା ଓଡ଼ିଶାରେ ଏଯାଏ ସମ୍ଭବ ହୋଇପାରୁନାହିଁ। ତଥାକଥିତ ପୁରୁଣା ପ୍ରଣାଳୀ ଦ୍ୱାରା କାମ ହେଉଥିବାରୁ ଅଭିବୃଦ୍ଧି ହାର ଅନ୍ୟ ରାଜ୍ୟଗୁଡିକଠାରୁ ପଛରେ। ଆଉ ଏକ କାରଣ ହେଲା -ସେମାନେ ନିଜ ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରୁଛନ୍ତି। ପଶ୍ଚିମବଙ୍ଗରୁ ଆଳୁ, ଚାଉଳ ପରି ଅନେକ ଜିନିଷ ଓଡ଼ିଶାକୁ ରପ୍ତାନି ହେଉଛି। ଝୋଟ ଉତ୍ପାଦନ ପାଇଁ ପଶ୍ଚିମବଙ୍ଗ ଉପରେ ଅନ୍ୟ ରାଜ୍ୟଗୁଡିକ ନିର୍ଭରଶୀଳ। ଓଡ଼ିଶାରେ ପ୍ରଚୁର ଖଣିଜ ପଦାର୍ଥ ରହିଛି ସତ କିନ୍ତୁ କୃଷି ପ୍ରଣାଳୀ ଅନ୍ୟମାନଙ୍କ ତୁଳନାରେ ସମୃଦ୍ଧ ନୁହେଁ। ଅତୀତରେ ଝୋଟ ଉତ୍ପାଦନରେ ଆଗୁଆ ଥିଲା ଆମ ରାଜ୍ୟ। ଏବେ ତଳକୁ ଖସିଛି।

ଆନ୍ଧ୍ରପ୍ରଦେଶ ହେଉଛି ଭାରତର ଭାତହାଣ୍ଡି। ବିଭିନ୍ନ ଖଣିଜପଦାର୍ଥରେ ଭରପୂର ଥିବା ଏହି ରାଜ୍ୟ କଦଳୀ, ଆମ୍ବ ଚାଷ ପାଇଁ ପ୍ରସିଦ୍ଧ। ସାମୁଦ୍ରିକ ଜୀବ ରପ୍ତାନିରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଭୂମିକା ରହିଛି। କେରଳର କିଛି ଅଂଶକୁ ପୂର୍ବତଟବର୍ତ୍ତୀ ଅଞ୍ଚଳରେ ସାମିଲ୍ କରାଗଲେ ଜଣାଯିବ ଯେ ଏହା ଛୋଟ ହେଲେ ମଧ୍ୟ ବିଭିନ୍ନ ମସଲାମସଲି, ରବର, କଫି, ଚା, ନଡ଼ିଆ, ଗୋଲମରିଚ, କଦଳୀ ଉତ୍ପାଦନରେ ବେଶ୍ ସକ୍ରିୟ। ତାମିଲନାଡୁ କଫି, ଲଙ୍କା, ରବର, ଗୋଲମରିଚ, କଦଳୀ ଚାଷରେ ଆଗୁଆ। ଦକ୍ଷିଣ ଭାରତର କଫି, ଆଖୁ, ରବର ବିଭିନ୍ନ ଚାରାଗଛ ଓଡ଼ିଶାକୁ ଆସେ। ଦକ୍ଷିଣ ଭାରତରେ ପ୍ରଚୁର ଫୁଲ ଚାଷ ହୁଏ। ସେମାନେ ବାହାରକୁ ରପ୍ତାନି କରି ବି ନିଜର ଚାହିଦା ପୂରଣ କରିଥାନ୍ତି। ବଡ଼କଥା ହେଲା ସେମାନେ ପରିଶ୍ରମୀ। ବିଭିନ୍ନ କାମରେ ବ୍ୟସ୍ତ ରହିବାକୁ ପସନ୍ଦ କରନ୍ତି। ଦକ୍ଷିଣ ଭାରତର ରାସ୍ତା ଓ ପର୍ଯ୍ୟଟନ ଶିଳ୍ପ ମଧ୍ୟ ବେଶ୍ ସୁଦୃଢ଼। ସେମାନଙ୍କ ଘରର ମହିଳାମାନେ ଘରକାମ ସହିତ ବାହାର କାମ ତୁଲାନ୍ତି। ସେ ଅନୁସାରେ ଆମ ରାଜ୍ୟରେ ପ୍ରାକୃତିକ ସମ୍ବଳ କମ୍ ନାହିଁ। କିନ୍ତୁ ସେସବୁର ଠିକ୍ ବିନିଯୋଗ ହୋଇପାରେ ନାହିଁ। ସେଥିପାଇଁ ମାନସିକତାର ଅଭାବ ପରିଲକ୍ଷିତ ହୁଏ।

ଦେଶବିଦେଶରେ ଆମ ରାଜ୍ୟର ହସ୍ତତନ୍ତର ଖୁବ୍ ଚାହିଦା। କୁଟୀରଶିଳ୍ପକୁ ମଧ୍ୟ ଏଥିରେ ସାମିଲ୍ କରାଯାଇପାରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଛାଟିଏ ପଉଟିରୁ ଜଣାପଡ଼େ କେତେ ପ୍ରକାରର ଖାଦ୍ୟ ଓଡ଼ିଶା ସଂସ୍କୃତିରେ ଭରିରହିଛି। ସେ ଅନୁସାରେ ଆମ ପାରମ୍ପରିକ ଖାଦ୍ୟ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ସଚେତନତାର ଅଭାବ ହେତୁ ପ୍ରଚାର ପ୍ରସାର ହୋଇପାରୁନାହିଁ। ଜଗତସିଂହପୁର।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

ମାତ୍ର ୮୦ ବର୍ଗଫୁଟର ଘରେ ମାଇକ୍ରୋଗ୍ରୀନ ଚାଷ କରି ମାସକୁ ୫ ଲକ୍ଷ ଟଙ୍କାର ବ୍ୟବସାୟ କରୁଛନ୍ତି ପୂର୍ବତନ ବ୍ୟାଙ୍କ କର୍ମଚାରୀ ଅଜୟ ଗୋପୀନାଥ। ମାଇକ୍ରୋଗ୍ରୀନ୍ (ବିଭିନ୍ନ ଶସ୍ୟର ମଞ୍ଜିରୁ ଗଜା ହେବା ପରେ କଅଁଳ ଅବସ୍ଥାର ଛୋଟ ଗଛ)କୁ ବିଶେଷ କରି ସାଲାଡ, ଶୁପ, ସାଣ୍ଡୱିଚ ଇତ୍ୟାଦିରେ ପୌଷ୍ଟିକ ଗୁଣ, ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରାଯାଏ। ଏଣୁ ଏହାର ଚାହିଦା ଅଧିକ । ଏ ଦୃଷ୍ଟିରୁ ଅଜୟ କମ୍ ଜାଗାରେ ବୈଜ୍ଞାନିକ ପଦ୍ଧତିରେ ଘର ଭିତରେ ବିନା ମାଟି ଓ ସୂର୍ଯ୍ୟାଲୋକରେ ଚାଷ କରି ଅଧିକ ଲାଭ ପାଇପାରୁଛନ୍ତି । ସେ 'ଗୋ ଗ୍ରୀନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହାର ବ୍ୟବସାୟ କରୁଛନ୍ତି। ଘର ଭିତର ତାପମାତ୍ରା ୨୫ ଡିଗ୍ରୀ ସେଲସିୟସ ତଳେ ରହୁଛି ଏବଂ ଆର୍ଦ୍ରତା ୪୦ରୁ ୬୦ ପ୍ରତିଶତ ମଧ୍ୟରେ ରଖାଯାଇ ଚାଷ କରାଯାଉଛି। ଅଜୟ ସିଟିଗ୍ରୁପର କର୍ମଚାରୀ ଥିଲେ ଏବଂ ତାହାକୁ ଛାଡ଼ି ୨୦୧୭ରେ ମାଇକ୍ରୋଗ୍ରୀନ ଚାଷ ପରୀକ୍ଷା ଭିତ୍ତିରେ ଆରମ୍ଭ କରିଥିଲେ। ପରେ ଭାରତ ଏବଂ ଇଂଲଣ୍ଡର ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକୁ ଆଗକୁ ବଢ଼ାଇ ସଫଳତା ପାଇପାରିଛନ୍ତି। ଏବେ ୧୫ ପ୍ରକାର ମାଇକ୍ରୋଗ୍ରୀନ୍ ଚାଷ କରି ୫ ଲକ୍ଷ ଟଙ୍କାର ବ୍ୟବସାୟ କରି ଯଥେଷ୍ଟ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ସେପ୍ଟେମ୍ବର ୧୯୭୬**

- ସମ୍ପ୍ରତି ଉତ୍ତର ପ୍ରଦେଶରେ ଦେଖା ଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ସଂଗୃହିତ ପ୍ରାଥମିକ ବିବରଣୀ ଅନୁଯାୟୀ ୧୮୯ ଜଣଙ୍କ ମୃତ୍ୟୁ।
- ଭାରତ ଓ ବାଂଲାଦେଶର ସର୍ଭେ ଅଫିସରମାନେ ଦୁଇ ଦେଶର ସୀମାନ୍ତ ଚିହ୍ନିତ ହୋଇଥିବା ପ୍ରାୟ ୬୦ଟି ମାନଚିତ୍ରରେ ଦସ୍ତଖତ କରିଛନ୍ତି।

## ଚିରନ୍ତନୀ

ଗାଏ ତା'ର ଯଶ କବି,
ସେ ଯେ ନିତ୍ୟ ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି
ତହିଁ ପରମ ସାଧନ ।
ଏହି ଚକ୍ରବାକର ଦମ୍ପତି-
ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ ଲୋଡ଼େ
ଦୁଇର ମୁକତି ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେଣ୍ଡ ନା ଟ୍ରାପ୍

ମହାଶୟ,

ଏବେ ସୋସିଆଲ ମିଡିଆରେ ଚାଲିଛି ଗୁଗଲ ଜେମିନି ଟ୍ରେଣ୍ଡ । ୟୁଜର ପୁରୁଣା ସ୍ମୃତିକୁ ଗୁଗଲ ଜେମିନି ଟଚ୍ ଦେଇ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରୁଛନ୍ତି । ଏଆଇ ସହାୟତାରେ ଏହି ନୂଆ ଟ୍ରେଣ୍ଡ ନିଜ ଯାଦୁ ମାଧ୍ୟମରେ ଦୁନିଆର ଲୋକଙ୍କୁ ବଶୀଭୂତ କରିନେଇଛି । କୌଣସି ଠାକୁରଙ୍କ ଫଟୋକୁ ନେଇ ଗୁଗଲ ଜେମିନି ଷ୍ଟାଇଲରେ ଫଟୋ କରାଯାଉଛି । ଏହି ଫଟୋ ଏବେ ଲୋକମାନଙ୍କୁ ପାଗଳ କରିଦେଇଛି । ଆପଣ ନିଜର ବ୍ୟକ୍ତିଗତ ଫଟୋ ଅପ୍‌ଲୋଡ୍ କରୁଛନ୍ତି, ସେଗୁଡ଼ିକ ଏଆଇ କମ୍ପାନୀ ଦ୍ୱାରା ସଂଗ୍ରହ କରାଯାଇ ତାଲିମ ପାଇଁ ବ୍ୟବହାର ହୋଇପାରେ। ଏହା ଆପଣଙ୍କ ଅନୁମତି ବିନା ଘଟିପାରେ। ଅପ୍‌ଲୋଡ୍ କରାଯାଇଥିବା ଫଟୋ ଯେପରି ସ୍ଥାନ କିମ୍ବା ସମୟରେ ବାହାର କରାଯାଇ ଆପଣଙ୍କ ଗୋପନୀୟତାକୁ ବିପଦରେ ପକାଇପାରେ। ଟ୍ରେଣ୍ଡ ଯୋଗୁ ଅନେକ ୟୁଜର୍ସ ନିଜର ପ୍ରାଇଭେଟ୍ ଫଟୋ ସହ ୟୁନିକ୍ ଫେସିଆଲ ଡାଟା ମଧ ଶେୟାର କରୁଛନ୍ତି। ଏହା ଆଗାମୀ ପରିସ୍ଥିତିରେ ବିପଦ ହୋଇପାରେ। ତେବେ ଚିନ୍ତା କରିବାର ସମୟ ଆସିଯାଇଛି ଯେ କିଛି କ୍ଷଣର ମଜା ପାଇଁ ଆପଣ ଗୁଗଲ ଜେମିନି ଫଟୋ ତିଆରି କରିବେ ନା ନିଜ ବ୍ୟକ୍ତିଗତ ଫଟୋକୁ ଏଆଇ କବଳରୁ ସୁରକ୍ଷିତ ରଖିବେ । ନ ହେଲେ ନେଡ଼ିଗୁଡ଼ କହୁଣିରେ ପହଞ୍ଚିପାରେ। ଆପଣଙ୍କ ତଥ୍ୟ ଅନ୍ୟର ବ୍ୟବସାୟ ହୋଇପାରେ ।

**- ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା

# ଠକେଇ ଶିକାର ପୀଡ଼ିତ ହେଲେ ଅଭିଯୁକ୍ତ



ଗିରଫ ୪ ଅଭିଯୁକ୍ତ।

- ଗଜପତିରୁ ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ
- ଠକେଇ ମାଷ୍ଟରମାଇଣ୍ଡ୍ ଜ୍ୟୋସ୍ନାଙ୍କ ପତ୍ତା ମିଳୁନି



ଜବତ ମୋବାଇଲ ଓ ସାର୍ଟିଫିକେଟ୍।

ଭୁବନେଶ୍ୱର,୨୨।୯(ସତ୍ୟଜିତ୍ ରାଉତ)

ଅପହୃତ ଟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚାକିରି ପାଇବାକୁ ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ପୀଡ଼ିତମାନେ ଏବେ ଅଭିଯୁକ୍ତ ପାଲଟିଛନ୍ତି। ଯାଜପୁର ରୋଡ୍‌ରେ ଅପହର୍ତ୍ତାଙ୍କ ହେପାଜତରେ ବିଦ୍ୟାଧର ଆତ୍ମହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ଫିଙ୍ଗିଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଏନ୍. ଦିଲୀପ କୁମାର (୩୭), ରମେଶ ଚନ୍ଦ୍ର ବେହେରା (୫୬), ଗୁରାଣ୍ଡି ଅଞ୍ଚଳର ଦୀପକ କୁମାର ସାହୁକାର (୩୦) ଓ ରବୀନ୍ଦ୍ର ବେହେରା (୫୦)ଙ୍କୁ ପୋଲିସ ଗିରଫ କରିଛି। ସୋମବାର ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀ କରି ଠକେଇ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାର ପୂରା ରହସ୍ୟ ବଖାଣିଛନ୍ତି। ତେବେ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ୪ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇର ମାଷ୍ଟରମାଇଣ୍ଡ୍ ଜ୍ୟୋସ୍ନାରାଣୀ ଖୁଣ୍ଟିଆଙ୍କ ପତ୍ତା ପାଇପାରି ନାହିଁ। ମାତ୍ର ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଦ୍ୟାଧରଙ୍କ ବ୍ୟାଗ୍‌ରୁ ମିଳିଥିବା ବହୁ ରବର ଷ୍ଟାମ୍ପ, ଷ୍ଟାମ୍ପ ପ୍ୟାଡ୍ ଓ ସାର୍ଟିଫିକେଟ୍ ଆଦି ଜବତ କରି ପୋଲିସ ତଦନ୍ତ କରୁଛି। ଅପହରଣ, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ପ୍ରମାଣ ନଷ୍ଟ ଆଦି ଦଫାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ଅପହରଣରୁ ଆତ୍ମହତ୍ୟା

ଅପହରଣରୁ ଆତ୍ମହତ୍ୟା ଓ ପରେ ମୃତଦେହ ଫିଙ୍ଗିବା ପର୍ଯ୍ୟନ୍ତ ୬ଦିନର ଘଟଣାବଳୀକୁ ନେଇ ହୋଇଥିବା ତଦନ୍ତରୁ ପୋଲିସ ବହୁ ତଥ୍ୟ ପାଇଛି। ବିଦ୍ୟାଧରଙ୍କୁ ଟଙ୍କା ଦେଇଥିବା ଗଜପତି ଜିଲାର ଅଭିଯୁକ୍ତମାନଙ୍କ ସମେତ ଅନ୍ୟ କେତେଜଣ ସେପ୍ଟେମ୍ବର ୧୫ ସୋମବାର ଭୁବନେଶ୍ୱର ଆସିଥିଲେ। ବାଲେଶ୍ୱର ଓ ଯାଜପୁର ଅଞ୍ଚଳରୁ ମଧ୍ୟ କେତେଜଣ ପହଞ୍ଚିଥିଲେ। ଆଶାୟୀମାନେ ଭଞ୍ଜକଳା ମଣ୍ଡପ ନିକଟ ରାସ୍ତାରେ ବିଦ୍ୟାଧରଙ୍କୁ ଭେଟି ୧.୫ କୋଟି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହାପରେ ବିଦ୍ୟାଧର ତାଙ୍କ ମ୍ୟାଡାମ୍ ଜ୍ୟୋସ୍ନାଙ୍କୁ କଲ୍ କରିଥିଲେ। ହେଲେ ସେ ଚାକିରି ଆଶାୟୀମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଆଶାୟୀମାନେ ବିଦ୍ୟାଧରଙ୍କୁ ଧରି ଜ୍ୟୋସ୍ନାଙ୍କୁ ଖୋଜାଖୋଜି କରିଥିଲେ। ଜ୍ୟୋସ୍ନାଙ୍କୁ ନ ପାଇବାରୁ ରାତିରେ ବିଦ୍ୟାଧରଙ୍କୁ ଅପହରଣ କରି ଠକେଇର ଶିକାର ଅନ୍ୟତମ ଚାକିରି ଆଶାୟୀ ତପନଙ୍କ ଯାଜପୁର ରୋଡସ୍ଥିତ ଭଡ଼ାଘରକୁ ନେଇଯାଇଥିଲେ। ମଙ୍ଗଳବାର ଭୋର ୪ଟାରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ବିଦ୍ୟାଧରଙ୍କୁ ବନ୍ଦୀ କରି ରଖିଥିଲେ। ବୁଧବାର ସେମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରି ସ୍ୱାମୀଙ୍କ କାରନାମା ବିଷୟରେ କହିବା ସହ ସାର୍ଟିଫିକେଟ୍ ଓ ଟଙ୍କା ଫେରାଇଦେବାକୁ କହିଥିଲେ। ସେହିଦିନ ତପନ ଓ ମୋହନ ନାମକ ଯୁବକ ବିଦ୍ୟାଧରଙ୍କ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କଠାରୁ ସାର୍ଟିଫିକେଟ୍ ଭର୍ତ୍ତି ବ୍ୟାଗ୍ ନେଇଥିଲେ। ହେଲେ ସେଥିରେ ଅନ୍ୟ ଆଶାୟୀଙ୍କ ଦସ୍ତାବିଜ ଥିବାରୁ ଅଭିଯୁକ୍ତମାନେ ବୁଧବାରଠାରୁ ଗୁରୁବାର ନିୟମିତ ମାମିନାଙ୍କୁ କଲ୍ କରି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହା ଭିତରେ ବିଦ୍ୟାଧର ଅପହର୍ତ୍ତାଙ୍କ ଚାପରେ ପଡ଼ି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ୧୯ ତାରିଖ ଶୁକ୍ରବାର ସକାଳ ୭ଟାରେ ସେ ଶୌଚ ହେବାକୁ କହି ଟଏଲଟ୍ ପାଖ ରୁମ୍‌କୁ ଯାଇ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଦେଇଥିଲେ। ଏହାପରେ ଟଙ୍କା ପାଇବାକୁ ଆଶା ରଖିଥିବା ଅଭିଯୁକ୍ତମାନେ ଭୟଭୀତ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ବିଦ୍ୟାଧରଙ୍କ ମୃତଦେହକୁ କାର୍‌ରେ ଭୁବନେଶ୍ୱର ଆଣି ବାରଙ୍ଗ-ପିତାପଲ୍ଲୀ ରୋଡର ଏକ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଚାହିଁଥିଲେ। ସେପଟେ ମାମିନା ବଡ଼ଗଡ଼ ଥାନାରେ ସ୍ୱାମୀଙ୍କ ନିଖୋଜ ଏତଲା ଦେଇ ଅପହର୍ତ୍ତାଙ୍କ ନମ୍ବର ଦେଇଥିଲେ। ପୋଲିସ ଉକ୍ତ ନମ୍ବରକୁ କଲ୍ କରିବା ପରେ ଅଭିଯୁକ୍ତମାନେ ମୃତଦେହ ଛାଡ଼ି ପଳାଇଥିଲେ। ୨୦ ତାରିଖରେ ବିଦ୍ୟାଧରଙ୍କ ମୃତଦେହ ପାଇବା ପରେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା।

# ମହିଳାଙ୍କୁ ହାଣି ସମୁଦ୍ରକୂଳରେ ଫିଙ୍ଗିଦେଲେ

- ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କଲା ଟୁରିଷ୍ଟ ପୋଲିସ
- ଗୁରୁତର ମହିଳାଙ୍କୁ କଟକ ସ୍ଥାନାନ୍ତର

କୋଣାର୍କ,୨୨।୯ (ଜ୍ୟୋତିରାଜ ମହାନ୍ତି)

ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ସମୁଦ୍ରକୂଳରୁ ସୋମବାର ଅପରାହ୍ନରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଓ ଟୁରିଷ୍ଟ ପୋଲିସ ଜଣେ ମହିଳାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିବା ଜଣାପଡ଼ିଛି। ପୋଲିସ ତାଙ୍କୁ ପ୍ରଥମେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କୁ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା ଉଦ୍ୟମ କରି ସମୁଦ୍ରକୂଳରେ ଫିଙ୍ଗିଦେଇଥିବା ଜଣାପଡ଼ିଛି। ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି।

ସୂଚନାଯୋଗ୍ୟ, ଟୁରିଷ୍ଟ ପୋଲିସ ସୋମବାର ଚନ୍ଦ୍ରଭାଗା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସମୁଦ୍ରକୂଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ମହିଳାଙ୍କୁ ଦେଖି ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲା। ଚନ୍ଦ୍ରଭାଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ମେଡିକାଲ୍‌ରେ ଭର୍ତ୍ତି କରିଥିଲା। ଖବରପାଇ ପୁରୀରୁ ଏକ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ବାଲିରେ ପଡ଼ିଥିବା ରକ୍ତ, ମହିଳାଙ୍କ ଚପଲ, ପାଣି ବୋତଲ, ଚୁଡ଼ି ଆଦି ଜବତ କରିଛି। ଏହି ଘଟଣାକୁ ନେଇ କୋଣାର୍କ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମହିଳା ଜଣଙ୍କ ଜଗତ୍‌ସିଂହପୁର ଜିଲା ମଙ୍ଗଳପୁରର ମାନସ ଭୋଇଙ୍କ ସ୍ତ୍ରୀ ବୋଲି ଜଣାପଡ଼ିଛି। ମହିଳାଙ୍କ ପାରିବାରିକ ଅଶାନ୍ତି ପାଇଁ ଜଣେ ବାବାଙ୍କ ନିକଟକୁ ଦେଖାକରିବା ବାହାନା କରି ଦୁର୍ବୃତ୍ତ ଜଣଙ୍କ ତାଙ୍କୁ କୋଣାର୍କ ଆଣିଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ମହିଳା ଜଣଙ୍କ ସୁସ୍ଥ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିନାହିଁ।

# ବିନିକା ଓଏଭିର ପ୍ରାକ୍ତନ ଭାରପ୍ରାପ୍ତ ଅଧ୍ୟକ୍ଷ ଗିରଫ

- ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ
- ଆତ୍ମସାତ୍ ଅର୍ଥକୁ ଅନ୍‌ଲାଇନ ଜୁଆଖେଳରେ ଉଡ଼ାଇଥିଲେ
- ପୂର୍ବରୁ ସରକାର ନିଲମ୍ବନ କରିଥିଲେ



ସୌମ୍ୟରଞ୍ଜନ ଖେତି

ସୋନପୁର,୨୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସରକାରୀ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ବିନିକା ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ପ୍ରାକ୍ତନ ଭାରପ୍ରାପ୍ତ ଅଧ୍ୟକ୍ଷ ସୌମ୍ୟରଞ୍ଜନ ଖେତିଙ୍କୁ ଭିଜିଲାନ୍ସ ବିଭାଗ ସୋମବାର ଗିରଫ କରିଛି। ଏହାର ଅଧିକ ତଦନ୍ତ ଜାରି ରହିଛି। ତାଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ପ୍ରାକ୍ତନ ଭାରପ୍ରାପ୍ତ ଅଧ୍ୟକ୍ଷ ଖେତି ୨୦୨୧ ସେପ୍ଟେମ୍ବର ୨୯ ତାରିଖରେ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଦାୟିତ୍ୱରେ ଥିବା ସମୟରେ ୨୦୨୧-୨୨ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ ମଧ୍ୟାହ୍ନଭୋଜନ ଯୋଜନା, ମୋ ସ୍କୁଲ ଅଭିଯାନ ଓ ଛାତ୍ରୀ ନିବାସ ପାଇଁ ମିଳିଥିବା ଅନୁଦାନ ହେର୍‌ଫେର ହୋଇଥିଲା। ନିଜ ପଦବୀର ଅପବ୍ୟବହାର କରି ସେ ସରକାରଙ୍କ ୫୫ ଲକ୍ଷ ୨ ହଜାର ୬୧୦ ଟଙ୍କା ଆତ୍ମସାତ୍ କରିଥିଲେ। ଅଭିଯୋଗ ହେବା ପରେ ସମ୍ବଲପୁର ଭିଜିଲାନ୍ସ ପିଏସ କେସ୍ ନଂ ୧୯/୨୦୨୫ ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଖେତି ତିନ୍‌ପଟି ଅନ୍‌ଲାଇନ ବେଟିଂ ଆପ୍‌ରେ ସଦସ୍ୟ ଭାବେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଥିଲା। ଏପରି କି ଆତ୍ମସାତ୍ କରିଥିବା ସରକାରୀ ଅର୍ଥରୁ ୧୧ଲକ୍ଷ ଟଙ୍କା ଅନ୍‌ଲାଇନ ବେଟିଂ ପାଇଁ ବ୍ୟବହାର କରିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଖେତିଙ୍କ ଏଭଳି କାରନାମା ଜଣାପଡିବା ପରେ ପୂର୍ବରୁ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିଲେ। ତାଙ୍କ ଘର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଛୁଣ୍ଡି ଗାଁରେ ବୋଲି ଜଣାଯାଇଛି। ତାଙ୍କ ଗିରଫ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଛୁରିରେ ଆକ୍ରମଣ, ମହିଳା ମୃତ

**କାନ ଫୁଲ ଓ ନାକର ନେଇ ଚମ୍ପଟ**

ପୋଲସରା,୨୨।୯ (ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଟିରିକିପଡା ଶାସନ ଗ୍ରାମର ଜଣେ ମହିଳାଙ୍କୁ ଏକ ଛୁରିରେ କେହି ଦୁର୍ବୃତ୍ତ ଆକ୍ରମଣ କରିଛି। ଫଳରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବିଳମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ (୫୫)। ପରେ ଦୁର୍ବୃତ୍ତ ଜଣକ ଶୈଳ ପିନ୍ଧିଥିବା କାନ ଓ ନାକର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିବା ଜଣାପଡିଛି। ସୋମବାର ସକାଳୁ ଘର କାମ ସାରି ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **କଟକ ଶାଖା /** **ଋଣଗ୍ରହୀତା: କ୍ରୀଷ୍ଣା ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୌଶିକ କୁମାର ବେହେରା,** ପିତା: ଗଙ୍ଗାଧର ବେହେରା, ସା: ଜଗତ୍‌ପୁର, କଟକ, ଓଡ଼ିଶା-୭୫୪୦୨୧ | ଶ୍ରୀ କୌଶିକ କୁମାର ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଟାଙ୍ଗି, ତହସିଲ: ଟାଙ୍ଗି-ଚୌଦ୍ୱାର, କଟକ, ରେଜିଷ୍ଟ୍ରେସନ୍ | ତା.୦୯.୦୭.୨୦୨୫ରିଖ ସୁଦ୍ଧା ଟ.୩୭,୫୩,୫୧୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୯.୦୭.୨୦୨୫ / ୧୮.୦୯.୨୦୨୫ (ସାଙ୍କେତିକ) |
| ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୭୭୨/୪୩୭୨, ପ୍ଲଟ୍ ନଂ.: ୬୨୭/୮୫୪୭, ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୬୨୦ ଏବଂ ୬୧୯, ପଶ୍ଚିମ: ଏହି ପ୍ଲଟ୍‌ର ବଳକା ଅଂଶ, ଉତ୍ତର: ରାସ୍ତା ଏବଂ ପ୍ଲଟ୍‌ର ବଳକା ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୬୧୮ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ (ବିଲ୍ଟ ଅପ୍ ଏରିଆ) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | | | |
| **ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମାଧୀ,** ପିତା: ଶ୍ରୀ ସତ୍ୟବାଜୀ ମାଧୀ, **ଠିକଣା-୧:** ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ଼ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧, **ଠିକଣା-୨:** ମାର୍ଫତ୍: | ଶ୍ରୀମତୀ ନମିତା କୁମାରୀ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମ୍ବଗଡ଼, ଗ୍ରାମ: ଦ୍ୱାରିକା ନଗର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଗଞ୍ଜାମ, ସବ୍-ଡିଷ୍ଟ୍ରିକ୍ଟ: ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିଜୟଲକ୍ଷ୍ମୀ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି, ଉତ୍ତର: ରାସ୍ତା, ଦକ୍ଷିଣ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି | ତା.୦୪.୦୫.୨୦୨୪ରିଖ ସୁଦ୍ଧା ଟ.୨୧,୯୦,୨୮୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୪.୦୫.୨୦୨୪ / ୧୯.୦୯.୨୦୨୫ (ଭୌତିକ) |
| ଶ୍ରୀ ସତ୍ୟବାଜୀ ମାଧୀ, ଜୟମଙ୍ଗଳା ନଗର, ଗେଟ୍ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୧ / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ନମିତା କୁମାରୀ ବେହେରା,** ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମାଧୀ, **ଠିକଣା:** ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ଼ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | | | |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୩.୦୯.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**



**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id : serwcirclesbp@yahoo.com
**Bid Identification No. Building tender Online RWCSBP-16/2025-26 No. : 3435 Dated : 16.09.2025**
**No.O-807** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 06 (Six) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 06 (Six) nos of Building works Details as per DTCN.
3 Estimated cost : Approximately varies from Rs.104.66 lakhs to Rs.284.52 lakhs
4 Class of Contractor : 'B' & 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only Online in website **www.tendersorissa.gov.in**. (https//tendersodisha.gov.in)
7 EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-16/2025-26 | **24.09.2025 at 11.00 A.M.** | **08.10.2025 Up to 05.00 P.M.** | **06.10.2025 Up to 5.00 P.M.** | **09.10.2025 at 11.00 A.M.** | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

OIPR-25091/11/0082/2526 — **Sd./- Chief Construction Engineer, Rural Works Circle, Sambalpur**



**ଦ.ପୂ. ରେଳପଥ – ଇ-ଟେଣ୍ଡର**
**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**
**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଏନ୍ଏଲ୍/ଟିପି/୨୦୨୫/୩୫, ତାରିଖ: ୧୯।୦୯।୨୦୨୫**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୪୬୨୫୩୧୬୦ | ୧୬।୧୦।୨୦୨୫ | ଡିସ୍‌କନେକ୍ଟିଂ ଓ ଆର୍ଥିଂ ଡିଭାଇସ୍, ୮ ପୋଲ୍, ୨ ୱେ, ବିନା ଅଫ୍, ଅନ୍ ଲୋଡ୍ ୧୨୫ ଏ ଆଟ୍ ୧୦୦୦ ଭି ଏସି, ୨ ଏନ୍‌ଓ+୨ଏନ୍‌ସି ଏବଂ ପ୍ୟାଡ୍ ଲକିଂ ବ୍ୟବସ୍ଥା ସହ ଅଫ୍ ପୋଜିସନରେ, ଆଇଇସି ୬୦୯୪୭ ଅନୁରୂପ ଏସି୨୩ ଡ୍ୟୁଟି ପାଇଁ ଉପଯୁକ୍ତ ଷ୍ଟେନଲେସ୍ ଷ୍ଟିଲ୍ ଏନ୍‌କ୍ଲୋଜରରେ ମାଉଣ୍ଟେଡ୍ ଇତ୍ୟାଦି | ୩୩୧ ଗୋଟି | ୩,୬୮,୮୩୦.୦୦ |
| ୨. | ୨୯୨୫୧୦୦୨ | ୨୩।୧୦।୨୦୨୫ | ଟାବ୍‌ଲେଟ୍ ପିସି ଟାଇପ୍ ଫଗ୍ ପାଇଲଟ୍ ଆସିଷ୍ଟାନ୍ସ ସିଷ୍ଟମ୍ ଡିଭାଇସ୍ | ୧୦୯୧ ଗୋଟି | ୧୧,୬୮,୯୪୦.୦୦ |
| ୩. | ୨୯୨୫୩୬୯୮ | ୨୪।୧୦।୨୦୨୫ | ଡବ୍ଲ୍ୟୁଏପି-୭ ପାଇଁ ଡାମ୍ପର୍ | ୩୯ ସେଟ୍ | ୨,୮୯,୯୩୦.୦୦ |
| ୪. | ୨୯୨୫୩୧୯୧ | ୦୪।୧୧।୨୦୨୫ | କ୍ୟାବ୍ ଆକ୍ଟିଭେଟିଂ କୀ ସୁଇଚ୍ ଆଦି | ୩୪୩ ଗୋଟି | ୧,୧୩,୩୩୦.୦୦ |
| ୫. | ୨୯୨୫୪୬୬୬ | ୦୬।୧୧।୨୦୨୫ | ମେସର୍ସ କେବିଆଇପିଏଲ୍ ଗଠନ ମ୍ୟାଗ୍ନେଟ୍ ଭାଲ୍‌ଭ ପାଇଁ ଓଭରହଲିଂ କିଟ୍ | ୫୩୦ ସେଟ୍ | ୧,୩୭,୫୯୦.୦୦ |
| ୬. | ୨୯୨୫୩୮୨ | ୧୩।୧୧।୨୦୨୫ | ବ୍ରେକ୍ ପାଇଁ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୧୧୭ ସେଟ୍ | ୧,୬୫,୪୦୦.୦୦ |
| ୭. | ୨୫୨୫୩୫୬୧ | ୧୮।୧୧।୨୦୨୫ | ଟାପ୍ ଚେଞ୍ଜରର ପିଓଏଚ୍ ରକ୍ଷଣାବେକ୍ଷଣ ଅନୁସୂଚୀ | ୨୫ ସେଟ୍ | ୧,୨୦,୩୨୦.୦୦ |
| ୮. | ୨୫୨୫୩୫୬୮ | ୧୯।୧୧।୨୦୨୫ | ଇଏଲ୍‌ଜିଆଇ ଟିଆରସି ୧୦୦୦ଏମ୍ଏନ୍ କମ୍ପ୍ରେସରର ଆଇଓଏଚ୍ କିଟ୍ | ୪୬ ସେଟ୍ | ୧,୦୨,୯୩୦.୦୦ |
| ୯. | ୨୯୨୫୩୮୧୪ | ୨୦।୧୧।୨୦୨୫ | ଇଏଲ୍‌ଜିଆଇ ଗଠନର ମାଉଣ୍ଟ ସେଟ୍ | ୧୫୮ ସେଟ୍ | ୧,୪୯,୮୫୦.୦୦ |
| ୧୦. | ୨୯୨୫୩୩୧୭ | ୨୫।୧୧।୨୦୨୫ | ଇମର୍ଜେନ୍ସି ଏକ୍ସଜଷ୍ଟ ଭାଲ୍‌ଭ ପାଇଁ କିଟ୍‌ର ସେଟ୍ | ୩୧୯ ସେଟ୍ | ୧,୩୯,୩୨୦.୦୦ |
| ୧୧. | ୨୫୨୫୧୨୮୫ | ୨୬।୧୧।୨୦୨୫ | ବ୍ରଶ୍ ହୋଲ୍ଡର ଆସେମ୍ବ୍ଲିର ସେଟ୍ | ୨୧୮ ସେଟ୍ | ୧,୧୪,୨୧୦.୦୦ |
| ୧୨. | ୨୯୨୫୩୦୦୮ | ୦୨।୧୨।୨୦୨୫ | ଟ୍ରାକ୍ସନ୍ ବାର୍ ପାଇଁ ହାଉସିଂ | ୨୦୨ ଗୋଟି | ୧,୨୦,୧୩୦.୦୦ |
| ୧୩. | ୨୯୨୫୩୩୧୬ | ୦୮।୧୨।୨୦୨୫ | କିଟ୍ ଡାଇରେକ୍ଟ ବ୍ରେକ୍ ଏକ୍ସଜଷ୍ଟ ଭାଲ୍‌ଭର ସେଟ୍ | ୧୨୮ ସେଟ୍ | ୧,୩୧,୫୭୦.୦୦ |
| ୧୪. | ୭୭୨୫୩୦୪୭ | ୦୬।୧୧।୨୦୨୫ | ପେଣ୍ଟ ଯୋଗାଣ, ବ୍ଲାକ୍ ଗ୍ରେ ଆର୍‌ଏଏଲ୍-୭୦୨୧, ପିୟୁ ଭିତ୍ତିକ | ୩୬୨୪୦ ଲିଟର | ୧,୦୭,୦୭୦.୦୦ |
| ୧୫. | ୩୧୨୫୫୦୦୬ | ୧୬।୧୦।୨୦୨୫ | ଇଏମ୍‌ୟୁଡି ଟାଇପ୍ କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୮୦୩ ସେଟ୍ | ୨୦,୦୦,୦୦୦.୦୦ |
| ୧୬. | ୩୩୨୫୩୨୨୦ | ୨୯।୧୦।୨୦୨୫ | ଏଲ୍ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ଡୋର୍ ଆରେଞ୍ଜମେଣ୍ଟସ ଆର୍.ଏଚ୍. ଓ ଏଲ୍.ଏଚ୍. | ୧୪୪ ସେଟ୍ | ୧,୭୨,୯୭୦.୦୦ |
| ୧୭. | ୪୫୨୫୩୧୯୩ | ୦୯।୧୨।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ୍ ପାଇଁ ଉପଯୁକ୍ତ ବ୍ରଶଲେସ୍ ଅଲ୍‌ଟର୍ନେଟର ୪.୫ କେଡବ୍ଲ୍ୟୁ କ୍ଷମତାର ଭି-ବେଲ୍ଟ ଚାଳିତ ଆଦି | ୪୪ ଗୋଟି | ୧,୩୦,୮୯୦.୦୦ |
| ୧୮. | ୪୩୨୫୩୦୧୮ | ୦୪।୧୨।୨୦୨୫ | ହଟ୍ ବଫେଟ୍ ଏଲ୍ଏଚ୍‌ବି ଟାଇପ୍ କୋଚ୍ ପାଇଁ ଇଲେକ୍ଟ୍ରିକ୍ ୱାଟର୍ ବଏଲର୍ ୩୦ ଲିଟର | ୧୧୪ ଗୋଟି | ୧,୬୪,୧୧୦.୦୦ |
| ୧୯. | ୪୩୨୫୩୦୧୬ | ୧୨।୧୧।୨୦୨୫ | ଭୋଲ୍ଟେଜ୍ ଫେଜ୍ କଣ୍ଟ୍ରୋଲ (ଏମ୍ଏମ୍ଆର୍ ମେଜରିଂ ଓ ମନିଟରିଂ ରିଲେ) ଏନ୍‌ଇଟି ୧ ଓ ୨ | ୧୪୮୯ ଗୋଟି | ୧,୬୫,୫୧୦.୦୦ |
| ୨୦. | ୪୬୨୫୩୦୯୭ | ୧୭।୧୧।୨୦୨୫ | କମ୍ପ୍ରେସର ୟୁନିଟ୍ ୧.୧.୧.୨.୨.୧ ଏବଂ ୨.୨ ହିଟର୍ ୧୮୨ ପାଇଁ ମୋଟର ପ୍ରୋଟେକ୍ସନ୍ ସର୍କିଟ୍ ବ୍ରେକର୍ (ଏମ୍‌ପିସିବି), ସାମ୍ପ୍ରତିକ ରେଟିଂ ୭-୧୦ ଆମ୍ପ, ଥର୍ମାଲ୍ ରିଲିଜ୍ ରେଞ୍ଜ ୧୦-୧୬ ଆମ୍ପ, ଶ୍ରେଣୀ ୧୦, ବ୍ରେକିଂ କ୍ଷମତା ୧୦ କେଏ, ୩ ପୋଲ୍ ଆଦି | ୩୦୩୧ ଗୋଟି | ୧,୧୭,୧୭୦.୦୦ |
| ୨୧. | ୭୫୨୫୧୭୮ | ୧୧।୧୧।୨୦୨୫ | ଭିନାଇଲ୍ କୋଟେଡ୍ ଅପ୍‌ହୋଲ୍‌ଷ୍ଟେରୀ ଫାବ୍ରିକ୍ । ଆକାର: ୧୨୭ ସେମି x ୩୦ ମିଟର । | ୬୩୩୧୭ ମିଟର | ୧,୬୯,୭୪୦.୦୦ |
| ୨୨. | ୩୮୨୫୩୮୮୧ | ୧୪।୧୦।୨୦୨୫ | ୭/୮" (୨୨.୨୨ ମିମି) ଡାୟା. ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜ୍‌ଡ ଲକ୍ ବୋଲ୍ଟ ସହିତ କଲାର୍ ଗ୍ରିପ୍ ନଂ.୧୬ ସହ ଗ୍ରିପ୍ ରେଞ୍ଜ ୨୫.୪୦-୩୧.୭୫ ମିମି । | ୭୮୦୭୮ ଗୋଟି | ୧,୬୭,୬୮୦.୦୦ |
| ୨୩. | ୩୮୨୫୩୩୩୫ | ୦୫।୧୧।୨୦୨୫ | ଅପ୍-ଗ୍ରେଡେଡ୍ ଏଚ୍‌ଟିସିବିସି ନିମନ୍ତେ ୱେର୍ ପ୍ଲେଟ୍ ସହ ଷ୍ଟ୍ରାଇକର୍ କାଷ୍ଟିଂ । ଡ୍ରଇଂ ନଂ.: ଆଇଆର୍‌ଏସ୍ ଏସ୍ ଡ୍ରଇଂ ନଂ. ଡବ୍ଲ୍ୟୁଏ/ବିଡି-୪୪୬୦, ଅଲ୍. ୯ । | ୮୮୦ ଗୋଟି | ୩,୦୫,୨୯୦.୦୦ |
| ୨୪. | ୩୮୨୫୧୫୩୬ଏ | ୦୭।୧୧।୨୦୨୫ | ଏମ୍‌କେ-୫୦ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ ପାଇଁ ୬ଟି ସାମଗ୍ରୀ ସମ୍ବଳିତ ପିଓଏଚ୍ କିଟ୍-୨ । ଡ୍ରଇଂ ନଂ.: କିଟ୍ ବିବରଣୀ ପରିଶିଷ୍ଟ ଅନୁଯାୟୀ | ୧୩୦ ସେଟ୍ | ୨,୪୨,୧୭୦.୦୦ |
| ୨୫. | ୨୫୨୫୩୫୬୬ | ୦୭।୧୦।୨୦୨୫ | ସ୍କୁଦିଂ ରିଆକ୍ଟର ଟାଇପ୍ ଏସ୍ଏଲ୍-୩୦ ଆଦି | ୨୮ ଗୋଟି | ୭,୦୦,୪୫୦.୦୦ |
| ୨୬. | ୨୯୨୫୩୨୫୧ | ୦୯।୧୦।୨୦୨୫ | ପ୍ରାଇମେରୀ ଭୋଲ୍ଟେଜ୍ ଟ୍ରାନ୍ସଫର୍ମର୍ | ୨୨ ଗୋଟି | ୨,୦୫,୦୮୦.୦୦ |
| ୨୭. | ୨୫୨୫୩୬୬୫ | ୨୦।୧୦।୨୦୨୫ | ବେରିଂ ବ୍ରାକେଟ୍ ଆସେମ୍ବ୍ଲି ସେଟ୍ ଆଦି | ୨୬୦ ସେଟ୍ | ୭,୦୭,୫୪୦.୦୦ |
| ୨୮. | ୨୯୨୫୩୭୮୭ | ୨୧।୧୦।୨୦୨୫ | ଏଲ୍‌ଆର୍‌ୟୁ ପାଇଁ ଓଭରହଲିଂ କିଟ୍, କଣ୍ଟ୍ରୋଲ ପୋର୍ସନ୍; ୨୦-ପାଇପ୍ | ୯୭ ସେଟ୍ | ୨,୪୧,୫୧୦.୦୦ |
| ୨୯. | ୨୫୨୫୧୩୦୨ | ୨୨।୧୦।୨୦୨୫ | କମ୍ୟୁଟେଟର୍ ଆସେମ୍ବ୍ଲି ଆଦି | ୩୬ ଗୋଟି | ୨,୮୨,୯୨୦.୦୦ |
| ୩୦. | ୨୯୨୫୫୦୫୯ | ୦୫।୧୧।୨୦୨୫ | ୩ଡି ଆଡଜଷ୍ଟେବଲ୍ ୩୬୦ ଡିଗ୍ରୀ ରୋଟେଶନାଲ ଡ୍ରାଇଭର ସିଟ୍ | ୨୫୦ ଗୋଟି | ୩,୨୧,୫୫୦.୦୦ |
| ୩୧. | ୨୯୨୫୩୨୩୦ | ୩୦।୧୨।୨୦୨୫ | ବୁଲ୍ ଗିୟର (୭୨ ଟିଥ୍) ଆଦି | ୪୭ ଗୋଟି | ୧,୩୩,୦୫୦.୦୦ |
| ୩୨ | ୨୯୨୫୩୨୯୭ | ୩୧।୧୨।୨୦୨୫ | ଏମ୍‌ଭିବି ଭିତ୍ତିକ ଗ୍ରାଫିକାଲ୍ ଡ୍ରାଇଭର ଆଦି | ୪୪ ଗୋଟି | ୧,୭୯,୧୨୦.୦୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in** ପରିଦର୍ଶନ କରିପାରନ୍ତି । (PR-647)



GOVERNMENT OF ODISHA No.B-527
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID : supenger_rbjyp@yahoo.co.in
**INVITATIONS FOR BIDS (IFB)**
**BID IDENTIFICATION NO. C.C.E.J.C (R&B) - 09/2025-26**
**No. 3719** **Date : 13.09.2025**

1. Nature of the work : **ROAD WORKS**
2. Total No. of Works : 04 (Four) Nos.
3. Tender cost : **Rs.1.79 to 8.32 Crs.**
4. Period of completion : 06 (Six) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : **Rs.1.79 Lacs to 8.32 Lacs** as per column no.06 of IFB
7. Class of Contractor : **"B" & "A" & "Special"** Class as per Cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 12.00 hours of 24.09.2025 to 17.00 hours of 08.10.2025
9. Last date / Time for receipt of bids in the Portal : 17.00 hours of 08.10.2025
10. Opening date of Bid : 11.00 hours of 09.10.2025
11. Name and address of the Officer Inviting Bid : **Chief Construction Engineer, Jeypore (R&B) Circle, Jeypore**

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

OIPR-34108/11/0035/2526 — **Sd./- Chief Construction Engineer Jeypore (R&B) Circle, Jeypore**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, BERHAMPUR**
No.b-17
E-mail Id - eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. EE-NH-BAM/05/2025-26**
**No. 3202** **Dated - 19.09.2025**

1) The **Superintending Engineer, N.H. Division, Berhampur** on behalf of Governor of Odisha invites percentage rate bid in Single cover system in **ONLINE MODE** from eligible contractors for construction of Road work as detailed in the table below.
2) Nature of Work : Road (Drain)
3) No. of Work : 3 Nos.
4) Tender Cost : Rs.6000/- for each
5) Class of Contractor : C&D, B&C Class, B&C Class
6) Availability of Bid document in portal : 11.00 A.M. of 24.09.2025 to 05.30 P.M. of 17.10.2025
7) Date of Opening of Bid : 18.10.2025 at 11 A.M.
8) The bidders have to paticipate in ONLINE bidding only. Further details can be seen from the website https://tenderssorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

OIPR-24415/11/0004/2526 — **Sd./- Superintending Engineer, NH Division, Berhampur**



**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
No.B-533
E-mail - eepwdbgh@gmail.com Phone/Fax - 06646-234819
**INVITATIONS FOR BIDS (I.F.B)**
**e-Procurement Notice**
**IDENTIFICATION NO.IFB-SE PWD BGH No.14 OF 2025-26**
**No. 4799, Dated - 13.09.2025**

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Building, Road & Electrical works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building, Road & Electrical work : **11 Nos.**
3) Cost of Tender Paper : **Rs.4,000/-, Rs.6,000/- & Rs.10,000/-**
4) Class of contractor : **"C", "B" Class "MV" & "HT" Electrical Contractor**
5) Date & Time of available in web site & receipt of Bids : **11:00 Hrs. of 26.09.2025 to 17:00 Hrs. of 08.10.2025**
6) Date of opening of Technical Bid : **09.10.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / addendum will be displayed in the website https://tendersodisha.gov.in only.

OIPR-34039/11/0029/2526 — **Sd./- Superintending Engineer, Bargarh (R&B) Division**



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର**
**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**
E-mail ID : eernb4bbsr@gmail.com, Tel - (0674) - 2390245
**INVITATIONS FOR BIDS THROUGH e-Procurement**
**No.8871 Date - 17.09.2025**
**Bid Identification No. - C.C. (R&B) - 04**
**No.B-544** **e-Procurement Notice No. 19 of 2025-26**

| | | |
|---|---|---|
| 1 | Name of the Work | 1 No. (Supplying providing & fixing of lab Furniture etc.) |
| 2 | Total No. of Works | 1 No. |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.24.09.2025 to Dt.08.10.2025 up to 5.30 P.M. |
| 8 | Last Date & Time for Receipt of bids in the Portal | Dt.08.10.2025 up to 5.30 P.M. |
| 9 | Opening of Bid through online | Dt.09.10.2025 at 11.30 A.M. |
| 10 | Name & Adderss of the Officer inviting Bid | Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

OIPR-34090/11/0024/2526 — **Sd./- Additional Chief Engineer BBSR (R&B) Division No.IV, BBSR**


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




5 YEAR WARRANTY+ TVS CREDIT L&T Finance IDFC FIRST Bank HDFC BANK SHRIRAM Finance

ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ ।

tvsjupiter | www.tvsmotor.com/tvs-jupiter
Call: 1800 315 7777

* Ex-showroom price of TVS Jupiter 110 BS VI Drum variant in Odisha. Trophies and award logos are not representative of all 15 accolades. + 5 yr. warranty without any additional charges.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com** Authorised Main Dealers: ANGUL: SHREENARAYANI TVS: 9861222572, TALCHER: RAISER TVS: 9124563481, 9124563480, DHENKANAL: SHREE GURUVINAYAK TVS: 7440041000, 7440042000. **Authorised Dealers:** KAMAKYANAGAR:9437332936, RASOL:9437663780, BHUBAN:9937707823, MAHIDHARPUR:8917382498 PALLAHARA:9437663970, PARJANG:9777112004, JIRAL:9437549916.

dentsu/dha ang/06/25

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Tuesday, September 23/2025 | Page 16 | ₹ 7.00 | DHENKANAL
୫୧ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 299 | ମୂଲ୍ୟ ₹୭/-




ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଛନ୍ତି। (ଫଟୋ: ବିକାଶ ନାୟକ)

# ଭୁଲ୍ ମେଡିସିନ ନେଲା ଶିଶୁପୁତ୍ରର ଜୀବନ

## କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

**ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)**

ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ଜୀବନ ଚାଲିଯାଇଛି। ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଏହି ସମ୍ବେଦନଶୀଳ ଘଟଣା ଘଟିଛି। ମୃତ ଶିଶୁପୁତ୍ର ହେଲେ ସାଲିଆସାହି ବାସିନ୍ଦା ଆଶିଷ ସାହୁଙ୍କ ପୁଅ ଆୟୁଷ୍ମାନ। ଘଟଣା ଜଣାପଡିବା ପରେ ହସ୍ପିଟାଲରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ ଦୀର୍ଘ ସମୟ ଧରି ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। ମା' ରଞ୍ଜିତା ସାହୁଙ୍କ ଅଭିଯୋଗ ଅନୁଯାୟୀ, ଶିଶୁପୁତ୍ର ଆୟୁଷ୍ମାନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ତାଙ୍କୁ ସେ ରବିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଶିଶୁ ବିଭାଗରେ ଡାକ୍ତର ତାଙ୍କୁ ଦେଖିବା ସହ ଛାତି ଏକ୍ସରେ କରିବାକୁ କହିଥିଲେ। ପରେ ଡାକ୍ତର ଏକ୍ସରେ ରିପୋର୍ଟ ଦେଖି ମେଡିସିନ୍ ଦେବା ସହିତ ସୋମବାର ଇକୋ କରିବାକୁ କହିଥିଲେ। ମାତ୍ର ରାତିରେ ପୁଅର ବାନ୍ତି ହେବାରୁ ପରିବାରରେ ଲୋକେ ତାଙ୍କୁ ପୁଣିଥରେ ହସ୍ପିଟାଲକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ପିଲାର ସ୍ୱାସ୍ଥ୍ୟ ଯାଞ୍ଚ କରି ନିବୁଲାଇଜର ଦେବାକୁ କହି ମେଡିସିନ୍ ଲେଖିଦେଇଥିଲେ। ସେଠାରେ ତାଙ୍କୁ ୩ଥର ନିବୁଲାଇଜର ଦିଆଯିବା ପରେ ପିଲା ଠିକ୍ ଭାବେ ନିଶ୍ୱାସ ନେଇ ନ ପାରିବାରୁ ତାଙ୍କୁ ମେଡିସିନ ଖାଇବାକୁ ଦିଆଯାଇଥିଲା। ଏହାପରେ ଶିଶୁଟିର ହିକା ଉଠିବା ସହ ଦେହ ନୀଳ ପଡିଯାଇଥିଲା। ଉପସ୍ଥିତ ଡାକ୍ତର ଶିଶୁଟିକୁ ଦେଖି ମୃତ୍ୟୁ ହୋଇଯାଇଥିବା କହି ସେଠାରୁ ଚାଲି ଯାଇଥିଲେ। ପରେ ଯେଉଁ ଡାକ୍ତର ଆସିଥିଲେ ସେ ଭୁଲ୍ ମେଡ଼ିସିନରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ କହିଥିଲେ ବୋଲି ମା' ଓ ବାପା ଅଭିଯୋଗ କରିଛନ୍ତି। ତେବେ ପୁଅର ମୃତ୍ୟୁ ହେବା ଜାଣି ମା'ବାପା ଡାକ୍ତରଙ୍କୁ ଦୋଷ ଦେବା ସହ ପାଟିକରିଥିଲେ। ହେଲେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ ଶିଶୁର ମା'କୁ ଦୁର୍ବ୍ୟବହାର କରିବା ସହ ☞ପୃଷ୍ଠା–୩

# ମାନହାନିକୁ ଅପରାଧମୁକ୍ତ କରିବା ସମୟ ଆସିଛି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯**



ମାନହାନିକୁ ଅପରାଧମୁକ୍ତ କରିବାର ସମୟ ଆସିଥିବା ସୋମବାର ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି। ବ୍ୟକ୍ତିବିଶେଷ, ସଂଗଠନ ଓ ରାଜନୈତିକ ଦଳଗୁଡ଼ିକ ଆପରାଧିକ ମାନହାନି ଆଇନର ଅଧିକ ବ୍ୟବହାର କରୁଥିବାରୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ କହିଛନ୍ତି, ମାନହାନିକୁ ଅପରାଧମୁକ୍ତ କରିବା ଲାଗି ସମୟ ଆସିଯାଇଥିବା ସେ ଭାବୁଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ସର୍ବୋଚ୍ଚ ଅଦାଲତ ଆପରାଧିକ ମାନହାନିର ସାମ୍ବିଧାନିକ ବୈଧତାକୁ କାଏମ ରଖିବା ଅବସରରେ କହିଥିଲେ, ଏହା ବଞ୍ଚିବାର ମୌଳିକ ଅଧିକାରର ଅଂଶବିଶେଷ ମର୍ଯ୍ୟାଦାର ସୁରକ୍ଷା କରୁଛି। ୨୦୧୬ର ସୁବ୍ରମଣ୍ୟମ ସ୍ୱାମୀ ବନାମ କେନ୍ଦ୍ର ସରକାର ମାମଲାରେ ଅଦାଲତ କହିଥିଲେ, ଆପରାଧିକ ମାନହାନି ଆଇନ ସ୍ୱାଧୀନ ମତବ୍ୟକ୍ତ ଓ ଅଭିବ୍ୟକ୍ତି ଅଧିକାର ପ୍ରତି ଏହା ଏକ ଉଚିତ ପ୍ରତିବନ୍ଧ। ତେବେ ଉକ୍ତ ଆଇନର ଅତ୍ୟଧିକ ବ୍ୟବହାରକୁ ନେଇ ଅଦାଲତଙ୍କ ଚିନ୍ତାକୁ ଜଷ୍ଟିସ୍ ସୁନ୍ଦ୍ରେଶ ପ୍ରକାଶ କରିଛନ୍ତି। କୌଣସି ଜନସ୍ୱାର୍ଥ ନ ଥାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ମାନହାନିକୁ ଅପରାଧ ବିବେଚନା କରାଯାଇପାରିବ କି ବୋଲି ସୁବ୍ରମଣ୍ୟମ୍ ସ୍ୱାମୀ ମାମଲାରେ ପ୍ରଶ୍ନ ଉଠିଥିବାବେଳେ ଜଷ୍ଟିସ୍ ସୁନ୍ଦ୍ରେଶଙ୍କ ମନ୍ତବ୍ୟ ଏହାକୁ ପୁଣିଥରେ ଜାଗ୍ରତ କରିଛି। ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅମିତା ସିଂଙ୍କ ଦ୍ୱାରା ଦାଏର ଏକ ମାନହାନି ମାମଲାରେ ତଳ କୋର୍ଟ ଦି ୱେର ନ୍ୟୁଜ୍ ୱେବ୍‌ସାଇଟ୍‌ର ପରିଚାଳନା କରୁଥିବା ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍ ଏବଂ ଜଣେ ସାମ୍ବାଦିକଙ୍କୁ ସମନ ଜାରି କରିଥିବାବେଳେ ଏହାକୁ ଖାରଜ କରିବା ପାଇଁ ସେମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉକ୍ତ ପିଟିଶନର ଶୁଣାଣି କରି ଜଷ୍ଟିସ୍ ସୁନ୍ଦ୍ରେଶ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ୧୩ ମାସରେ ୩୭, ୬୧୧ ନାରୀ ନିର୍ଯାତନା ମାମଲା

**ଭୁବନେଶ୍ୱର, ୨୨।୯ (ରବିନାରାୟଣ ଜେନା)**

ରାଜ୍ୟରେ ନାରୀ ନିର୍ଯାତନା ମାମଲା ବଢ଼ି ଚାଲିଛି। ୨୦୨୦ରେ ରାଜ୍ୟରେ ୨୭ହଜାର ୮୧୦ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ଗତ ୧୩ମାସ ମଧ୍ୟରେ ରାଜ୍ୟରେ ୩୭ ହଜାରରୁ ଅଧିକ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ, ବଳାତ୍କାର ଓ ଯୌତୁକ ନିର୍ଯାତନା ଭଳି ସଙ୍ଗିନ ମାମଲା ରହିଛି। ଆଗାମୀ ଦିନରେ ନାରୀ ନିର୍ଯାତନା ମାମଲାକୁ କିଭଳି ହ୍ରାସ୍ କରାଯାଇପାରିବ ସେନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ☞ପୃଷ୍ଠା–୩



**ଝରାବେରେଣିରେ ଜନ ଶୁଣାଣି**

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଝରାବେରେଣୀ ଗ୍ରାମରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ୨୫ଟି ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିପିଓ ସତ୍ୟପ୍ରିୟ ସାହୁ, ସରପଞ୍ଚ ଶରତ କୁମାର ପ୍ରଧାନ, ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମନରଞ୍ଜନ ପ୍ରଧାନ, ଯୋଗାଣ ବିଭାଗ କର୍ମଚାରୀ ସରୋଜ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜବରଦଖଲ ମୁକ୍ତ ପ୍ରକ୍ରିୟା ଆରମ୍ଭ

## କାଞ୍ଚନ ବଜାରରୁ ବଜାର ଛକ ଯାଏ ପୌରପାଳିକାର ମାପଚୁପ

**ଅନୁଗୋଳ,୨୨।୯(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ନିର୍ଦ୍ଦେଶ ପରେ ଅନୁଗୋଳ ସହର ମଧ୍ୟରୁ ଜବରଦଖଲ ହଟାଇବା ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ପୌରପାଳିକା, ତହସିଲ ଓ ପୋଲିସକୁ ନେଇ ଏକ ମିଳିତ ଟିମ୍ ସୋମବାର ସହରର ବିଭିନ୍ନ ଅଞ୍ଚଳ ମାପଚୁପ କରିବା ସହ ଜବରଦଖଲ ଚିହ୍ନଟ କରିଛି। ଅତିଶୀଘ୍ର ଏହିସବୁ ଜବରଦଖଲକୁ ଉଚ୍ଛେଦ କରାଯିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନା ମୁତାବକ, ଅନୁଗୋଳ ସହର ମଧ୍ୟରେ ଜବରଦଖଲ ସମସ୍ୟା ବଢ଼ି ବଢ଼ି ଚାଲିଛି। ସରକାରୀ ଜାଗାଠାରୁ ଆରମ୍ଭ କରି ରାସ୍ତା, ପାଣିହତା, ଗୋଚର ଜାଗା, କେନାଲହୁଡ଼ା ସବୁ ସ୍ଥାନରେ ଜବରଦଖଲ ବଢ଼ୁଛି। ରାସ୍ତା ଉପରକୁ ଦୋକାନ ବଢ଼ାଇ ରାସ୍ତାକୁ ସଙ୍କୁଚିତ କରି ଅନେକ ଦୋକାନୀ ବଜାର ମଧ୍ୟରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ପ୍ରାୟ ୪ବର୍ଷ ତଳେ ପୌରପାଳିକା ପକ୍ଷରୁ ଥରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ନିଜ ଦୋକାନ ଠାରୁ ହାତେ ହେଲେ ମଧ୍ୟ ବାହାରକୁ ନ ବଢ଼ାଇବାକୁ ପ୍ରଶାସନ ତାଗିଦ୍ କରିଥିଲା। କୌଣସି ଦୋକାନୀ ନିଜ ଜିନିଷପତ୍ର ରାସ୍ତା ଉପରେ ରଖି ବେପାର କରିବାକୁ ନିଷିଦ୍ଧ କରାଯାଇଥିଲା। ହେଲେ ବର୍ତ୍ତମାନ ପୂର୍ବପରି ଜବରଦଖଲ ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଅଭିଯୋଗ ମିଳିବା ପରେ ଜିଲା ପ୍ରଶାସନର ଆଦେଶ କ୍ରମେ ତହସିଲଦାର ଆଲୋକ ଦେହୁରୀ, ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ସଦର ରାଜସ୍ୱ ନିରୀକ୍ଷକ ମଛିନ୍ଦ୍ରମୈତ୍ରୀ ସାହୁ ଏବଂ ଟାଉନ ଥାନା ପୋଲିସ ସହାୟତାରେ ଜବରଦଖଲ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। କାଞ୍ଚନ ବଜାର ଠାରୁ ଶାନ୍ତି ହୋଟେଲ ଛକ, ମାରିୱାଡି ଧର୍ମଶାଳା ପାଖରୁ ବଜାର ଛକ ପର୍ଯ୍ୟନ୍ତ ରାସ୍ତାରେ ସରକାରୀ ଜାଗା ଚିହ୍ନଟ କରାଯାଇଛି। ଏହି ଅଞ୍ଚଳରେ ଦୋକାନଗୁଡ଼ିକ ରାସ୍ତା ଉପରକୁ ଆସି ବେପାର କରୁଥିବା ବେଳେ କେତେଜଣ ଘର ମାଲିକ ରାସ୍ତା ଉପରକୁ ମଡ଼ାଇ ଘର ନିର୍ମାଣ କରିଛନ୍ତି। ସେଗୁଡ଼ିକୁ ଚିହ୍ନଟ କରି ପୌରପାଳିକା ନାଲି ରଙ୍ଗ ମାରିଛି। ଆଗାମୀ କିଛିଦିନ ମଧ୍ୟରେ ଏହିସବୁ ଜବରଦଖଲ ନିର୍ମାଣଗୁଡ଼ିକୁ ଭଙ୍ଗାଯିବ ବୋଲି ସୂଚନା ରହିଛି। ଏ ନେଇ ନିର୍ବାହୀ ଅଧିକାରୀ ତ୍ରିପାଠୀ କହିଛନ୍ତି, ସହରର କିଛି ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ସମସ୍ୟାକୁ ନେଇ ଜିଲା ପ୍ରଶାସନ ଓ ପୌରନ୍‌ପାଳିକାରେ ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ତାକୁ ଆଖି ଆଗରେ ରଖି ଏହି ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ଏହାର ସ୍ଥାୟୀ ପ୍ରତିକାର କରାଯିବ।


ପ୍ରଶାସନ ପକ୍ଷରୁ ଜବରଦଖଲ ନେଇ ମାପଚୁପ ଚାଲିଛି।

# ୬ ଦଫା ଦାବିରେ ଜିପିଏମ୍‌ଏଫ୍ କର୍ମୀଙ୍କ ଧାରଣା


କିଶୋରନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା କର୍ମୀମାନେ।

**ବଅଁରପାଳ,୨୨।୯ (ସୁବାସ ସାହୁ)/ବଇଣ୍ଡା (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ଛେଣ୍ଡିପଦା (ଅଜିତ ଧଳ)/ପବିତ୍ରନଗର( ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ସମ୍ମୁଖରେ ୩୪୩ ଜଣ ଜିପିଏମ୍‌ଏଫ୍ କର୍ମୀ ୬ ଦଫା ଦାବି ନେଇ ସୋମବାର ଧାରଣା ଦେଇଛନ୍ତି। ବକେୟା ଥିବା ସମସ୍ତ ୬ ଗୋଟି ବିଭାଗର ୬ ମାସର ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ପ୍ରୋତ୍ସାହନ ରାଶିକୁ ବନ୍ଦ କରାଯାଇ ପୁନର୍ବାର ଦରମା ଭିତ୍ତିରେ କାର୍ଯ୍ୟ, କାର୍ଯ୍ୟ ଅନୁଯାୟୀ ବାର୍ଷିକ ଦରମା ପ୍ରଦାନ, ସମସ୍ତ ୬ ଗୋଟି ବିଭାଗକୁ ବ୍ୟାଙ୍କ ମାଧ୍ୟମରେ ପ୍ରତ୍ୟକ୍ଷ ଦରମା ପ୍ରଦାନ, ପୂର୍ବଭଳି ସ୍ଥାୟୀ ଦରମା ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ସେହିପରି କିଶୋରନଗର ବ୍ଲକର ୨୩ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଜିପିଏମ୍‌ଏଫ୍ କର୍ମୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜିପିଏମ୍‌ଏଫ୍‌ର ସମସ୍ତ ବିଭାଗ ଯଥା ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର ମାନେ ଏହି ଧାରଣାରେ ସାମିଲ ହୋଇଛନ୍ତି। ସମସ୍ତ ୩୨୫ ଜଣ ସଦସ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣା ଦେଇଥିବା ବେଳେ ମଙ୍ଗଳବାର ପୁର୍ନବାର ଧାରଣାରେ ବସିବେ ବୋଲି କହିଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକର ପଞ୍ଚାୟତସ୍ତରୀୟ ମହାସଂଘ ତରଫରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଓଏଲ୍‌ଏମ୍ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଛି। ସଭାପତି ବାସନ୍ତୀ ସାହୁ, ସମ୍ପାଦିକା ସୁଫଳା ପାତ୍ର, ଉପସଭାପତି ସାଗରିକା ପ୍ରଧାନ, ସହ ସମ୍ପାଦିକା ସସ୍ମିତା ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଦ୍ରୌପଦୀ ସାହୁଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଶନ ଶକ୍ତି ବିଭାଗର ୬ଟି କ୍ୟାଡରର ଗୋଷ୍ଠୀ ସହାୟିକା ଗଣଧାରଣା ଦେଇଛନ୍ତି। ବ୍ଲକ ସଂଘ ସଭାପତି ଚୁନି ସାହୁଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ବ୍ଲକ ମୁଖ୍ୟ ଫାଟକ ସମୁଖରେ ଗଣଧାରଣା ଦେବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଚେତାବନୀ ଦେଇଥିଲେ। ସେହିପରି କଣିହାଁ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଭବନ ସମ୍ମୁଖରେ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀ ଧାରଣା ଦେଇଛନ୍ତି। ସହାୟକ ସଂଘ ତରଫରୁ ଜ୍ୟୋତ୍ସ୍ନମୟୀ ନାୟକ, ଗୁଡ଼ି ସାହୁ, ବନୋଜା ପାଳଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର କଣିହାଁ ବିଡିଓ, ତହସିଲଦାର, ଆଇଆଇସି, ବିପିସି, ବିପିଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା।

# ଗ୍ରାମୀଣ ଡାକ ସେବକ ସଂଘ ସାଙ୍ଗଠନିକ ସଭା


ସାଙ୍ଗଠନିକ ସଚେତନତା ବୈଠକରେ କର୍ମକର୍ତ୍ତାମାନେ।

**ସନ୍ତିଛକ,୨୨।୯(ସନ୍ତୋଷ କୁମାର ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ସ୍ନାତକ ମହାବିଦ୍ୟାଳୟରେ ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘ ଢେଙ୍କାନାଳ ମଣ୍ଡଳର ଉପଖଣ୍ଡସ୍ତରୀୟ ସାଙ୍ଗଠନିକ ସଚେତନତା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବନ୍ଧା ଶାଖା ଡାକପାଳ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଢେଙ୍କାନାଳ-ଅନୁଗୋଳ ଜିଲାର କୋଣ ଅନୁକୋଣରୁ ଗ୍ରାମୀଣ ଡାକ ସେବକ ଆସି ଭାଗ ନେଇଥିଲେ। ମଣ୍ଡଳ ସମ୍ପାଦକ ହରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଗ୍ରାମୀଣ ଡାକ ସେବକଙ୍କ ସମସ୍ତ ପ୍ରକାର ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ତୃତୀୟ ଶ୍ରେଣୀ ସଂଘ ଢେଙ୍କାନାଳ ମଣ୍ଡଳ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଢେଙ୍କାନାଳ ଭାପୁର କାଙ୍କୁଡ଼ିଭାଗ ଶାଖା ଡାକପାଳ ପ୍ରମୋଦ ସାହୁ ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। କଲଣ୍ଡାପାଳ ଉପଶାଖା ଡାକପାଳ ଗଗନ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲ୍ଲିଶ୍ରୀ ମେଳାରେ ଜମୁଛି ବେପାର

**ବଅଁରପାଳ,୨୨।୯ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍କୋନଗରଠାରେ ବିଶ୍ୱକର୍ମା ପୂଜା ଅବସରରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ବେପାର ବେଶ୍ ଜମୁଛି। ୬ ଦିନ ମଧ୍ୟରେ ୫କୋଟି ୩୯ଲକ୍ଷ ୫୨ହଜାର ୬୨୫ଟଙ୍କାର କାରବାର ହୋଇଥିବା ଓରମାସ ପକ୍ଷରୁ ସୂଚନା ଦିଆଯାଇଛି। ଏଠାକୁ ଆସିଥିବା ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ବିଭିନ୍ନ ସାମଗ୍ରୀ କ୍ରୟ କରୁଛନ୍ତି। ଚଳିତ ବର୍ଷ ମେଳାରେ ମୋଟ ୨୫୬ ୨୦ ଗୋଟି ଷ୍ଟଲ ପଡ଼ିଛି। ଦେଶର ବିଭିନ୍ନ ରାଜ୍ୟର କାରିଗର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମେଳାରେ ଷ୍ଟଲ ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ଏବଂ ବୟନ ଶିଳ୍ପ, ଜଙ୍ଗଲ ବିଭାଗ ଏବଂ ମିଶନ ଶକ୍ତି ପକ୍ଷରୁ ଷ୍ଟଲମାନ ଖୋଲାଯାଇଛି। ମେଳାରେ ଝୁଣା, ମହୁ, ମାଣ୍ଡିଆ, କାଦୁଲୁ, ଅଳାଞ୍ଚିଆ ଚାଉଳ, କୋଳଥ, ବିରି, ମସୁର, ହଳଦୀ, ଅଦା, ଗୁଣ୍ଡି, ବିଭିନ୍ନ ପ୍ରକାରର ଗ୍ରାମୀଣ ସାମଗ୍ରୀ ଆଦି ଭଲ ବିକ୍ରିହେଉଛି। ସେହିପରି ରାଜ୍ୟ ବାହାରର ବିଭିନ୍ନ ଡିଜାଇନର ଶାଢ଼ି, ଡ୍ରେସ୍ ଆଦି କିଣିବାକୁ ମହିଳାଙ୍କ ଭିଡ଼ ଲାଗୁଛି। ସେହିପରି ଖାଦ୍ୟ ଷ୍ଟଲଗୁଡ଼ିକରେ ବହୁ ପ୍ରକାରର ସୁସ୍ୱାଦୁ ଖାଦ୍ୟ ମିଳୁଥିବାରୁ ଏହା ଲୋକଙ୍କ ମନ ଜିଣୁଛି। ମେଳାକୁ ଆସୁଥିବା ଗ୍ରାହକଙ୍କ ପାଇଁ ଆସୁ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ, ମନୋରଞ୍ଜନ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥା ରହିଛି। ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ନାଲକୋ ସିଆଇଏସଏଫ୍, ଘରୋଇ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି । ଆସନ୍ତା ୨୪ ତାରିଖରେ ଏହି ମେଳା ଉଦ୍‌ଯାପିତ ହେବ।


ନାଲ୍କୋନଗର ପଲ୍ଲିଶ୍ରୀ ମେଳାରେ କାର୍ପେଟ କିଣୁଛନ୍ତି ୨ ମହିଳା।

# ଖମାର ଥାନା ପରିଦର୍ଶନ କଲେ ଜିଲାପାଳ

**ଖମାର,୨୨।୯(ରଜନୀକାନ୍ତ ମହାରଣା)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ପରିଦର୍ଶନ କରିଛନ୍ତି ଜିଲାପାଳ ଅବଦଲ ମୁହମ୍ମଦ ଅଖତାର। ସୋମବାର ପାଲଲହଡ଼ା ଉପଖଣ୍ଡରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜିଲାପାଳ ଓ ଏସ୍‌ପି ରାହୁଲ ଜୈନ ଅନୁଗୋଳ ଫେରିବା ସମୟରେ ଖମାର ପୋଲିସ ଷ୍ଟେଶନ ପରିଦର୍ଶନ କରି ପିଏସ୍ ରେକର୍ଡ ଏବଂ ଏହାର କାର୍ଯ୍ୟକ୍ଷମତା ସମୀକ୍ଷା କରିଥିଲେ। ସାର୍ବଜନୀନ ସେବା ଯୋଗାଣକୁ ବୃଦ୍ଧି କରିବା ଏବଂ ସମାଜର ସୁରକ୍ଷା ସହ କଲ୍ୟାଣ ପାଇଁ ଦକ୍ଷତାର ସହ କାର୍ଯ୍ୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।


ଖମାର ଥାନା ଭିତରେ ଜିଲାପାଳ ଓ ଏସ୍‌ପି।

# ଅଭିଯୁକ୍ତଙ୍କୁ ଜରିମାନା ଦଣ୍ଡାଦେଶ

**ଛେଣ୍ଡିପଦା,୨୨।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହାକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତର ପ୍ରଥମ ଶ୍ରେଣୀ ବିଚାରପତି ସୋମବାର ଛେଣ୍ଡିପଦା ଥାନା କେସ୍ ନଂ ୧୧୩/୧୮ର ବିଚାରକରି ଅଭିଯୁକ୍ତ ବ୍ରାହ୍ମଣବିଲ ଗାଁର ପ୍ରମୋଦ ଶର୍ମାଜିଙ୍କୁ ୧ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ, ୨୦୧୮ ମେ ୨୨ରେ ଅଭିଯୁକ୍ତ ପ୍ରମୋଦ ସେହି ଗାଁର ନରହରି ପ୍ରଧାନଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ପିଟ ସହ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାକୁ ସରକାରୀ ଓକିଲ(କ୍ୟାଡର) ସଙ୍ଗିତ ଶ୍ରୀଚନ୍ଦନ, ସହଯୋଗୀ ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ଓ ଉତ୍କଳ ପ୍ରଧାନ ପରିଚାଳନା କରିଥିଲେ।

# ଗାଁ ମଧ୍ୟରୁ ୧୧ କେଭି ବିଦ୍ୟୁତ୍ ତାର ହଟାଯାଉ

**ଆଠମଲ୍ଲିକ,୨୨।୯(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ହଲ୍‌ସିଙ୍ଗା ପଞ୍ଚାୟତ କୁସୁମ କୁଣ୍ଡୁରୀ ଗ୍ରାମ ମଧ୍ୟ ଦେଇ ୧୧ କେଭି ତାର ଟଣା ଯାଇଥିବାରୁ ଗ୍ରାମବାସୀ ନାନା ଆଶଙ୍କା ଭିତରେ ଅଛନ୍ତି। ଗ୍ରାମର ଏକାଧିକ ବାସଗୃହ ଚାଳ ଘର ହୋଇଥିବାରୁ ଅଘଟଣ ଘଟିବାର ସମ୍ଭାବନା ରହୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ୧୧ କେଭି ତାର ହଟାଇ କେବଳ ଏଲଟି ଲାଇନ ସଂଯୋଗ କରାଯାଇ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଦ୍ୟୁମ୍ନ ପ୍ରଧାନ, ନବୀନ ପ୍ରଧାନ, ସରୋଜ ଜେନା, କୃଷ୍ଣଚନ୍ଦ୍ର ବିଶ୍ୱାଳ, ମାନସ ଘିଓଲା, ବଟକୃଷ୍ଣ ସାହୁ, ସତ୍ୟବାନ ଘିଓଲା, ସନାତନ ସାହୁ, ସୁମନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।

# ଜରାଶ୍ରମ ସମସ୍ୟା ବୁଝିଲେ

**ବନ୍ତଳା,୨୨।୯ (ସୁଜିତ ସାହୁ)**

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଟେଣ୍ଟୁଲିପଦାର ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷ ରବିବାର ମାଳତିବିହାରରେ ଥିବା ମୋ ପରିବାର ମାନବ ସେବା ଜରା ଆଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ସମସ୍ୟା ବୁଝିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳଙ୍କ ନେତୃତ୍ୱରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଜରାଶ୍ରମର ବୟସ୍କ ଓ ଅନାଥ ଛାତ୍ରଛାତ୍ରୀଙ୍କ ସହ ବ୍ୟକ୍ତିଗତ ପରିସ୍ଥିତିଓସମସ୍ୟାସମ୍ପର୍କରେପଚାରିବୁଝିଥିଲେ। ଏଥିସହ ସହାୟତାର ହାତ ବଢ଼ାଇବା ପାଇଁ ଅନ୍ତେବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନ୍ତେବାସୀଙ୍କୁ ଫଳ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ସୁଶାନ୍ତ କୁମାର ବେହେରା, ବିଭୂତି ରଞ୍ଜନ ମିଶ୍ର ଏବଂ ପୂର୍ବତନ ଛାତ୍ର ଶଚୀନ କୁମାର ଉପସ୍ଥିତ ଥିଲେ।

# ଜଳ ଯୋଗାଣ ଠପ୍, ବିଡିଓଙ୍କୁ ଦାବିପତ୍ର

**ପବିତ୍ରନଗର,୨୨।୯(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଝିରିଡ଼ି ଗ୍ରାମର ଏକ ସାହିକୁ ମେଗା ପ୍ରକଳ୍ପରୁ ପାନୀୟ ଜଳ ମିଳୁ ନ ଥିବାରୁ ସୋମବାର ସାହିବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାହିବାସୀ ଦର୍ଶାଇଛନ୍ତି, ଗ୍ରାମରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ଗତ ୬ ମାସ ହେଲା ତାହା ଠପ୍ ହୋଇଯାଇଛି। ନଳକୂପଗୁଡ଼ିକରୁ ଆଇରନ ପାଣି ବାହାରୁ ନ ଥିବାରୁ ଗ୍ରାମଠାରୁ ୨ କିମି ଦୂର ସିଙ୍ଗଡା ନାଳରୁ ସାହିବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି। କିନ୍ତୁ ଏହି ନାଳଟି ପ୍ରଦୂଷିତ ହୋଇଥିବା ସତ୍ତ୍ୱେ ସାହିବାସୀ ଉପାୟଶୂନ୍ୟ ହୋଇ ଏହାର ପାଣି ବ୍ୟବହାର କରୁଛନ୍ତି। ବିଡିଓଙ୍କ ଅନୁପସ୍ଥିତି ଯୋଗୁ ବ୍ଲକର ମୁଖ୍ୟ କିରାଣିଙ୍କୁ ସାହି ବାସିନ୍ଦା ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କ ଅକାଳ ବିୟୋଗ

**ପବିତ୍ରନଗର,୨୨।୯(ନିରୋଜ ପ୍ରଧାନ)**

ଗଣମାଧ୍ୟମ ପ୍ରତିନିଧି ତଥା କଣିହାଁ ବ୍ଲକ ହନୁମାନପୁର ଗ୍ରାମର ଜିତେନ ମିଶ୍ର (୫୨)ଙ୍କ ରବିବାର ରାତିରେ ଅକାଳ ବିୟୋଗ ଘଟିଛି। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ କାରଣରୁ ତାଙ୍କର ବିୟୋଗ ଘଟିଥିବା ଜଣାପଡ଼ିଛି। ଖବରପାଇ ବହୁ ସଂଖ୍ୟାରେ ଖବରଦାତା, ଶୁଭେଚ୍ଛୁ, ବୁଦ୍ଧିଜୀବୀ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ପ୍ରେସ କ୍ଲବ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।


DSPL-274

**ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫**

ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫, ତା ୨ ଡିସେମ୍ବର ୨୦୨୫ ରିଖ ଠାରୁ ତା ୧୨ ଡିସେମ୍ବର ୨୦୨୫ ରିଖ ପର୍ଯ୍ୟନ୍ତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଯାଉଅଛି। ସମସ୍ତ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିକ୍ରେତା ଏବଂ ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ନିମ୍ନୋକ୍ତ ଇ-ମେଲରେ ଯୋଗାଯୋଗ କରିପାରିବେ।

ଇ-ମେଲ:- odishasahityaakademi@gmail.com

ଅଧିକ ବିବରଣୀ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଦାନ କରାଯିବ।



OIPR-03029/13/0059/2526

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

DSPL-244

Tele MANAS 14416


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଆପଣଙ୍କ ସେବାରେ**

**ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା**

**୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ**

**ଉପଲବ୍ଧ ପରାମର୍ଶ ସେବା**

- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

**ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା**

ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।

OIPR-10003/13/0284/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ଅନୁଗୋଳ ଜିଲାରେ ବଢୁଛି ବେଆଇନ ବାଣ ବିକ୍ରି

## ପୋଲିସର ଧରପଗଡ଼, ବହୁ ବାଣ ଜବତ

ଅନୁଗୋଳ,୨୨।୯(ଦିବ୍ୟଶାନ୍ତନୁ ନାଥ)/ ଛେଣ୍ଡିପଦା (ଅଜିତ ଧଳ)/ ପବିତ୍ରନଗର (ନିରୋଜ ପ୍ରଧାନ)


ଅନୁଗୋଳ ପୋଲିସ ଜବତ କରିଥିବା ବେଆଇନ ବାଣ।


ଛେଣ୍ଡିପଦା ପୋଲିସ ଜବତ କରିଥିବା ବାଣ।



ଏନ୍‌ଟିପିସି ପୋଲିସ ଜବତ କରିଥିବା ବାଣ।

ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳରେ ବେଆଇନ ବାଣ ତିଆରି କାରଖାନା, ଗୋଦାମ ଏବଂ ବିକ୍ରିବଟା ବଢ଼ିବାରେ ଲାଗିଛି। ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ପୂଜା ଉତ୍ସବ ଠାରୁ ଭସାଣି ସବୁ ଠାରେ ଆତସବାଜିର ଚାହିଦା ରହିଥାଏ। ତେବେ ସହର ଆଖପାଖରେ ବେଆଇନ ଭାବେ କେତେଜଣ ବ୍ୟକ୍ତି ବାଣ ପ୍ରସ୍ତୁତ କରୁଥିଲେ। ଏପରିକି ଲକ୍ଷାଧିକ ଟଙ୍କାର ବାଣ ପ୍ରସ୍ତୁତ କରି ବିକ୍ରି ମଧ୍ୟ କରୁଥିଲେ। ଏହି ଖବର ମିଳିବା ମାତ୍ରେ ସୋମବାର ଟାଉନ ଥାନା, ସଦର ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣରେ ବିସ୍ଫୋରକ ଜବତ କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଟାଉନ ଥାନା ପୋଲିସ ପାଟ୍ରୋଲିଂ କରୁଥିଲା ବେଳେ ବାଣ ଭର୍ତ୍ତି ଏକ ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି୩୫ଏଫ-୯୪୩୬)ରେ ଚୋରା ବାଣ ଯାଉଥିବା ଖବରପାଇ ଟାଉନ ଥାନା ପୋଲିସ ହେମସୁରପଡ଼ା ଡିଆଇସି ଛକରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ପାଖାପାଖି ୩୦ ପେଟି ବାଣ ମିଳିଥିଲା। ଗାଡ଼ିରେ ଥିବା ରେଙ୍ଗାଳି ଥାନା ବଜ୍ରକୋଟ ଗାଁର ବ୍ରଜବନ୍ଧୁ ବେହେରା ଓ ସୁକାନ୍ତ କୁମାର ସାହୁ ବାଣ ସମ୍ପର୍କିତ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଜବତ ବାଣର ବଜାର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ। ସେହିପରି ଅନୁଗୋଳ ସଦର ଥାନା ପୋଲିସ ସହର ଉପକଣ୍ଠ ସାକୋସିଂହାରେ ଏକ ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ କରି ପ୍ରାୟ ୨ ଲକ୍ଷ ଟଙ୍କାର ବାଣ ଜବତ କରିଛି। ସାକୋସିଂହା ଗାଁ ପାଖରେ ଥିବା ଏହି ବାଣ ଗୋଦାମରେ ଚଢ଼ାଉ କରାଯାଇ ପ୍ରାୟ ୩୦ ପ୍ରକାର ବାଣ ଜବତ କରାଯାଇଛି। ଏଥିସହ ଦୋକାନୀ ହେମସୁରପଡ଼ାର ଲମ୍ବୋଦର ପୃଷ୍ଟିଙ୍କୁ ଗିରଫ କରାଯାଇଛି। ପାର୍ବଣ ପୂର୍ବରୁ ଚୋରା ବାଣ ବ୍ୟବସାୟୀମାନେ ତତ୍ପର ହୋଇ ଉଠିଥିବାରୁ ଆଗକୁ ଏମିତି ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ଥିବା ୨ଟି ବେଆଇନ ବାଣ ଗୋଦାମ ଉପରେ ପୋଲିସର ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ ସହ କୋଶଳା ଚନ୍ଦନ ନଗରର ଦେବରାଜ ସାହୁ ଓ ଲକ୍ଷ୍ମୀବାଜରର ମାମୁଲି ସାହୁଙ୍କୁ ଗିରଫ କରିଛି। କୋଶଳା ଚନ୍ଦନ ନଗରରେ ଥିବା ଗୋଦାମରେ ଚଢ଼ାଉ ବେଳେ ଲାଇସେନ୍ସ ନ ଥିବା ପୋଲିସ ଜାଣିବାକୁ ପାଇବା ସହ ୨୨ପେଟି ବାଣ ଜବତ କରିଥିଲା। ସେହିପରି କୋଶଳା ଲକ୍ଷ୍ମୀବଜାରର ମାମାଲି ସାହୁଙ୍କ ଘରେ ଥିବା ବେଆଇନ ଗୋଦାମ ଉପରେ ଚଢ଼ାଉ କରି ପୋଲିସ ସେଠାରୁ ୪୨ପେଟି ବାଣ ଜବତ କରିଥିଲା। ଏ ସଂକ୍ରାନ୍ତରେ ନଂ. ୪୭୭/୨୫ ଓ ୪୭୮/୨୫ରେ ୨ଟି ମାମଲା ରୁଜୁ କରାଯାଇଛି। ସେହିପରି କଣିହାଁ ବ୍ଲକ ଏନ୍‌ଟିପିସି ପୋଲିସ ବିଜିଗୋଳ ପାଟଣାସାହିର କାଳୁଚରଣ ବିଶ୍ୱାଳଙ୍କ ବାସଭବନରୁ ଦେଢ଼ ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରିଛି। ବିଶ୍ୱାଳଙ୍କ ଏନ୍‌ଟିପିସି ଲକ୍ଷ୍ମୀବଜାରସ୍ଥିତ ତେଜରାତି ଦୋକାନରେ ପୋଲିସର ଏକ ଟିମ୍ ଜଗିଥିବା ବେଳେ ଅନ୍ୟ ଏକ ଟିମ ପାଟଣାସାହି ବାସଭବନରେ ଚଢ଼ାଉ କରି ବାଣ ଜବତ କରିଥିବା ଆଇଆଇସି ସନ୍ତୋଷ କୁମାର ସେଠୀ ପ୍ରକାଶ କରିଛନ୍ତି। ଚଢାଉବେଳେ ଏସଆଇ ଏମ୍.ଡି.ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଆବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ସୋମବାର ସକାଳେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଦୁଇ ମାଓବାଦୀ ହେଲେ ଏକକୋଟି ପୁରସ୍କାର ଘୋଷିତ କୋଟା ରାମଚନ୍ଦ୍ର ରେଡ୍ଡୀ ଓରଫ ଗୁଡସା ଏବଂ ଏକ କୋଟି ପୁରସ୍କାର ଘୋଷିତ କାଦ୍ରୀ ସତ୍ୟନାରାୟଣ ରେଡ୍ଡୀ ଓରଫ ଗୋପାନ୍ନୀ। ଉଭୟ ମାଓବାଦୀ ସଂଗଠନର ଟପ୍ କ୍ୟାଡର ଥିବାବେଳେ ଛତିଶଗଡ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବହୁ ହିଂସାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଆବୁଝମାଡ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବରପାଇ ନାରାୟଣପୁର ଜିଲା ପୋଲିସ, ସିଆରପିଏଫ୍ ଡିଆରଜି ଯବାନମାନେ ସୋମବାର ସକାଳେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ୍‌କୁ ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସ ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ଜଣ ମାଓବାଦୀଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ପୋଲିସ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ନାରାୟଣପୁର ପୋଲିସ ସୂତ୍ରରୁ ପ୍ରକାଶ।

## ଜିଲାସ୍ତରୀୟ ଜନଶୁଣାଣିରେ ୭୮ ଅଭିଯୋଗ

ଅନୁଗୋଳ,୨୨।୯(ଦିବ୍ୟଶାନ୍ତନୁ ନାଥ)


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଚିକିତ୍ସା ସହାୟତା ପାଇଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ପାଲଲହଡା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ମୁଖ୍ୟ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ଜିଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା.ନିରୋଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଗୋଟିଏ ଅଭିଯୋଗର ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬ ହଜାର ଟଙ୍କା ଓ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ ସହ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଭୁଲ୍ ମେଡିସିନ ନେଲା...

ମାଡ ମାରିଥିଲେ। ଏହି ଘଟଣା ପ୍ରଚାରିତ ହୋଇଯିବା ପରେ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତ ଶିଶୁପୁତ୍ରର ବାପା ଅଟୋ ଡ୍ରାଇଭର ଥିବାରୁ କ୍ୟାପିଟାଲ ହସ୍ପିଟଲରେ ଅନ୍‌ଲାଇନ୍ ଅଟୋ ଚାଳକ ସଂଘର କର୍ମକର୍ତ୍ତା ରୁଣ୍ଡ ହୋଇଥିଲେ। ବାହାରେ ରାସ୍ତାରୋକୋ କରିବା ସହିତ ହସ୍ପିଟାଲ ଭିତରକୁ ଧସେଇ ପସିଥିଲେ। ସେମାନେ କ୍ଷତିପୂରଣ ଦାବି କରିବା ସହ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭଙ୍ଗାରୁଜା କରିଥିଲେ। ଏହିସମୟରେ ସିକ୍ୟୁରିଟି ଗାର୍ଡଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଅଟୋ ଚାଳକମାନେ ହସ୍ପିଟାଲ ସାରା ହୋହଲ୍ଲା କରିବା ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରୋଗୀ ସେବା ବ୍ୟାହତ ହୋଇଥିଲା। ସ୍ଥିତି ଏପରି ହୋଇଥିଲା କାଜୁଆଲିଟି, ହସ୍ପିଟାଲର ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କ ଚାମ୍ବରକୁ ବନ୍ଦ କରିଦିଆଯାଇ କାହାକୁ ଛଡା ନ ଯାଇ ନ ଥିଲା। କମିଶନରେଟ ପୋଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ତେବେ ଶିଶୁ ମୃତ୍ୟୁ ଘଟଣାର ନିରପକ୍ଷ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି।

### ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା

ଶିଶୁପୁତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ୧୩ ମାସରେ...

ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ୨୦୨୫ ଜୁଲାଇ ମଧ୍ୟରେ ରାଜ୍ୟରେ ୩୭ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ସର୍ବାଧିକ ୯୧୮୧ ମାମଲା କେବଳ ଅସଦାଚରଣ(ମୋଲେଷ୍ଟସନ) ରହିଥିବାବେଳେ ଏହାତଳକୁ ଅପହରଣ ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ଏହି ମାମଲାରେ ୮୭୫ ପୁରୁଷ ଓ ୬୫ମହିଳା ଗିରଫ ହୋଇଥିବାବେଳେ ୧୨୯ଜଣ ଜେଲ ଯାଇଛନ୍ତି। ଏହି ଅବଧି ମଧ୍ୟରେ ୮୨୨୭ଟି ନାରୀ ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଯୌତୁକ ନିର୍ଯାତନା ପାଇଁ ୫୪୬୪ ମାମଲା ଏବଂ ୬୧୩୪ଟି ଅଣଯୌତୁକ ନିର୍ଯାତନା ମାମଲା ଓ ୨୯୩୩ଟି ବଳାତ୍କାର ମାମଲା ରହିଛି। ତେବେ ବଳାତ୍କାର ମାମଲାରେ ୨୨୬୧ଜଣ ପୁରୁଷ ଓ ୨୬ଜଣ ମହିଳା ଗିରଫ ହୋଇଥିବାବେଳେ ୪୨୬ଜଣଙ୍କୁ ଜେଲ ପଠାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

ସେହିପରି ଏହି ଅବଧି ମଧ୍ୟରେ ୧୭୪ଟି ବଳାତ୍କାର ଉଦ୍ୟମ ମାମଲା ରହିଥିବାବେଳେ ୩୩୪ଟି ସଙ୍ଗିନ ମାମଲା ରହିଛି। ବିବାହର ପ୍ରତିଶ୍ରୁତି ଦେଇ ଅବୈଧ ସମ୍ପର୍କ ରଖିବା ନେଇ ୩୩୪ଟି ମାମଲା ରୁଜୁ ହୋଇଛି। ଏହାସହିତ ୧୨୭୮ଟି ଯୌନ ନିର୍ଯାତନା ମାମଲା ରହିଥିବାବେଳେ ୨୧୬୧ଟି ସର୍ବସାଧାରଣରେ ମହିଳାଙ୍କୁ ଉଲଗ୍ନ କରିବା ଭଳି ମାମଲା ରହିଛି। ଏହାବାଦ୍ ୧୨୭ଟି କେବଳ ନାରୀ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ସର୍ବସାଧାରଣରେ ମହିଳାଙ୍କୁ ନିର୍ଯାତନା ଦେବା ନେଇ ୭୦୨ଟି ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୩ଜଣ ମହିଳାଙ୍କୁ ଏସିଡ୍ ଆକ୍ରମଣ ହୋଇଥିବାବେଳେ ୨ଜଣଙ୍କୁ ଉଦ୍ୟମ କରାଯାଇଛି। ଏହାବାଦ୍ ଅନ୍ୟାନ୍ୟ ମାମଲା ରହିଛି। ତେବେ ନାରୀ ଅପହରଣ ମାମଲାରେ ୪୪୬ଜଣ ଗିରଫ ହୋଇଥିବାବେଳେ ୧୭ଜଣ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ଜଣ ଜେଲ ଭୋଗିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟରେ ନାରୀ ନିର୍ଯାତନା ରୋକିବା ପାଇଁ ସମ୍ବେଦନଶୀଳ ମାମଲା(ବଳାତ୍କାର, ଏସିଡ୍ ଆକ୍ରମଣ) ଭଳି ମାମଲାରେ ଜିଲା ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ମାମଲାକୁ ତ୍ୱରିତ ତଦାରଖ କରାଯାଉଛି। ଏହାସହିତ ୨୯ଟି ଜିଲାରେ ସ୍ୱତନ୍ତ୍ର ଅନୁସନ୍ଧାନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ବୋଲି ତଥ୍ୟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।



# ତଦନ୍ତ ରିପୋର୍ଟ ଦେଲା ମଙ୍ଗଳ ବିଭାଗ

## ଜୁଆଙ୍ଗ ଆଦିବାସୀଙ୍କ ଆନ୍ଦୋଳନ ଘଟଣା


ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଜୁଆଙ୍ଗ ସମ୍ପ୍ରଦାୟର ପ୍ରତିନିଧିମାନେ।

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳରେ ଜୁଆଙ୍ଗ ଆଦିବାସୀଙ୍କ ଆନ୍ଦୋଳନକୁ ସମ୍ମାନ ଜଣାଇ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଏହାର ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଉକ୍ତ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଇନଜୀବୀ ଦେବାଶିଷ ହୋତା ଜଣାଇଛନ୍ତି। ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକ କୀର୍ତ୍ତନପୁର, ବାମ, ଅନ୍ଧାରୀ, ଆମ୍ବିଳି, କରଗୋଳା, ମକୁଆକାଟେଣୀ, ବାଘବସା, ଭାଲୁମୁଣ୍ଡା, ଗଣ୍ଡିଖୋଲ, ପଥରଗଡ଼, ଘୁଟୁଣିପଶି ଓ ପୁଟିପାଳ ଆଦି ଗ୍ରାମରେ ଜଙ୍ଗଲ ଅଧିକାର ପଟ୍ଟା, ପକ୍କାରାସ୍ତା, ସୋଲାର ଦ୍ୱାରା ପାନୀୟଜଳ ଯୋଗାଣ, ଷ୍ଟ୍ରିଟ୍ ଲାଇଟ୍, ଜନମନ ଘର ଆଦି ଜରୁରୀ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ଓଡ଼ାପଡ଼ା ବ୍ଲକର ବଳରାମପୁର, କାଣ୍ଡବିନ୍ଧା, ତମାଣ୍ଡୋ, ମାଟିଗାଡ଼ିଆ, ଜରିପାଳ, ଖଇରାବାହାଳି, କାଳିକାପ୍ରସାଦ, ଭୁବନପୁର, ଗୁଣ୍ଡିଚାପଡ଼ା, ତେନ୍ତୁଳିପଡ଼ା, ସାଇଁବିରି ଗ୍ରାମ, ହିନ୍ଦୋଳ ବ୍ଲକର ସମସ୍ତ ୧୫ଗୋଟି ଜୁଆଙ୍ଗ ବସ୍ତି ସମେତ ବ୍ରହ୍ମପୁର, ବାହାଣଦେଇ, ହିଙ୍ଗିରା, କୁଟୁଣିଆ, ଖରିଡାଳି, ଗୁଆଗରିଆ, ଜଗନ୍ନାଥପୁର, କାଳିଭେଜିଆ, ବ୍ରାହ୍ମଣିଆପାଳ, ପତଲୁ, ବୁହାଳିପାଳ, ଗଞ୍ଜରା, ନବକିଶୋରପୁର, ଫାସିଗାଁ ଓ ବମ୍ପା ଆଦି ଗାଁ ସମେତ ସଦର ବ୍ଲକର ଭତରିଆପାଳ, କାଞ୍ଜିଆବେରେଣୀ, ଭାଗୀରଥିପୁର, କୁଆନାଳି, ବିମ୍ବୋଳ, ନକଟାସାହି, ମୁଣ୍ଡିଆସାହି, କାଉଚିନାଳି ଇଠାଭାଟି ସାହି, ସନସାଇଲୋ ଆଦି ଗ୍ରାମରେ ଏହି ସମସ୍ୟା ଗୁଡିକର ସମାଧାନ ନିହାତି ଜରୁରୀ ବୋଲି ରିପୋର୍ଟ ପ୍ରଦାନ କରାଯାଇଛି। ଜିଲାର ୧୭୪ଟି ଗ୍ରାମରୁ ଆସିଥିବା ୫ହଜାର ଜୁଆଙ୍ଗ ଅଧିବାସୀ ଗତ ଜୁଲାଇ ୨୩ରେ ବାଜିଚୌକଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦେବାଶିଷ ହୋତାଙ୍କ ନେତୃତ୍ୱରେ ଧାରଣା ଦେବା ସହିତ ତତ୍କାଳୀନ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

## ରାଧାକୃଷ୍ଣ ବଜାରରେ ନବରାତ୍ର ପୂଜା ଆରମ୍ଭ

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳ ସହର ରାଧାକୃଷ୍ଣ ବଜାରରେ ରବିବାର ଠାରୁ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଉତ୍ସବ ଆରମ୍ଭ ହୋଇଛି। ଏହା ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋମବାର ବିଲ୍ୱ ଶାଖା ଛେଦନ, କଳସ ଯାତ୍ରା, ନବପତ୍ରିକା ସ୍ନାନ, ନବପତ୍ରିକା ପ୍ରବେଶ, ପୂଜାରମ୍ଭ, ନେତ୍ରଦାନ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୨ବର୍ଷ ହେବ ରାଧାକୃଷ୍ଣ ବଜାରରେ ମା'ଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି। କର୍ତ୍ତା ଭାବେ ଗଣେଶ୍ୱର ଓଝା ପୂଜାରେ ବସିଥିବା ବେଳେ ପଣ୍ଡିତ ରୁଦ୍ର ନାରାୟଣ କବିଶତପଥୀ ଓ ନରୋତ୍ତମ ଦାସ ପୂଜାକାର୍ଯ୍ୟ ସମାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ରାଉତଙ୍କ ସମେତ କମିଟିର ସଦସ୍ୟମାନେ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।



## ବ୍ଲକ କାର୍ଯ୍ୟାଳୟ ପରିସରରେ ଜିପିଏଲ୍‌ଏଫ୍ କର୍ମୀଙ୍କ ଧାରଣା


ସଦର ବ୍ଲକ ପରିସରରେ ମିଶନଶକ୍ତି କର୍ମୀମାନେ ଧାରଣା ଦେଇଛନ୍ତି।

ଢେଙ୍କାନାଳ,୨୨।୯(ରତନ ନାୟାର)/ ଗଁଦିଆ (ବିଶ୍ୱ ମୋହନ ସାହୁ)/ଓଡ଼ାପଡ଼ା (ରଞ୍ଜିତ୍ ନାୟକ)/ କାମାକ୍ଷାନଗର (ସୁଧୀର ପରିଡ଼ା)-

ଅଲ୍ ଓଡ଼ିଶା ଜିପିଏଲ୍‌ଏଫ୍ କର୍ମୀ ସଂଘ ମିଶନଶକ୍ତି ବିଭାଗ ଢେଙ୍କାନାଳ ଶାଖା ପକ୍ଷରୁ ନିର୍ଦ୍ଧାରିତ ପାରିଶ୍ରମିକ ରାଶି ମିଳି ନ ଥିବା ପ୍ରତିବାଦରେ ସୋମବାର ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଛି। ଅଭିଯୋଗରୁ ଜଣାପଡିଛି, ବିଡିଓ, ଜିଲାପାଳ, ରାଜ୍ୟ ସରକାର ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀଙ୍କୁ ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପାଇବା ପାଇଁ ଜଣାଇଥିଲେ ମଧ ୬ମାସ ହେଲା ଏହା ମିଳିଲା ନାହିଁ। ଏହାର ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା ପକାଇ ବନ୍ଦ ରଖିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସଦର ବ୍ଲକ ସଂଘ ସଭାପତି ନମିତା ସେଠୀ, ବିନୋଦିନୀ ମହାନ୍ତି ପ୍ରମୁଖ ଜଣାଇଛନ୍ତି। ସେହିପରି ଗଁଦିଆ ବ୍ଲକଠାରେ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ଜୀବିକା ମିଶନ ଅଫିସରେ ତାଲା ପକାଯିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଁଦିଆ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ସଭାପତି ମିନତି ସାହୁଙ୍କ ନେତୃତ୍ୱରେ ସଂଘର ୧୦୬ ସଦସ୍ୟ ଧାରଣା ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଓଡ଼ାପଡ଼ା ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଜିପିଏଲ୍‌ଏଫ କର୍ମୀ ସାମୁଖ୍ୟ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ସଂଘ ସଭାନେତ୍ରୀ ଇଦାନ ବିବି, ସମ୍ପାଦିକା ପଲ୍ଲବୀ ରାଉତ ସହ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀମାନେ ଗଣଧାରଣା ଦେଇଛନ୍ତି। ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଥିବାରୁ ସଂଘ ତରଫରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ଦିଆଯାଇଥିଲା। ଏହି ଗଣ ଧାରଣାରେ ସଭାପତି ସରୋଜିନୀ ରାୟ, ସମ୍ପାଦକ ସୁମତି ରାଉଳଙ୍କ ସହ ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ପ୍ରମୁଖ ୨୭୦ ଜଣ କାର୍ଯ୍ୟରତ କର୍ମୀ ସାମିଲ ହୋଇଥିଲେ।

# କାମାକ୍ଷା ସଭାପତି, ହେମନ୍ତ ସମ୍ପାଦକ

## ସର୍ଜନିକା ସାହିତ୍ୟ ପରିଷଦ ଗଠନ

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସର୍ଜନିକା ସାହିତ୍ୟ ପରିଷଦ ରବିବାର ଗଠନ ହୋଇଛି। ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ସାଗର ସାହିତ୍ୟ ସଂସଦର କବି ବନ୍ଧୁମାନେ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ହରିହର ସାହୁ ଓଁକାର ଧ୍ୱନି ଉଚ୍ଚାରଣ କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଦ୍ୟା ମନ୍ଦିରର ପତ୍ରିକା ଓ ପ୍ରଚାର ପ୍ରସାର ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତାର ଅଭିବୃଦ୍ଧି ନିମନ୍ତେ ଆଲୋଚନା କରିଥିଲେ। ସୃଜନିକା ସାହିତ୍ୟ ପରିଷଦର ଦାୟିତ୍ୱ କବିମାନଙ୍କୁ ଦେବାର ନିଷ୍ପତ୍ତି ଜଣାଇଥିଲେ। ସର୍ବସମ୍ମତି କ୍ରମେ କବି କାମାକ୍ଷା ପ୍ରସାଦ ବେହେରା ସଭାପତି, କବି ଦୁଃଶାସନ ସାହୁ ଉପସଭାପତି, କବି ପ୍ରଶାନ୍ତ କୁମାର ସାହୁ ସମ୍ପାଦକ ଏବଂ କବି ହେମନ୍ତ କୁମାର ନାୟକଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ପରିଷଦର ସଂଯୋଜିକା ସୁଜାତା ସାହୁ ପରିଚାଳନା କରିଥିଲେ।


ସର୍ଜନିକା ସାହିତ୍ୟ ପରିଷଦ ଗଠନ ଅବସରରେ କର୍ମକର୍ତ୍ତାମାନେ।

# ଟ୍ରାଫିକର ବିଭିନ୍ନ ଚିହ୍ନ ସମ୍ପର୍କରେ ସଚେତନତା


ପୋଲିସ ଲାଇନ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ।

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ପୋଲିସ ଲାଇନ ସରକାରୀ ଉପ୍ରା ବିଦ୍ୟାଳୟରେ ସୋମବାର ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଏସ୍‌ପି ସଲୀଳ କୁମାର ପ୍ରଧାନ ଏବଂ ଟ୍ରାଫିକ ହାବିଲଦାର ପ୍ରକାଶ କୁମାର ମାଝୀ ଯୋଗଦେଇ ଟ୍ରାଫିକର ବିଭିନ୍ନ ଚିହ୍ନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଗାଡ଼ି ଚଳାଇଲା ବେଳେ ହେଲମେଟ୍ ବ୍ୟବହାର କରିବା ଓ ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବା ଆଦି ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସନ୍ତୋଷ ମିଶ୍ର ଯୋଗଦେଇ ଦୀର୍ଘ ୨୫ ବର୍ଷ ହେବ ସାଇକେଲ ଚଲାଇ ଭାରତ, ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ଚୀନ ଆଦି ଦେଶ ପରିଭ୍ରମଣ କରି ସଡ଼କ ସୁରକ୍ଷା ସଚେତନତା ବାର୍ତା ଦେଇ ଆସୁଥିବା କହିଥିଲେ। ସଡ଼କ ଚିହ୍ନ ଗୁଡିକୁ ଦେଖିବା ସହିତ କି ପ୍ରକାର ସଡ଼କ ରହିଛି ଜାଣିବା ଉଚିତ। ସଡ଼କ ଦୁର୍ଘଟଣାକୁ ବନ୍ଦ କରିବା ପାଇଁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର ଏବଂ ସ୍ନେହାପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୋଗର ତୁରନ୍ତ ସମାଧାନ ନିର୍ଦ୍ଦେଶ

କାମାକ୍ଷାନଗର,୨୨।୯(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ଓ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏଥିରେ ସମୁଦାୟ ୪୧ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବାବେଳେ ତୁରନ୍ତ ସମାଧାନ ନେଇ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଡ଼ା, ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ତହସିଲଦାର ସୌଦାମିନୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଜେନା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସାଗର ଗୁଡ୍ଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ ସିଂ, ଯୋଗାଣ ଅଧିକାରୀ ମୋନାଲିସା ଜେନାଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲା ପରିଷଦ ପୂର୍ବତନ ସଦସ୍ୟାଙ୍କ ପରଲୋକ

କାମାକ୍ଷାନଗର,୨୨।୯(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ କଙ୍କଡ଼ାହାଡ଼ ବ୍ଲକ ୧ନମ୍ବର ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଦସ୍ୟା ସୁବର୍ଣ୍ଣ ସାହୁ(୪୫)ଙ୍କ ସୋମବାର ମଣ୍ଡାପାଳ ହସ୍‌ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଭାଜପାର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରୁଥିବାବେଳେ ଭାବେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲାପରିଷଦ ସଦସ୍ୟା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ବହୁ ପ୍ରଶଂସକ ଶେଷ ଦର୍ଶନ କରିଥିଲେ। ଏମ୍‌ପି ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଭାଜପା ଜିଲା ସଭାପତି ରାସବିହାରୀ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ଦଳ ଜଣେ ସଂଗ୍ରାମୀ କର୍ମୀଙ୍କୁ ହରାଇଲା ବୋଲି କହିଛନ୍ତି।

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତାଳବରୋଟଠାରେ ଥିବା ଢେଙ୍କାନାଳ ଏକାଡମୀ ଅଫ୍ ମେଡିକାଲ ସାଇନ୍ସ କଲେଜରେ ୨୦୨୫ ବର୍ଷରେ ନାମ ଲେଖାଇଥିବା ବିଏସ୍‌ସି ନର୍ସିଂ ଛାତ୍ରୀଛାତ୍ରଙ୍କୁ ଗତ ୧୮ ତାରିଖରେ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଶାନ୍ତି ଭୂଷଣ ପଣ୍ଡା, ମୁଖ୍ୟବକ୍ତା ଭାବରେ ନିର୍ଦ୍ଦେଶକ ଡ୍ରିମସ୍ ଗ୍ରୁପର ଡ. ଦିପ୍ତୀ ରଞ୍ଜନ ବିଶ୍ୱାଳ, ଅନୁଷ୍ଠାନ ନିର୍ଦ୍ଦେଶକ ଡ. ରାଜନୀକାନ୍ତ ତରାଇ ଓ ଅଧକ୍ଷ କାଲ୍ୟାଣୀ ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତରାଇ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅଧାପକ ସୁଜାତା ଡୁଙ୍ଗ୍‌ଡୁଙ୍ଗ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ

ପରଜଙ୍ଗ,୨୨।୯(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବାରିହାପୁର ପଞ୍ଚାୟତ ଚକ୍ରଧରପୁର ଗ୍ରାମରୁ ରବିବାର ମଧ୍ୟାହ୍ନରେ ପୋଲିସ ଶ୍ରୀକାନ୍ତ ବାରିକଙ୍କ ସ୍ତ୍ରୀ ଅନିତା ବାରିକ(୨୧)ଙ୍କ ମୃତଦେହ ଜବତ କରିଥିଲା। ଅନିତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇ ଫ୍ୟାନ୍‌ରେ ଝୁଲାଇ ଦିଆଯାଇଥିବା ଅନିତାଙ୍କ ମା' ପ୍ରତିମା ବାରିକ ପରଜଙ୍ଗ ଥାନାରେ ଶ୍ରୀକାନ୍ତ, ଶ୍ୱଶୁର କନ୍ଦର୍ପ ବାରିକ, ଶାଶୁ ଗୋଲାପ ବାରିକ ଓ ଦେଢ଼ଶୁର ହିମାଂଶୁ ବାରିକଙ୍କ ନାମରେ ଅଭିଯୋଗ କରିଥିଲେ। ସୋମବାର ସକାଳ ୧୦ଟାରେ ଘଟଣାସ୍ଥଳରେ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଜିଲା ସାଇଣ୍ଟିଫିକ୍ ଟିମ୍, ଥାନାଧିକାରୀ ଧୀରେନ କୁମାର ବେହେରା ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁଶ୍ରୀ ଅନାମିକା ପ୍ରମୁଖ ପହଞ୍ଚି ମୃତଦେହ ପଞ୍ଚନାମା କରିଥିଲେ। ମୃତ ଅନିତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ଭୁବନ ସହରାଞ୍ଚଳରେ ବୁଲିଲା ହାତୀ

ଭୁବନ,୨୨।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ବିଭିନ୍ନ ଅଞ୍ଚଳରେ ରବିବାର ରାତିରେ ହାତୀ ବୁଲୁଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଦନ୍ତା ହାତୀଟି ଭାରତୀ ପାହାଡ଼ରୁ ବାହାରି ଭୁବନ କୋର୍ଟ ଛକରୁ ନୂଆଭୁବନ, କାଳିଜାର, ଅରବିନ୍ଦ ମାର୍ଗ, ବ୍ଲକ ଛକ, ଲତାବିଲ, ସିନେମା ହଲ ଛକ, ଗୋଡିପୋଖରୀ ଛକ ଦେଇ ରାତି ୨ଟା ରୁ ଭୋର



୫ଟା୩୦ ପର୍ଯ୍ୟନ୍ତ ବୁଲିଥିଲା। ଗାଁ ରାସ୍ତାରେ ଯାତାୟାତ କରୁଥିବାବେଳେ ବିଦ୍ୟୁତ୍ ବିଭାଗ ଓ ବନ କର୍ମଚାରୀ ଲୋକଙ୍କୁ ସଚେତନ କରାଇଥିଲେ। ହାତୀଟି ଲୋକଙ୍କ କୌଣସି କ୍ଷତି କରି ନ ଥିଲା। ହାତୀଟି ନିଳକଣ୍ଠପୁର ଗ୍ରାମଦେଇ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀ ପାରହୋଇ ଷଡ଼ଙ୍ଗୀ ବନାଞ୍ଚଳକୁ ଯାଇଥିଲା। ହାତୀଟି ଅନେକ ଧାନ ଫସଲ ନଷ୍ଟ କରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀଟି ଏସ୍‌ଏସ୍ ୨ ନାମରେ ପରିଚିତ ବୋଲି ବନ ବିଭାଗ ଫରେଷ୍ଟର କଳ୍ପନା ବେହେରା କହିଛନ୍ତି।

# ନିଶାମୁକ୍ତ ଭାରତ ଗଠନ ନିମନ୍ତେ ମାରାଥନ

ଢେଙ୍କାନାଳ,୨୨।୯(ରତନ ନାୟାର)

ନିଶାମୁକ୍ତ ଭାରତ ଗଠନ ନିମନ୍ତେ ରବିବାର ସକାଳ ୭ଟାରେ ଢେଙ୍କାନାଳରେ ଏକ ସଚେତନତା ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମହିଷାପାଟସ୍ଥିତ ବହୁମୁଖୀ ଆଶ୍ରୟସ୍ଥଳଠାରୁ ଆରମ୍ଭ ହୋଇଥିବା ଏହି ମାରାଥନ ଦୌଡ଼କୁ ଆଇଏଏସ୍(ପ୍ରୋବେସନର) ଭଗତ ସାମଲ କଲ୍ୟାଣ ରାଓ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ଶୁଭାରମ୍ଭ ସମୟରେ ସଦର ଉପଜିଲାପାଳ ବିବୁଧ ଗଡ଼ନାୟକ, କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ମାରାଥନରେ ସାମିଲ ହୋଇଥିଲେ।



ମାରାଥନର ଶୁଭାରମ୍ଭ କରୁଛନ୍ତି ଅତିଥି।

# ଅଷ୍ଟମ ଦିନରେ ଏଏପି ଗଣଧାରଣା



ଗଣଧାରଣରେ ଉପସ୍ଥିତ ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତାମାନେ।

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଦିଆଯାଇଥିବା ଗଣଧାରଣା ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ପାର୍ଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ମେଡିକାଲ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଆସିବ। ସେଠାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଧାରଣାରେ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲା ସଭାପତି ରମେଶ ପଣ୍ଡା, ସଦର ବ୍ଲକର ପ୍ରସନ୍ନ ବରାଳ, ପୀତାମ୍ବର ସାମନ୍ତରାୟ, ଅନୁସୂଚିତ ଜାତି କାର୍ଯ୍ୟକାରୀ ସଭାପତି ସନାତନ ନାଏକ ଓ ବାବୁଲି ମଳିକ ପ୍ରମୁଖ ସାମିଲ ଥିଲେ। ମଙ୍ଗଳବାର ୯ମ ଦିନରେ ଏହି ଗଣଧାରଣା ଜାରି ରହିବ ବୋଲି ଜିଲା ସମ୍ପାଦକ ଶେଷଦେବ ବେହେରା ସୂଚନା ଦେଇଛନ୍ତି।

## ମା' କନକ ଦୁର୍ଗାଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜା

ଢେଙ୍କାନାଳ,୨୨।୯(ରତନ ନାୟାର)

ଢେଙ୍କାନାଳ ସହର ଦେଉଳସାହି ଜୁବୁଲି ଟାଉନସ୍ଥିତ ମା' କନକ ଦୁର୍ଗାଙ୍କ ମନ୍ଦିରରେ ସୋମବାରଠାରୁ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ସକାଳୁ ମଙ୍ଗଳ ଆଳତୀ, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ଓ ଭୋଗ ଲାଗି ହୋଇଥିଲା। ପ୍ରଥମ ଦିନରେ ମା' କନକ ଦୁର୍ଗାଙ୍କ ବାଲା ତ୍ରିପୁର ସୁନ୍ଦରୀ ବେଶ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ଷୋଡ଼ଷ ଉପଚାର ପୂଜା, ଚଣ୍ଡିପାଠ ଓ ସପ୍ତଚଣ୍ଡୀରେ ଆହୂତି ଅର୍ଚ୍ଚନା କରାଯାଇଥିଲା। ସକାଳ ସାଢ଼େ ୯ଟାରେ ପଣାଭୋଗ, ପୂର୍ବାହ୍ନ ୧୦ଟାରେ ଖେଚେଡି ଭୋଗ, ମଧ୍ୟାହ୍ନରେ ଅନ୍ନ ଭୋଗ, ରାତିରେ ବଡସିଂହାର ଭୋଗ ହୋଇଥିଲା।



# ହିନ୍ଦୀ ଶିକ୍ଷା ପ୍ରତି ଅଧିକ ଆଗ୍ରହ ଆହ୍ୱାନ

ଢେଙ୍କାନାଳ,୨୨।୯(ରତନ ନାୟାର)


ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ସହ ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍‌ଠାରେ ରବିବାର ଓଡ଼ିଶା ହିନ୍ଦୀ ଶିକ୍ଷକ ସଂଘ ଢେଙ୍କାନାଳ ଶାଖା ପକ୍ଷରୁ ହିନ୍ଦୀ ପକ୍ଷ ପାଳନ ଦିବସ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ବାର୍ତ୍ତା ପାଠ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ହିନ୍ଦୀ ଶିକ୍ଷା ପ୍ରତି ଅଧିକ ଆଗ୍ରହ ପାଇଁ ଦୃଢ଼ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. କମଳିନୀ ପାଣିଗ୍ରାହୀ ଯୋଗଦେଇ ରାଷ୍ଟ୍ରଭାଷା ହିନ୍ଦୀକୁ ପ୍ରାଥମିକସ୍ତରରୁ ଶିକ୍ଷା ଦିଆଯିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥାନ ପ୍ରାଧାପକ ଡ. ସତ୍ୟ ନାରାୟଣ ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇ ଢେଙ୍କାନାଳ ମାଟିର ସମର କବି ବ୍ରଜନାଥ ବଡ଼ଜେନା ହିନ୍ଦୀ ଭାଷାରେ ଉନ୍ନତ ସାହିତ୍ୟ ସୃଷ୍ଟି କରି ସ୍ୱପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନତି କୁମାର ମିଶ୍ର, ଶିକ୍ଷକ ଭୁବନେଶ୍ୱର ରାଉତ ଏବଂ ଜିଲାରେ ଯୋଗ ଦେଇଥିବା ୧୯ଜଣ ହିନ୍ଦୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଜିଲାର ୧୭ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ସେବା ନିବୃତ୍ତ ହିନ୍ଦୀ ଶିକ୍ଷକ ଶିବ ପ୍ରସାଦ ଦାସ, ନିରଞ୍ଜନ ସାହୁ, ମିନତି ମିଶ୍ର, ସୁରେଶଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ଗଣେଶ ପ୍ରସାଦ ରଣା, ଶଶିଭୂଷଣ ନାଥ, ବିଜୟ କୁମାର ରାଉତ ଓ ହେମନ୍ତ କୁମାର ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ କିଶୋର ଚନ୍ଦ୍ର ସାମଲ, ଭୁବନେଶ୍ୱର ରାଉତ, ଉତ୍ତମ କୁମାର ସାମନ୍ତ, ସୁରଜିତା ମିଶ୍ର, ରଶ୍ମିତା ରଥ, ଅନସୂୟା ଜେନା, ନବକିଶୋର ବେହେରା, ମିନତି ମିଶ୍ର, ରେଣୁବାଳା ବେହେରା, ମନୋଲିସା ପ୍ରଧାନ, ରତ୍ନପ୍ରଭା ବିଶ୍ୱାଳ ଉପସ୍ଥିତ ଥିଲେ। ଅନ୍ତରା ଘୋଷ ଚୌଧୁରୀଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାରେ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ସତ୍ୟବ୍ରତ ପଣ୍ଡା, ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର ସହଯୋଗ କରିଥିଲେ।



# ଦୁର୍ଗାପୂଜା, ଦୀପାବଳି ଓ ଛଟ୍ ପୂଜା - ୨୦୨୫ ଉପଲକ୍ଷେ ଭାରତୀୟ ରେଳର ପଦକ୍ଷେପ



## ତା୨୧.୦୯.୨୦୨୫ ରୁ ୩୦.୧୧.୨୦୨୫ରିଖ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ

| ଟ୍ରେନ୍ ନଂ. | ଷ୍ଟେଶନ | | ତାରିଖ | | ବାରମ୍ବାରତା | ଚଳାଚଳ ଦିବସ |
|---|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | ଠାରୁ | ପର୍ଯ୍ୟନ୍ତ | | |
| ୦୮୪୩୯ | ପୁରୀ | ପାଟନା ଜଂ. | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୪୪୦ | ପାଟନା ଜଂ. | ପୁରୀ | ୧୪.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୨୮୧୧ | ଭୁବନେଶ୍ୱର | ଯଶବନ୍ତପୁର ଜଂ. | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୨୮୧୨ | ଯଶବନ୍ତପୁର ଜଂ. | ଭୁବନେଶ୍ୱର | ୧୫.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୮୫୮୧ | ବିଶାଖାପାଟଣା | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୧୪.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୮୫୮୨ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ବିଶାଖାପାଟଣା | ୧୫.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୮୫୪୭ | ବିଶାଖାପାଟଣା | ତିରୁପତି | ୧୨.୦୯.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୮୫୪୮ | ତିରୁପତି | ବିଶାଖାପାଟଣା | ୧୩.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୮୫୭୯ | ବିଶାଖାପାଟଣା | ଚାର୍ଲାପଲ୍ଲୀ | ୧୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୮୫୮୦ | ଚାର୍ଲାପଲ୍ଲୀ | ବିଶାଖାପାଟଣା | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୨୩୦ | ପାଟନା ଜଂ. | ପୁରୀ | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୩୨୨୯ | ପୁରୀ | ପାଟନା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୨୦୮ | ବକ୍ସର | କିୟୁଲ | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୦୭ | କିୟୁଲ | ବକ୍ସର | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୦୯ | ଝାଝା | ଦାନାପୁର | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୦ | ଦାନାପୁର | ଝାଝା | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୫୨୯୭ | ପାଟଳିପୁତ୍ର | ବାଲିଆ | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୫୨୯୮ | ବାଲିଆ | ପାଟଳିପୁତ୍ର | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୫ | ପାଟନା ଜଂ. | ଥାୱେ ଜଂ. | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୬ | ଥାୱେ ଜଂ. | ପାଟନା ଜଂ. | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୬୭୭ | ଧାନବାଦ ଜଂ. | ଗୋରଖପୁର ଜଂ. | ୨୧.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୩୬୭୮ | ଗୋରଖପୁର ଜଂ. | ଧାନବାଦ ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୩୦୪୩ | ହାଓଡା ଜଂ. | ରକ୍ସୌଲ ଜଂ. | ୨୭.୦୯.୨୫ | ୧୫.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୦୪୪ | ରକ୍ସୌଲ ଜଂ. | ହାଓଡା ଜଂ. | ୨୮.୦୯.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୫୧୧ | ଆସାନସୋଲ ଜଂ. | ପାଟନା ଜଂ. | ୧୯.୧୦.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୩୫୧୨ | ପାଟନା ଜଂ. | ଆସାନସୋଲ ଜଂ. | ୧୯.୧୦.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୩୧୩୧ | ସିଆଲଦା | ଗୋରଖପୁର ଜଂ. | ୩୦.୦୯.୨୫ | ୧୮.୧୧.୨୫ | ଦ୍ୱି-ସାପ୍ତାହିକ | ମଙ୍ଗଳ, ଗୁରୁ |
| ୦୩୧୩୨ | ଗୋରଖପୁର ଜଂ. | ସିଆଲଦା | ୦୧.୧୦.୨୫ | ୧୯.୧୧.୨୫ | ଦ୍ୱି-ସାପ୍ତାହିକ | ବୁଧ, ଶୁକ୍ର |
| ୦୩୫୨୭ | ଆସାନସୋଲ ଜଂ. | ଗୋରଖପୁର ଜଂ. | ୨୬.୦୯.୨୫ | ୦୭.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୫୨୮ | ଗୋରଖପୁର ଜଂ. | ଆସାନସୋଲ ଜଂ. | ୨୭.୦୯.୨୫ | ୦୮.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୦୦୭ | ହାଓଡା ଜଂ. | ଖଟିପୁରା | ୨୮.୦୯.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୩୦୦୮ | ଖଟିପୁରା | ହାଓଡା ଜଂ. | ୩୦.୦୯.୨୫ | ୦୪.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୦୯ | କୋଲକାତା ଟର୍ମିନାଲ | ଭଦୋଦରା ଜଂ. | ୩୦.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୧୦ | ଭଦୋଦରା ଜଂ. | କୋଲକାତା ଟର୍ମିନାଲ | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୩୪୧୭ | ମାଲଦା ଟାଉନ୍ | ଉଧ୍ନା ଜଂ. | ୨୭.୦୯.୨୫ | ୦୮.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୪୧୮ | ଉଧ୍ନା ଜଂ. | ମାଲଦା ଟାଉନ୍ | ୨୯.୦୯.୨୫ | ୧୦.୧୧.୨୫ | ସାପ୍ତାହିକ | ସୋମବାର |
| ୦୩୧୮୭ | କୋଲକାତା ଟର୍ମିନାଲ | ମଧୁବନି | ୩୦.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୮୮ | ମଧୁବନି | କୋଲକାତା ଟର୍ମିନାଲ | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୩୪୬୫ | ମାଲଦା ଟାଉନ୍ | ଦିଘା | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୪୬୬ | ଦିଘା | ମାଲଦା ଟାଉନ୍ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୧୦୧ | ସିଆଲଦା | ମାଳତିପାଟପୁର | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୧୦୨ | ମାଳତିପାଟପୁର | ସିଆଲଦା | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୧୩୫ | ସିଆଲଦା | ପାଟନା ଜଂ. | ୦୫.୧୦.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୧୩୬ | ପାଟନା ଜଂ. | ସିଆଲଦା | ୦୫.୧୦.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୪୩୦ | ମାଲଦା ଟାଉନ୍ | ଚାର୍ଲାପଲ୍ଲୀ | ୩୦.୦୯.୨୫ | ୧୧.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୪୨୯ | ଚାର୍ଲାପାଲ୍ଲୀ | ମାଲଦା ଟାଉନ୍ | ୦୨.୧୦.୨୫ | ୧୩.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୪୧୩୧ | କାନପୁର ସେଣ୍ଟ୍ରାଲ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୨୧.୦୯.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୪୧୩୨ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | କାନପୁର ସେଣ୍ଟ୍ରାଲ | ୨୪.୦୯.୨୫ | ୧୨.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୦୧୯ | ଜୟପୁର ଜଂ. | ହାଇଦ୍ରାବାଦ | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୨୦ | ହାଇଦ୍ରାବାଦ | ଜୟପୁର ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୨୯ | ଅଗରତାଲା | ଚାର୍ଲାପଲ୍ଲୀ | ୨୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୩୦ | ଚାର୍ଲାପଲ୍ଲୀ | ଅଗରତାଲା | ୨୬.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୦୫୩ | କାଚେଗୁଡା | ବିକାନେର ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୫୪ | ବିକାନେର ଜଂ. | କାଚେଗୁଡ଼ା | ୨୩.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୭୦୭୫ | ହାଇଦ୍ରାବାଦ | ଗୋରଖପୁର ଜଂ. | ୨୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୭୬ | ଗୋରଖପୁର ଜଂ. | ହାଇଦ୍ରାବାଦ | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୧୯୧ | କାଚେଗୁଡା | ମଦୁରାଇ ଜଂ. | ୨୨.୦୯.୨୫ | ୨୦.୧୦.୨୫ | ସାପ୍ତାହିକ | ସୋମବାର |
| ୦୭୧୯୨ | ମଦୁରାଇ ଜଂ. | କାଚେଗୁଡ଼ା | ୨୪.୦୯.୨୫ | ୨୨.୧୦.୨୫ | ସାପ୍ତାହିକ | ବୁଧବାର |
| ୦୭୧୯୩ | ହାଇଦ୍ରାବାଦ | କୋଲ୍ଲାମ ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୧୯୪ | କୋଲ୍ଲାମ ଜଂ. | ହାଇଦ୍ରାବାଦ | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୨୩୦ | ହାଇଦ୍ରାବାଦ | କନ୍ୟାକୁମାରୀ | ୨୪.୦୯.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୨୨୯ | କନ୍ୟାକୁମାରୀ | ହାଇଦ୍ରାବାଦ | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୬୫୧ | ଜାଲ୍ନା | ଛପରା | ୨୭.୦୮.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୬୫୨ | ଛପରା | ଜାଲ୍ନା | ୨୯.୦୮.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୧୫୩ | ନରସାପୁର | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୧୫୪ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ନରସାପୁର | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୦୫ | ଚାର୍ଲାପଲ୍ଲୀ | ରକ୍ସୌଲ ଜଂ. | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୦୦୬ | ରକ୍ସୌଲ ଜଂ. | ଚାର୍ଲାପଲ୍ଲୀ | ୦୯.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୭୭୧୭ | ତିରୁପତି | ହିସାର | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୭୧୮ | ହିସାର | ତିରୁପତି | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୧୭ | ଚାର୍ଲାପଲ୍ଲୀ | ତିରୁପତି | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୧୮ | ତିରୁପତି | ଚାର୍ଲାପଲ୍ଲୀ | ୨୯.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୧୩୧ | ତିରୁପତି | ନରସାପୁର | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୧୩୨ | ନରସାପୁର | ତିରୁପତି | ୨୯.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୨୩୩ | ଚାର୍ଲାପଲ୍ଲୀ | ନରସାପୁର | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୨୩୪ | ନରସାପୁର | ଚାର୍ଲାପଲ୍ଲୀ | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |

| ଟ୍ରେନ୍ ନଂ. | ଷ୍ଟେଶନ | | ତାରିଖ | | ବାରମ୍ବାରତା | ଚଳାଚଳ ଦିବସ |
|---|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | ଠାରୁ | ପର୍ଯ୍ୟନ୍ତ | | |
| ୦୭୪୪୫ | କାକିନାଡା ଟାଉନ୍ | ଲିଙ୍ଗମପଲ୍ଲୀ | ୨୨.୦୯.୨୫ | ୨୪.୧୧.୨୫ | ତ୍ରି-ସାପ୍ତାହିକ | ସୋମ, ବୁଧ, ଶୁକ୍ର |
| ୦୭୪୪୬ | ଲିଙ୍ଗାମପଲ୍ଲୀ | କାକିନାଡା ଟାଉନ୍ | ୨୭.୦୯.୨୫ | ୨୯.୧୧.୨୫ | ତ୍ରି-ସାପ୍ତାହିକ | ମଙ୍ଗଳ, ଗୁରୁ, ଶନି |
| ୦୭୪୪୭ | କାକିନାଡା ଟାଉନ୍ | ଚାର୍ଲାପଲ୍ଲୀ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୪୪୮ | ଚାର୍ଲାପଲ୍ଲୀ | କାକିନାଡା ଟାଉନ୍ | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୬୦୫ | ତିରୁପତି | ଆକୋଲା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୬୦୬ | ଅକୋଲା ଜଂ. | ତିରୁପତି | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୬୦୯ | ଜାଲ୍ନା | ତିରୁପତି | ୨୩.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୬୧୦ | ତିରୁପତି | ଜାଲ୍ନା | ୨୪.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୭୫୨୧ | କୁଡାପ୍ପା | ଗୁଣ୍ଟାକାଲ ଜଂ. | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୫୨୨ | ଗୁଣ୍ଟାକାଲ ଜଂ. | କୁଡାପ୍ପା | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୦୫୭ | ପୂର୍ଣ୍ଣା ଜଂ. | ଜାଲ୍ନା | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୫୮ | ଜାଲ୍ନା | ପୂର୍ଣ୍ଣା ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୭୨୮୧ | ପୂର୍ଣ୍ଣା ଜଂ. | ଜାଲ୍ନା | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୨୮୨ | ଜାଲ୍ନା | ନାନ୍ଦେଡ଼ | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୦୧୨ | ତିରୁପତି | ଚାର୍ଲାପଲ୍ଲୀ | | ୨୭.୦୯.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୧୧ | ଚାର୍ଲାପଲ୍ଲୀ | ତିରୁପତି | | ୨୬.୦୯.୨୫ | ସାପ୍ତାହିକ | ଶନିବାର |
| ୦୭୦୫୫ | କାଚେଗୁଡ଼ା | ନାଗରସୋଲ | | ୨୫.୦୯.୨୫ | ଏକ ଟ୍ରିପ୍ | ଗୁରୁବାର |
| ୦୭୦୫୬ | ନାଗରସୋଲ | କାଚେଗୁଡ଼ା | | ୨୬.୦୯.୨୫ | ଏକ ଟ୍ରିପ୍ | ଶୁକ୍ରବାର |
| ୦୭୦୪୬ | ଚାର୍ଲାପଲ୍ଲୀ | ନହରଲାଗୁନ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୪୭ | ନହରଲାଗୁନ | ଚାର୍ଲାପଲ୍ଲୀ | ୨୩.୦୯.୨୫ | ୦୨.୧୨.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୮୬୧୧ | ସାନ୍ତ୍ରାଗାଛି ଜଂ. | ଆଜମେର ଜଂ. | ୨୨.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୮୬୧୨ | ଆଜମେର ଜଂ. | ସାନ୍ତ୍ରାଗାଛି ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୨୮୬୩ | ସାନ୍ତ୍ରାଗାଛି ଜଂ. | ଯଶବନ୍ତପୁର ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୨୮୬୪ | ଯଶବନ୍ତପୁର ଜଂ. | ସାନ୍ତ୍ରାଗାଛି ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୮୪୫ | ସାନ୍ତ୍ରାଗାଛି ଜଂ. | ସିକନ୍ଦରାବାଦ ଜଂ. | ୧୯.୦୯.୨୫ | ୦୩.୧୦.୨୫ | ସାପ୍ତାହିକ | ଶୁକ୍ରବାର |
| ୦୮୮୪୬ | ସିକନ୍ଦରାବାଦ ଜଂ. | ସାନ୍ତ୍ରାଗାଛି ଜଂ. | ୨୦.୦୯.୨୫ | ୦୪.୧୦.୨୫ | ସାପ୍ତାହିକ | ଶନିବାର |
| ୦୮୧୦୯ | ସାନ୍ତ୍ରାଗାଛି ଜଂ. | ପାଟନା ଜଂ. | ୧୮.୧୦.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୧୧୦ | ପାଟନା ଜଂ. | ସାନ୍ତ୍ରାଗାଛି ଜଂ. | ୧୯.୧୦.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୮୬୨୯ | ରାଞ୍ଚି | ଗୋରଖପୁର ଜଂ. | ୧୮.୧୦.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୬୩୦ | ଗୋରଖପୁର ଜଂ. | ରାଞ୍ଚି | ୧୯.୧୦.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୮୮୬୫ | ନେତାଜୀ ଏସ୍.ସି. ବୋଷ ଇଟ୍ୱାରୀ ଜଂ. | ଶାଲିମାର | ୨୭.୦୯.୨୫ | ୦୧.୧୦.୨୫ | ଦୈନିକ | ଶନି, ରବି, ସୋମ, ମଙ୍ଗଳ, ବୁଧ |
| ୦୮୮୬୬ | ଶାଲିମାର | ନେତାଜୀ ଏସ୍.ସି. ବୋଷ ଇଟ୍ୱାରୀ ଜଂ. | ୨୮.୦୯.୨୫ | ୦୨.୧୦.୨୫ | ଦୈନିକ | ଶନି, ରବି, ସୋମ, ମଙ୍ଗଳ, ବୁଧ |
| ୦୬୦୮୫ | ଏର୍ଣ୍ଣାକୁଲମ୍ ଜଂ. | ପାଟନା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୬୦୮୬ | ପାଟନା ଜଂ. | ଏର୍ଣ୍ଣାକୁଲମ୍ ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୬୦୫୫ | ପୋଦାନୁର ଜଂ. | ବାରାଉନି ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୬୦୫୬ | ବାରାଉନି ଜଂ. | ପୋଦାନୁର ଜଂ. | ୦୯.୦୯.୨୫ | ୦୨.୧୨.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୬୦୬୩ | କୋଏମ୍ବାଟୁର ଜଂ. | ଧାନବାଦ ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୬୦୬୪ | ଧାନବାଦ ଜଂ. | କୋଏମ୍ବାଟୁର ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୧୬୬୭ | ରାଣୀ କମଳାପତି | ଦାନାପୁର | ୨୭.୦୯.୨୫ | ୦୧.୧୧.୨୫ | ଦ୍ୱି-ସାପ୍ତାହିକ | ଶନି, ମଙ୍ଗଳ |
| ୦୧୬୬୮ | ଦାନାପୁର | ରାଣୀ କମଳାପତି | ୨୮.୦୯.୨୫ | ୦୨.୧୧.୨୫ | ଦ୍ୱି-ସାପ୍ତାହିକ | ରବି, ବୁଧ |
| ୦୧୭୦୧ | ଜବଲପୁର | ଦାନାପୁର | ୨୬.୦୯.୨୫ | ୦୫.୧୧.୨୫ | ଦ୍ୱି-ସାପ୍ତାହିକ | ବୁଧ, ଶୁକ୍ର |
| ୦୧୭୦୨ | ଦାନାପୁର | ଜବଲପୁର | ୨୭.୦୯.୨୫ | ୦୬.୧୧.୨୫ | ଦ୍ୱି-ସାପ୍ତାହିକ | ଗୁରୁ, ଶନି |
| ୦୯୮୨୧ | ସୋଗାରିୟା | ଦାନାପୁର | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୮୨୨ | ଦାନାପୁର | ସୋଗାରିୟା | ୨୯.୦୯.୨୫ | ୦୩.୧୧.୨୫ | ସାପ୍ତାହିକ | ରବିବାର |
| ୦୨୧୯୨ | ରେୱା | ରାଣୀ କମଳାପତି | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୨୧୯୧ | ରାଣୀ କମଳାପତି | ରେୱା | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୧୭୦୪ | ରେୱା | ଡା. ଆମ୍ବେଦକର ନଗର | ୨୭.୦୯.୨୫ | ୨୫.୧୦.୨୫ | ସାପ୍ତାହିକ | ଶନିବାର |
| ୦୧୭୦୩ | ଡା. ଆମ୍ବେଦକର ନଗର | ରେୱା | ୨୮.୦୯.୨୫ | ୨୬.୧୦.୨୫ | ସାପ୍ତାହିକ | ରବିବାର |
| ୦୯୦୫୯ | ଉଧ୍ନା ଜଂ. | ଖୋର୍ଦ୍ଧା ରୋଡ୍ ଜଂ. | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୯୦୬୦ | ଖୋର୍ଦ୍ଧା ରୋଡ୍ ଜଂ. | ଉଧ୍ନା ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୨୫ | ଭଲସାଡ଼ | ଦାନାପୁର | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୯୦୨୬ | ଦାନାପୁର | ଭଲସାଡ଼ | ୦୭.୧୦.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୯୦୪୫ | ଉଧ୍ନା ଜଂ. | ପାଟନା ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୪୬ | ପାଟନା ଜଂ. | ଉଧ୍ନା ଜଂ. | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୦୦୭ | ଭଲସାଡ଼ | ଖଟିପୁରା | ୦୨.୧୦.୨୫ | ୩୦.୧୦.୨୫ | ସାପ୍ତାହିକ | ଗୁରୁବାର |
| ୦୯୦୦୮ | ଖଟିପୁରା | ଭଲସାଡ଼ | ୦୩.୧୦.୨୫ | ୩୧.୧୦.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୩୧ | ଉଧ୍ନା ଜଂ. | ଜୟନଗର | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୦୩୨ | ଜୟନଗର | ଉଧ୍ନା ଜଂ. | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୩୪୩ | ଡା. ଆମ୍ବେଦକର ନଗର | ପାଟନା ଜଂ. | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୯୩୪୪ | ପାଟନା ଜଂ. | ଡା. ଆମ୍ବେଦକର ନଗର | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୧୯୫ | ଭଦୋଦରା ଜଂ. | ମଉ | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୯୧୯୬ | ମଉ | ଭଦୋଦରା ଜଂ. | ୦୭.୧୦.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୯୦୪୩ | ବାନ୍ଦ୍ରା ଟର୍ମିନସ୍ | ବରହନୀ | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୦୪୪ | ବରହନୀ | ବାନ୍ଦ୍ରା ଟର୍ମିନସ୍ | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୧୧୭ | ଉଧ୍ନା ଜଂ. | ସୁବେଦାରଗଞ୍ଜ | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୧୧୮ | ସୁବେଦାରଗଞ୍ଜ | ଉଧ୍ନା ଜଂ. | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୦୭୫ | ମୁମ୍ବାଇ ସେଣ୍ଟ୍ରାଲ | କାଠଗୋଦାମ | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୯୦୭୬ | କାଠଗୋଦାମ | ମୁମ୍ବାଇ ସେଣ୍ଟ୍ରାଲ | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୯୧୮୫ | ମୁମ୍ବାଇ ସେଣ୍ଟ୍ରାଲ | କାନପୁର ଅନୱରଗଞ୍ଜ | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୧୮୬ | କାନପୁର ଅନୱରଗଞ୍ଜ | ମୁମ୍ବାଇ ସେଣ୍ଟ୍ରାଲ | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୦୩୯ | ଉଧ୍ନା ଜଂ. | ଧାନବାଦ ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୪୦ | ଧାନବାଦ ଜଂ. | ଉଧ୍ନା ଜଂ. | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |

**ଭାରତୀୟ ରେଳ**

www.indianrailways.gov.in

/RailMinIndia

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ଭୁବନେଶ୍ୱର ଶାଖାର ଅଷ୍ଟମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶୁଭେଚ୍ଛୁ ଓ ଗ୍ରାହକ ଯୋଗଦେଇଥିଲେ। ସାରା ରାଜ୍ୟରେ ଅଳଙ୍କାର କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଇ ପ୍ରଶଂସା ସାଉଁଟୁଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୮ ବର୍ଷ ଧରି ଭୁବନେଶ୍ୱରବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା, ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ରାଜଧାନୀ ବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲେରି ବ୍ରାଣ୍ଡର ମାନ୍ୟତା ପାଇପାରିଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଗ୍ରାହକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆନିଭରସାରି ସ୍ପେସିଆଲ ଅଫର୍ ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଅଗ୍ରିମ ବୁକିଙ୍ଗରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ପେ’ ଜିରୋ ଫର୍ ଇଜି ଜୁଏଲେରି ପରଚେଜ୍ ପ୍ଲାନ୍ ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।

# ରେନୋ କ୍ୱିଡ୍‌ର ନୂଆ ସଂସ୍କରଣ ଲଞ୍ଚ

**ଭୁବନେଶ୍ୱର,୨୨।୯**

ଫ୍ରାନ୍ସର ରେନୋ ଗ୍ରୁପର ସମ୍ପୂର୍ଣ୍ଣ ମାଲିକାନାଧୀନ ସଂସ୍ଥା ରେନୋ ଇଣ୍ଡିଆ ଭାରତରେ କ୍ୱିଡ୍‌ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୦ମ ବାର୍ଷିକୀ ସଂସ୍କରଣ ଲଞ୍ଚ କରିଛି। ଏହି ଆଇକନିକ କାର ଏସୟୁଭି-ପ୍ରେରିତ ଡିଜାଇନ ଓ ଅତୁଳନୀୟ ମୂଲ୍ୟ ସହ ଏଣ୍ଟ୍ରି-ଲେଭେଲ ସେଗମେଣ୍ଟକୁ ପୁନଃ ନିର୍ଦ୍ଧାରଣ କରିଛି। ମାତ୍ର ୫୦୦ ୟୁନିଟର ଏହି ସୀମିତ ସଂସ୍କରଣ ଟେକ୍ନୋ ଭାରିଆଣ୍ଟରେ ଉପଲବ୍ଧ, ଯାହାର ମୂଲ୍ୟ ମାନୁଆଲ ପାଇଁ ୫.୧୪ ଲକ୍ଷ ଓ ଏଏମଟି ପାଇଁ ୫.୬୩ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ) ରହିଛି। ରେନୋ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଭେଙ୍କଟରାମ ମାମିଲ୍ଲାପଲ୍ଲେ କହିଛନ୍ତି, କ୍ୱିଡ୍ ରେନୋର ଭାରତୀୟ ଯାତ୍ରାକୁ ଆକୃତି ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି, ଏହାର ଅଭିନବତା, ସୁଲଭତା ଏବଂ ୯୫%ରୁ ଅଧିକ ଲୋକାଲାଇଜେସନ ସହ ଏଣ୍ଟ୍ରି ସେଗମେଣ୍ଟକୁ ପୁନର୍ନିର୍ଦ୍ଧାରଣ କରିଛି। ୧୦ମ ବାର୍ଷିକୀ ସଂସ୍କରଣ ଦୁଇଟି ଆକର୍ଷଣୀୟ ଡୁଆଲ-ଟୋନ ରଙ୍ଗରେ ଉପଲବ୍ଧ । କେବିନ ଭିତରେ ୧୦ମ ବାର୍ଷିକୀ ଥିମ ସହିତ ସିଟ ଡିଜାଇନ ଏବଂ ପ୍ରିମିୟମ ଡିଟେଲିଂ ସହ ଉନ୍ନତ କରାଯାଇଛି। ସିଟ, ଲେଦରେଟ ଷ୍ଟିୟରିଂ ହ୍ୱିଲରେ ମେଟାଲ ମଷ୍ଟାର୍ଡ ଷ୍ଟିଚ, ଇନଫୋଟେନମେଣ୍ଟ ସରାଉଣ୍ଡ ଏବଂ ଦ୍ୱାର ଟ୍ରିମରେ ହଳଦିଆ ଆକ୍ସେଣ୍ଟ ଯୁବ ଆକର୍ଷଣ ଯୋଗାଉଛି, ଯେତେବେଳେ ଆଲୋକିତ ସ୍କଫ ପ୍ଲେଟ ଏବଂ ପୁଡଲ ଲ୍ୟାମ୍ପ ଏହି ସଂସ୍କରଣ ଆକର୍ଷଣୀୟ କରୁଛି। । ଅନ୍ୟ ଭାରିଆଣ୍ଟଗୁଡ଼ିକରେ ମଧ୍ୟ ସମସ୍ତ ସିଟ ପାଇଁ ୩-ପଏଣ୍ଟ ସିଟବେଲ୍ଟ ଏବଂ କ୍ଲାଇମ୍ବର ଭାରିଆଣ୍ଟରେ ୬ଟି ଏୟାରବ୍ୟାଗ ସହ ଉନ୍ନତ ସୁରକ୍ଷା ଯୋଗାଯାଇଛି।




# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ

**ଭୁବନେଶ୍ୱର,୨୨।୯**

ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, କୃଷି, ସମ୍ବଳ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ବ୍ୟାଙ୍କ ମିତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୋଲକାତାସ୍ଥିତ ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ ଅସୁଲି ଏବଂ ଆଇନ ବିଭାଗର ମହାପ୍ରବନ୍ଧକ ଅଙ୍କିତ ରାଣା ଏବଂ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂ ଭାକୁନି ଉପସ୍ଥିତ ଥିଲେ। ଭଗବତ ସିଂ ଭାକୁନି କାର୍ଯ୍ୟକ୍ରମର ବିଶିଷ୍ଟ ବ୍ୟକ୍ତି ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଙ୍କିତ ରାଣା ୟୁକୋ ବ୍ୟାଙ୍କ ସହିତ ଦୀର୍ଘ ଦିନର ସମ୍ପର୍କ ଏବଂ ଉନ୍ନତ ଗ୍ରାହକ ସେବା ପାଇଁ ଅଂଶଗ୍ରହଣକାରୀ ଓ ଗ୍ରାହକଙ୍କୁ କୃତଜ୍ଞତା ଜଣାଇଥିଲେ। ରାଣା ‘ସ୍ୱଚ୍ଛତା ହିଁ ସେବା’ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ବ୍ୟାଙ୍କର ପିଙ୍କ ବାସ୍କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସଞ୍ଚୟିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରିସୋର୍ସ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।




# ତମାଖୁ ଟିକସରୁ ଓଡ଼ିଶା ପାଇଲାଣି ୬୭୫୦ କୋଟି

**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ଗୁଟ୍‌ଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ୍ ଓ ଜିଏସ୍‌ଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି । ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣର ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟ୍‌ଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ବିଷୟରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୧୮-୧୯ରୁ ନିୟମିତ ଭାବେ ଗୁଟ୍‌ଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢ଼ି ବଢ଼ି ଚାଲିଛି । ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କା ଅତିକ୍ରମ କରିଥିଲା । ସେହିପରି ୨୦୨୪-୨୫ରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଞ୍ଚିଛି । ଅନ୍ୟପଟେ ଗୁଟ୍‌ଖା, ତମାଖୁ, ସିଗାରେଟ୍ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପଣନ ଓ ବିକ୍ରି ଉପରେ କଟକଣା ସମ୍ପର୍କିତ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ଶ୍ୟାମ୍ ଷ୍ଟିଲ ଲଞ୍ଚ କଲା ମକାଓ ପେଣ୍ଟ୍ସ

## କାର୍ତ୍ତିକ ଆର୍ଯ୍ୟନ ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ଷ୍ଟିଲ ବ୍ରାଣ୍ଡ୍ ଶ୍ୟାମ ଷ୍ଟିଲ୍ ଡେକୋରେଟିଭ ପେଣ୍ଟ ଶିଳ୍ପରେ ପ୍ରବେଶ କରି ନୂତନ ବ୍ରାଣ୍ଡ୍ ମାକାଓ ପେଣ୍ଟ୍ସ ଲଞ୍ଚ କରିଛି। ବଲିଉଡ ତାରକା କାର୍ତ୍ତିକ ଆର୍ଯ୍ୟନଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିୟୋଜିତ କରାଯାଇଛି। ‘ମକାଓ କେ ରଙ୍ଗ, ମେଜିକ କେ ସଙ୍ଗ୍’ ମୂଳମନ୍ତ୍ର ସହିତ ମକାଓ ପେଣ୍ଟସ ଭାରତୀୟ ଘରୋଇ ପରିବେଶକୁ ଉଜ୍ଜ୍ୱଳ, ପ୍ରାଣବନ୍ତ ଓ ପ୍ରିମିୟମ ରଙ୍ଗ ଯୋଗାଇବ ବୋଲି କମ୍ପାନ ପକ୍ଷରୁ କୁହାଯାଇଛି। କମ୍ପାନୀର ସୂଚନାନୁସାରେ, ଏହା ହେଉଛି ବିଶ୍ୱାସ, ଐତିହ୍ୟ ଓ ଆଶୀର୍ବାଦ ବହନ କରୁଥିବା ରଙ୍ଗ। ମକାଓ ପେଣ୍ଟ୍ସ ଲଞ୍ଚ ମାଧ୍ୟମରେ କମ୍ପାନୀ ଷ୍ଟିଲରୁ ପେଣ୍ଟ ଶିଳ୍ପକୁ ବିସ୍ତାର କରିଥିବାବେଳେ ଏହା ଷ୍ଟିଲର ଶକ୍ତିରୁ ପେଣ୍ଟର ଯାଦୁ ଆଡ଼କୁ ଏକ ଯାତ୍ରା ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ଏହାର ଶୁଭାରମ୍ଭ କରାଯାଇଛି।




ନବରାତ୍ରର ପ୍ରଥମ ଦିନରେ ଦୁର୍ଗା ପୂଜା ମଣ୍ଡପଗୁଡ଼ିକରେ ଏହି ବ୍ରାଣ୍ଡ୍‌କୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ କାର୍ତ୍ତିକ ଆର୍ଯ୍ୟନ କହିଛନ୍ତି, ଯେମିତି ରଙ୍ଗ ଆମ ଜୀବନକୁ ଆନନ୍ଦ ଓ ଉଜ୍ଜ୍ୱଳତା ଆଣେ, ସେହିପରି ମକାଓ ପେଣ୍ଟ୍ସ ପ୍ରତ୍ୟେକ ଘରକୁ ନୂଆପଣ ଓ ଯାଦୁ ଆଣୁଛି। ଶ୍ୟାମ ଷ୍ଟିଲର ଜଣେ ମୁଖପାତ୍ର କହିଛନ୍ତି, ଆମ ପାଇଁ ପଶ୍ଚିମବଙ୍ଗ କେବଳ ଏକ ବଜାର ନୁହେଁ, ବରଂ ଏକ ଆବେଗ। ଦୁର୍ଗା ପୂଜା ସମୟରେ ମକାଓ ପେଣ୍ଟସ ଲଞ୍ଚ ଏହି ଅଞ୍ଚଳର ଉତ୍ସାହ, ଶକ୍ତି ଓ ସାଂସ୍କୃତିକ ଗୌରବକୁ ପ୍ରତିଫଳିତ କରୁଛି।

# ଓମ୍‌ଫେଡ: ପୁରୁଣା ଦାମ ପ୍ରିଣ୍ଟ ଥିଲେ ବି ଲାଗୁ ହେବ ନୂଆଦାମ

**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି.୨.୦) ଲାଗୁ ହେବା ପରେ ଓମଫେଡ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ଦର ହ୍ରାସ ପାଇଥିବାବେଳେ କ୍ଷୀର ଦାମ ସ୍ଥିର ରହିଛି। ମାତ୍ର ଓମଫେଡ୍ କ୍ଷୀରରେ ପୂର୍ବରୁ ଜିଏସଟି ଲାଗୁ କରାଯାଉ ନଥିଲା କି ଏବେ ମଧ୍ୟ ଲାଗୁ ହୋଇନାହିଁ। ତେଣୁ ଦୁଗ୍ଧ ଦରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଓମଫେଡର କୌଣସି ଉତ୍ପାଦରେ ଯଦି ପୁରୁଣା ଦାମ ପ୍ରିଣ୍ଟ ଥାଏ, ତେବେ ଗ୍ରାହକମାନେ ଏଣିକି ପୁରୁଣା ବଦଳରେ ନୂତନ ହ୍ରାସ ଦର ଦେଇ ଓମଫେଡ ଉତ୍ପାଦ କ୍ରୟ କରିବେ। ଛେନା ଓ ପନିରରେ କେନ୍ଦ୍ର ସରକାର ୫% ଜିଏସଟି ହ୍ରାସ କରିଛନ୍ତି। ଫଳରେ ପନିର ଓ ଛେନା ଦର ହ୍ରାସ ପାଇଛି। ପନିର ୨୦୦ ଗ୍ରାମ୍ ଉପରେ ୫ ଟଙ୍କା ହ୍ରାସ ପାଇଥିବା ବେଳେ ୫୦୦ ଗ୍ରାମ୍ ପ୍ୟାକରେ ୧୦ ଟଙ୍କା ହ୍ରାସ ହୋଇଛି। ପୂର୍ବରୁ ଘିଅରେ ୧୨% ଜିଏସ୍‌ଟି ଲାଗୁଥିଲା । ଏବେ ୭% ହ୍ରାସ ପାଇ ତାହା ୫ ପ୍ରତିଶତ ହୋଇଛି। ଫଳରେ ସେହି ଆଧାରରେ ଘିଅ ଲିଟର ପିଛା ୪୫ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ଘିଅ ଲିଟର (ଟିଣ ଡିବା) ୭୨୦ ଟଙ୍କା ଥିଲା। ଏବେ ତାହା ୬୭୫ ଟଙ୍କାକୁ ହ୍ରାସ ପାଇଛି । ସେହିପରି ୧୫ ଲିଟର ଟିଣ ଘିଅ ମୂଲ୍ୟ ପୂର୍ବରୁ ୮୧୫୨ ଟଙ୍କା ଥିଲା। ଏବେ ତାହା ୭୬୪୫ ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଗୋଟିଏ ୧୫ ଲିଟର ଟିଣ ଘିଅରେ ୫୦୭ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ବଟରରେ ୧୨ ପ୍ରତିଶତ ଜିଏସଟି ଲାଗୁ ହେଉଥିଲା । ମାତ୍ର ଏବେ ସେଥିରେ ୫ ପ୍ରତିଶତ ଜିଏସଟି ଲାଗିବ । ଫଳରେ ୧୦୦ ଗ୍ରାମ୍ ବଟର ପ୍ୟାକ ଏଣିକି ଗ୍ରାହକମାନେ ୬୦ ଟଙ୍କା ବଦଳରେ ୫୭ ଟଙ୍କାରେ ପାଇପାରିବେ। ଫ୍ଲେଭର ମିଲ୍କ ବା ସୁବାସିତ ଦୁଗ୍ଧ ଉପରେ ସରକାର ପୂର୍ବରୁ ୧୨% ଜିଏସଟି ନେଉଥିଲେ। ଏହା ୫%କୁ ହ୍ରାସ ପାଇବା ପରେ ଫଳରେ ପୂର୍ବରୁ ଯେଉଁ ଗ୍ରାହକମାନେ ୨୫ ଟଙ୍କାରେ ଖାଉଥିଲେ, ଏବେ ସେହି ସୁବାସିତ ଦୁଗ୍ଧ ବୋତଲ ବା ଫ୍ଲେଭର ମିଲ୍କ ୨୩ ଟଙ୍କାରେ ଉପଲବ୍ଧ ହେବ । ୟୁଏଚଟି ଦୁଗ୍ଧ ଲିଟର ଦାମ ୭୦ ଟଙ୍କାରୁ ଖସି ୬୭ ଟଙ୍କା ହୋଇଛି । ବିଭିନ୍ନ ପ୍ରକାର ଆଇସକ୍ରିମ ଦର ମଧ୍ୟ ହ୍ରାସ ପାଇଛି । ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଦର ସ୍ଥିର ରଖିଛି ଓମଫେଡ୍ । ତା’ ବଦଳରେ ଆଇସକ୍ରିମ ପରିମାଣ ବୃଦ୍ଧି କରିଛି । ଏଣିକି ଓମଫେଡ ଆଇସକ୍ରିମ ଗ୍ରାହକ ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଏଣିକି ୧୦ ପ୍ରତିଶତକୁ ଅଧିକ ପରିମାଣର ଆଇସକ୍ରିମ ପାଇବେ । ପୂର୍ବରୁ ରାଜ୍ୟ ସରକାର ଓମଫେଡ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ । ଏବେ ଖାଉଟିମାନଙ୍କ ପାଇଁ ଓମଫେଡ୍ ଉତ୍ପାଦ ଦର ହ୍ରାସ ହୋଇଛି ।


# Classified Everyday

**0674-2580101, 9692975378**



**REAL ESTATE**

**SALE**

Flat 3BHK resale Rs. 68 Lakhs only, At Jharpada, Bhubaneswar immediately. Details contact- 8249191613. D-2070

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

**CDA and RERA approved plot near Trisulia, CISF Campus. Bank Loan facilities, Black top road, Water Supply, Electricity, Drainage. Contact- 7008513309.** D-2079

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

**LOST**

ଦଲିଲ ହଜିଛି- ମୁଁ ସୁଲତାନା ବେଗମ୍ (୫୦ବର୍ଷ), ସ୍ୱା- ନିଜାମୁଦ୍ଦିନ ଖାଁ, ସା- ହଜାରି ନଗର (ଅପର୍ତ୍ତିବିନ୍ଧା), ପୋ- ଭଦ୍ରକ, ଥାନା- ଭଦ୍ରକ ଟାଉନ, ଜି- ଭଦ୍ରକ, ଆମ୍ଭ ସ୍ୱାମୀଙ୍କ ନାମିତ ଏକ Regd. Sale Deed ଯାହାର ନଂ.- ୧୦୦୨, ତା୦୭।୦୪।୨୦୦୦ରିଖରେ ପ୍ରସ୍ତୁତ ହୋଇ ଆମ୍ଭଙ୍କୁ ପ୍ରାପ୍ତ ହୋଇଥିଲା। ଉକ୍ତ ଦଲିଲଟି ତା୨୦।୦୯।୨୦୨୫ରିଖ ସନ୍ଧ୍ୟାରେ ଭଦ୍ରକ ସହରରେ ମାର୍କେଟିଂ କରୁଥିବା ସମୟରେ କେଉଁଠାରେ ହଜିଯାଇଛି। ଉକ୍ତ ସ୍ଥାନରେ ଖୋଜାଖୋଜି ପରେ ମିଳିନାହିଁ। ଧ-୨୦୮୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn in before the Notary Public, Vyasanagar, I, Mahendra Kumar Dhal, aged about 53 years, resident of At/P.O./P.S.- Jakhapura, Dist.- Jajpur- 755026, do hereby declare that my daughter Ananya Dhal, Aadhaar No.- XXXX XXXX 3487, henceforth will be known as Ananya Anupama Dhal for all official purpose w.e.f. dated 30.08.2025. That Ananya Dhal and Ananya Anupama Dhal is the same person. D-2078

By virtue of an affidavit sworn before the Notary Public, Titilagarh dated 19.09.2025, Sl. No.479, I, Chakra Kalta, resident of Village: At- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), Pin- 767032 declare that I have changed my name from Bhakta Kalta to Chakra Kalta. Henceforth, I shall be known as Chakra Kalta for all purpose.
Chakra Kalta D-2077

I, Prasanna Kumar Rath, Father of Swagat Sorup Rath, resident at Baghasahi Lane, near Saraswata School, Nimapada(N.A.C.), Puri District, Odisha, 752109, declare by this affidavit No. 15AA 122091, Dtd.- 19.09.2025 that now onwards I shall be known as Prasan Kumar Rath for all future purposes. D-2073

By virtue of an affidavit sworn before the Notary Public, Titilagarh dated 20.09.2025, Sl. No.481, I, Saila Sahu, resident of Village: At- Kansar, P.O.- Ghunsar, P.S.- Saintala, Dist.- Balangir (Odisha), PIN- 767032 declare that I have changed my name from Sailabhama Sahu to Saila Sahu. Henceforth, I shall be known as Saila Sahu for all purpose.
Saila Sahu D-2076

By virtue of an affidavit sworn before the Notary Public, Bhubaneswar, dated 19th day of September, 2025, I, Banita Bhuiyan, Address: At- Dandilo, P.O.- Brahmanasarangi, P.S.- Balianta, Dist.- Khordha, Odisha, PIN- 752102 declare that I have changed my name from Swarnalata Bhuyan to Banita Bhuiyan. Henceforth, I shall be known as Banita Bhuiyan for all purposes.
Banita Bhuiyan D-2075

By virtue of an affidavit sworn before Executive Magistrate, Angul, dated 18.09.2025, I, Sridhar Nayak, aged about 43 years, S/o- Late Budhimanta Nayak, At- Mangalpur, P.O.- Kushupanga, P.S.- Kantabania, Dist.- Dhenkanal- 759121 declare that I have changed the name of my son SOMYA RANJAN NAYAK to SOUMYA RANJAN NAYAK. Henceforth, he shall be known as SOUMYA RANJAN NAYAK for all purposes.
Sridhar Nayak D-2074

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋଲେଖ ଚରଣ ସିଂହ**

ଆଶ୍ୱିନ ମାସ, ନବମୀ ତିଥି

ଆବିର୍ଭାବ: ୨୪।୧୧।୧୯୪୦
ତିରୋଧାନ: ୧୫।୦୯।୨୦୨୫

ତୁମର ସରଳ ନିରଳସ ମୂଲ୍ୟବୋଧଭିତ୍ତିକ ଜୀବନ ଶୈଳୀ ଆମମାନଙ୍କ ବଞ୍ଚିବାର ପାଥେୟ । ବିଶ୍ୱାସ ହେଉନି ଯେ ତୁମେ ଆମମାନଙ୍କୁ ଛାଡ଼ି ହଠାତ୍ ଚାଲିଗଲ । ତୁମର ସ୍ପଷ୍ଟବାଦିତା, ପରୋପକାରିତା, ଶୃଙ୍ଖଳତା ଆମମାନଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ

ଧ-୨୦୭୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସରୋଜିନୀ ମିଶ୍ର**

ଓମ୍ ନଗର, ଫାଷ୍ଟଗେଟ୍, ବ୍ରହ୍ମପୁର, ଗଞ୍ଜାମ

ଆବିର୍ଭାବ: ୦୬।୦୫।୧୯୫୬
ତିରୋଧାନ: ୦୪।୧୦।୨୦୨୪


ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ମିଶ୍ର ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ

ଧ-୨୦୮୧

**ନବମ ଶ୍ରାଦ୍ଧବାର୍ଷିକୀ**

“ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ”



**୰ମଦନ ମୋହନ ସାହୁ**

ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର

ତିରୋଧାନ : ୨୩.୦୯.୨୦୧୬

ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମମାନଙ୍କୁ ଅନୁପ୍ରାଣିତ କରୁ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ବନ୍ଧୁ ଓ ପରିବାରବର୍ଗ

ଧ-୨୦୭୨

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

# ବଢ଼ାନ୍ତୁ ଆତ୍ମବିଶ୍ୱାସ

**ଅଜାଣତରେ ଅନେକ ସମୟରେ ମାତାପିତା ପିଲାଙ୍କୁ ଏଭଳି ଆକଟ କରନ୍ତି ଯାହା ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦିଏ। ତେଣୁ ଅଭିଭାବକମାନେ ନିଜର ଏହି ଭୁଲ୍ ସୁଧାରିନେବା ଦରକାର...**

❖ପ୍ରଥମରୁ ପିଲାଙ୍କ କାମ ପରଫେକ୍ଟ ହୋଇ ନ ପାରେ। ହେଲେ ଅଭିଭାବକମାନେ ଏ କ୍ଷେତ୍ରରେ ପିଲାଙ୍କୁ ଯଦି ବାରମ୍ବାର କହିବେ କି 'ତୋ ଦ୍ୱାରା ଏ କାମ ହୋଇପାରିବ ନାହିଁ, ତୁ ଭୁଲ୍ କରିଦେବୁ ତେଣୁ କରିବା ଦରକାର ନାହିଁ, ତାହା ଭୁଲ୍। ଏଭଳି ବାରମ୍ବାର କହିବା ଫଳରେ ପିଲାଙ୍କ ଆତ୍ମବିଶ୍ୱାସ ଧୀରେ ଧୀରେ କମିଯାଏ। କିଛିଦିନ ପରେ ସେମାନେ ମଧ୍ୟ ନିଜେ ଭାବି ନିଅନ୍ତି ଯେ ସେମାନେ କିଛି କରିପାରିବେ ନାହିଁ। ତେଣୁ ପିଲା ଭୁଲ୍ କଲେ ବି ତାକୁ ସ୍ନେହର ସହ ବୁଝାଇ ପୁଣି ଥରେ କରିବାର ସୁଯୋଗ ଦିଅନ୍ତୁ ଓ ସେ କରିପାରିବ କହି ଆତ୍ମବିଶ୍ୱାସ ବଢ଼ାନ୍ତୁ।

ଅନୁସାରେ ତୁଳନା କରନ୍ତୁ ଓ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଅନ୍ତୁ।

❖ପିଲାଙ୍କର ପ୍ରତ୍ୟେକ କଥା ଶୁଣନ୍ତୁ ଓ ଉତ୍ତର ଦିଅନ୍ତୁ। ଫଳରେ ସେମାନଙ୍କ ଚିନ୍ତାଧାରା ସମ୍ପର୍କରେ ଜାଣିପାରିବେ।

❖ଛୋଟ ଛୋଟ କାମରେ ପିଲାଙ୍କୁ ସ୍ୱାଧୀନତା ଦିଅନ୍ତୁ। ସେମାନଙ୍କ ସବୁ କାମରେ ହସ୍ତକ୍ଷେପ କରନ୍ତୁ ନାହିଁ। ବେଳେବେଳେ ସେମାନଙ୍କ ନିଷ୍ପତ୍ତିକୁ ପ୍ରଶଂସା କରନ୍ତୁ। ଏପରି କଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଭବିଷ୍ୟତରେ ସେମାନେ ସବୁ ସମୟରେ ନିର୍ଭରଶୀଳ ହେବେ ନାହିଁ।



❖ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନାକରି ଛୋଟ ଦେଖାଇବାକୁ ଚେଷ୍ଟା କରନ୍ତୁ ନାହିଁ। ବାରମ୍ବାର ଏପରି କହିଲେ ସେମାନେ ନିଜର ବିଶେଷତ୍ୱକୁ ବି ଭୁଲିଯାନ୍ତି। ତେଣୁ ପିଲାଙ୍କୁ ସେମାନଙ୍କ ପୂର୍ବ ପ୍ରଦର୍ଶନ

❖ପିଲାଙ୍କ ଆଗରେ ନିଜର ସକାରାତ୍ମକ ଛବି ଦେଖାନ୍ତୁ। ନିଜର ପରିଶ୍ରମ, ନିଷ୍ଠା ଓ ତ୍ୟାଗ ଆଦି ଭଲ ଗୁଣ ବିଷୟରେ କହି ପିଲାଙ୍କୁ ପ୍ରେରଣା ଦିଅନ୍ତୁ।

# ଖରାପ ହେବ ନାହିଁ ଆଖି

**ସାଧାରଣତଃ ବୟସ ବଢ଼ିଲେ ଦୃଷ୍ଟିଶକ୍ତି କମ୍‌ହେବା ସହିତ ବିଭିନ୍ନ ସମସ୍ୟା ଦେଖାଯାଏ। ହେଲେ ଏହି ସମସ୍ୟା ସବୁ ଏଡ଼ାଇବା ପାଇଁ ହେଲେ ଲାଇଫଷ୍ଟାଇଲ୍‌ରେ କିଛି ଅଭ୍ୟାସ ସାମିଲ କରିବାକୁ ହେବ।**



❖ଭିଟାମିନ୍- ଏ, ସି ଓ ଇ ସହ ଓମେଗା-୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ନିୟମିତ ଖାଆନ୍ତୁ। ତେଣୁ ଶାଗ, ଗାଜର, ବିଭିନ୍ନ ପ୍ରକାର ମଞ୍ଜି ଜାତୀୟ ଖାଦ୍ୟ, ମାଛ ଆଦି ଖାଆନ୍ତୁ। ଏସବୁ ପୋଷକ ତତ୍ତ୍ୱ ଷ୍ଟ୍ରେସ୍ କମ୍ କରିବା ସହ ରେଟିନାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାନ୍ତି।

❖ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଏହା ଫଳରେ ବୟସ ବୃଦ୍ଧି କାରଣରୁ ହେଉଥିବା ଡ୍ରାଏ ଆଇ ସିଣ୍ଡ୍ରୋମ ହେବା ଆଶଙ୍କା କମ୍ ହୋଇଥାଏ। ଅଧିକ ପାଣି ପିଇଲେ ଆଖିର ଶୁଷ୍କତା ମଧ୍ୟ ହୋଇ ନ ଥାଏ।

❖ଆଖିର ସବୁଠୁ ବଡ଼ ଶତ୍ରୁ ହେଉଛି ଡିଜିଟାଲ ସ୍କ୍ରିନ୍। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ୨୦-୨୦-୨୦ ନିୟମ ଆପଣାନ୍ତୁ। ଅର୍ଥାତ୍ ପ୍ରତି ୨୦ ମିନିଟ୍‌ପରେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ ଦୂରରେ ଥିବା କୌଣସି ଜିନିଷକୁ ଲକ୍ଷ୍ୟ କରନ୍ତୁ। ଏହା ଫଳରେ ଡିଜିଟାଲ ସ୍କ୍ରିନ୍ ପ୍ରଭାବରୁ ଦେଖାଦେଉଥିବା ଆଖିର ସମସ୍ୟା କମ୍ ହେବା ସହ ଷ୍ଟ୍ରେସ୍ କମ୍ ହୋଇଥାଏ।

❖ଡାଏବେଟିସ୍, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ଭଳି ସମସ୍ୟାକୁ ନିୟନ୍ତ୍ରଣରେ ରଖନ୍ତୁ। ସୁଗାର ଓ ବିପି ନିୟମିତ ଯାଞ୍ଚକରି ଔଷଧ ଖାଆନ୍ତୁ। ଏହା ଫଳରେ ଆଖି ସୁସ୍ଥ ରହିବ।

– ବହି ପଢ଼ିବା ସମୟରେ ଲାଇଟ୍ ଠିକ୍ ଭାବରେ ଅଛି କି ନା ନାହିଁ ଯାଞ୍ଚ କରନ୍ତୁ। କମ୍ ଲାଇଟ୍‌ରେ ପାଠ ପଢ଼ିଲେ କିମ୍ବା କୌଣସି କାମକଲେ ଆଖି ଉପରେ ଚାପ ପଡ଼ିଥାଏ।

– ଏସବୁ ବ୍ୟତୀତ ନିୟମିତ ଆଖିର କିଛି ଏକ୍ସରସାଇଜ୍ ଓ ଯୋଗ ନିଶ୍ଚୟ କରନ୍ତୁ।

**ମୁଁ ଏମିତି ଖାଏ, ଏମିତି ପିନ୍ଧେ, ଏୟା କରେ... ଏଭଳି ଆତ୍ମପ୍ରଶଂସାରେ ମଗ୍ନ ରୁହନ୍ତି କେତେଜଣ ମହିଳା। ସବୁବେଳେ କହିବୁଲନ୍ତି ସେମାନେ ରାଣୀ ଭଳି ବଡ଼ ହୋଇଛନ୍ତି। ଏପରି କହି ସେମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଇଚ୍ଛାକରନ୍ତି। ଏଭଳି ମାନସିକତାକୁ କୁହାଯାଏ ପ୍ରିନ୍‌ସେସ୍ ସିଣ୍ଡ୍ରୋମ୍। ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ମାନସିକ ଅବସ୍ଥା ଅନେକ ସମୟରେ ସମ୍ପର୍କ ଖରାପ କରିବାର ମୁଖ୍ୟ କାରଣ ପାଲଟିଥାଏ...**



# ପ୍ରିନ୍‌ସେସ୍ ସିଣ୍ଡ୍ରୋମ

ପିଲାବେଳରୁ ବାପଘରେ ରାଣୀ ଭଳି ବଡ଼ ହୋଇଛନ୍ତି। ନିଜ ଖାଇବାପିଇବା, ପିନ୍ଧିବା ଆଦି ସବୁ ଲାଇଫଷ୍ଟାଇଲ୍ ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି କହି କେତେଜଣ ମହିଳା ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଚାହାନ୍ତି। ସେମାନେ ଭାବନ୍ତି ନିଜ ବିଷୟରେ ଏଭଳି କହିଲେ ସମସ୍ତେ ତାଙ୍କୁ ଭଲ ପାଇବେ। ସେଥିପାଇଁ କେତେକେ ଶାଶୁଘରେ ବି ବାପଘରର ଚଳଣିକୁ ନେଇ ଗର୍ବକରିବା ଭଳି ବିଭିନ୍ନ କଥା କହନ୍ତି। ଆତ୍ମବଡ଼ିମା ଦେଖାଇ ଏଭଳି କଥାବାର୍ତ୍ତାକୁ କେହି ପସନ୍ଦ କରନ୍ତି ନାହିଁ। ହେଲେ ସେମାନେ ଆଶା କରନ୍ତି, ସବୁ ସ୍ଥାନରେ ଲୋକେ ତାଙ୍କୁ ଅଧିକ ଗୁରୁତ୍ୱ ଦିଅନ୍ତୁ। କିନ୍ତୁ କୌଣସି ସ୍ଥାନରେ ଏପରି ହୁଏ ନାହିଁ। ବରଂ ପ୍ରତ୍ୟେକ ସ୍ଥାନରେ ଏଥିପାଇଁ ସମ୍ପର୍କ ଖରାପ ହୁଏ ଓ ଭାବମୂର୍ତ୍ତି ମଧ୍ୟ ନଷ୍ଟ ହୋଇଥାଏ।

ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ଏଭଳି ଲକ୍ଷଣ ପ୍ରକୃତରେ ଏକ ପ୍ରକାର ମାନସିକ ରୋଗ କହିଲେ ଭୁଲ୍ ହେବ ନାହିଁ। ଏହାକୁ ପ୍ରିନ୍‌ସେସ୍ ସିଣ୍ଡ୍ରୋମ ମଧ୍ୟ କୁହାଯାଉଛି।

ସାଧାରଣତଃ ମହିଳାମାନଙ୍କୁ ଏଭଳି ସିଣ୍ଡ୍ରୋମ ହୋଇଥାଏ। ଏହି ପ୍ରକାର ମହିଳା ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରନ୍ତି। ସେଥିପାଇଁ ଖାସ୍ ଟ୍ରିଟ୍‌ମେଣ୍ଟର ବି ଇଚ୍ଛା ରଖିଥାନ୍ତି। ନିଜେ ଅନ୍ୟମାନଙ୍କ ପାଇଁ କିଛି କରନ୍ତି ନାହିଁ, କିନ୍ତୁ ସେମାନଙ୍କଠାରୁ ସବୁ ପ୍ରକାର ଭଲ ବ୍ୟବହାର ଆଶାରଖନ୍ତି। ସାଧାରଣତଃ ଛୋଟବେଳରୁ ଅଧିକ ଗେହ୍ଲାରେ ବଡ଼ ହୋଇଥିବା ଓ କୌଣସି ପ୍ରକାର ଦାୟିତ୍ୱ ତୁଲାଇ ନ ଥିବା ମହିଳାଙ୍କର ବଡ଼ହେବା ପରେ ଏଭଳି ସିଣ୍ଡ୍ରୋମ ଦେଖାଦେଇଥାଏ। ଜୀବନର ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିଥାଏ।





**ପ୍ରତିକୂଳ ପରିସ୍ଥିତିକୁ ସାମ୍ନା:** ଏପରି ମହିଳା ମାନସିକଭାବେ ଆଦୌ ପରିପକ୍ୱ ହୋଇପାରନ୍ତି ନାହିଁ। ତେଣୁ ନିଜ ବିଷୟରେ କୌଣସି ନିଷ୍ପତ୍ତି ନେବାରେ ଏମାନେ ଅସମର୍ଥ ରୁହନ୍ତି। ସେମାନେ ସବୁବେଳେ ନିଜ ସମ୍ପର୍କରେ କୌଣସି ଆଲୋଚନାକୁ ମଧ୍ୟ ଭୟ କରନ୍ତି। ଆଲୋଚନା ସମୟରେ କେହି ତାଙ୍କ ସମ୍ପର୍କରେ ନକାରାତ୍ମକ ମତ ଦେଇପାରେ ଭାବି ମନ ଖରାପ କରନ୍ତି। ଅନେକ ସମୟରେ ନିଜ ଇମୋସନ କଣ୍ଟ୍ରୋଲ କରିପାରନ୍ତି ନାହିଁ। ଅତ୍ୟଧିକ ଦୁଃଖୀ ହୋଇଯାଆନ୍ତି କିମ୍ବା ଆତ୍ମବିଭୋର ହୋଇଯାନ୍ତି। ତେଣୁ ଅନେକ ସମୟରେ କୌଣସି ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ମନେହୁଅନ୍ତି। ସବୁ ସମୟରେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରନ୍ତି।

**ସମ୍ପର୍କ ଖରାପ:** ଏଭଳି ସିଣ୍ଡ୍ରୋମର ମହିଳା ସମସ୍ତଙ୍କ ସହ ମିଶିବାରେ ଅସୁବିଧା ମନେକରନ୍ତି। ଏମିତିକି ଅନେକ ସମୟରେ ଅଫିସରେ ଠିକ୍‌ଭାବରେ କାମ କରିପାରନ୍ତି ନାହିଁ। ନିଜ ବସ୍ କିମ୍ବା ସହକର୍ମୀଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଆଶାକରନ୍ତି ଆଉ କମ୍ କାମ କରି ଅଧିକ ପ୍ରଶଂସା ଆଶା ରଖନ୍ତି। ବେଳେବେଳେ ନିଜକୁ ନିଜେ ପ୍ରଶଂସା ବି କରିଦିଅନ୍ତି। ଆଉ ଅପମାନିତ ହେଲେ ଭାଙ୍ଗିପଡ଼ନ୍ତି ଓ କାନ୍ଦିପକାନ୍ତି। ବିବାହ ପରେ ଶାଶୁଘରେ ବି ଠିକ୍ ଏହି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସବୁବେଳେ ନିଜକୁ ଭିନ୍ନ ଭାବିବା ଓ ସ୍ୱତନ୍ତ୍ର ବ୍ୟବହାର ତଥା ଭଲପାଇବା ଆଶା କରି ଦୁଃଖୀ ହୋଇଯାଆନ୍ତି। ଅନ୍ୟପକ୍ଷରେ ଶାଶୁଘରେ କୌଣସି ପ୍ରକାର ବ୍ୟବହାର ଖରାପ ଲାଗିଲେ ସହିପାରନ୍ତି ନାହିଁ। ସବୁ ସମୟରେ ବାପଘର ଚଳଣିର ଉଦାହରଣ ଦେଇ ଆତ୍ମବଡ଼ିମା ଦେଖାଇ ହୁଅନ୍ତି। ସେମାନଙ୍କର ଏଭଳି କଥାବାର୍ତ୍ତା ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ଓ ଶାଶୁଘରେ ସମସ୍ତଙ୍କ ସହ ସମ୍ପର୍କ ଖରାପ କରିଥାଏ। କାରଣ ପରିବାର ପାଇଁ ଏମାନଙ୍କର ପରିଶ୍ରମ ଓ ତ୍ୟାଗ ବହୁତ କମ୍ ଥାଏ, କିନ୍ତୁ ଆଶା ବହୁ ଅଧିକ ରହେ। ତେଣୁ କେହି ଏମାନଙ୍କୁ ଭଲ ପାଇପାରନ୍ତି ନାହିଁ। ବେଳେବେଳେ ଏଭଳି ଗୁଣ ପାଇଁ ସେମାନେ ଏକୁଟିଆପଣର ଅନୁଭବ କରନ୍ତି ଓ ମାନସିକ ଅବସାଦର ଶିକାର ବି ହୁଅନ୍ତି।

**ମାନସିକତା ଦୂରକରନ୍ତୁ:** ଏଭଳି ମାନସିକତା ଥିଲେ ନିଜକୁ ବଦଳେଇବା ପାଇଁ ଚେଷ୍ଟାକରନ୍ତୁ, ନଚେତ୍ ସମାଜ ଓ ପରିବାର ସହ ଚଳିବା ବହୁ କଷ୍ଟକର ହୋଇପଡ଼ିବ। କୌଣସି ସ୍ଥାନରେ ଆପଣଙ୍କର ଆତ୍ମୀୟ ଓ ଅନ୍ତରଙ୍ଗ କେହି ରହିବେ ନାହିଁ। ତେଣୁ ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଶିଖନ୍ତୁ। ନିଜର ଏଭଳି ମାନସିକତା ଥିବା ଅନୁଭବ କଲେ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ। ଅନ୍ୟମାନଙ୍କ ସଫଳତା ଓ ଭଲକାମକୁ ଗୁରୁତ୍ୱ ଦେବା ଶିଖନ୍ତୁ। ଭଲଗୁଣର ପ୍ରଶଂସା କରନ୍ତୁ ଓ ନିଜକୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରନ୍ତୁ। ପରିଶ୍ରମୀ ହୁଅନ୍ତୁ ଓ ନିଜ କର୍ତ୍ତବ୍ୟ ଠିକ୍‌ଭାବରେ କରନ୍ତୁ। ଏହା ପରେ ଆପେ ଆପେ ସବୁ ସ୍ଥାନରେ ପ୍ରିୟପାତ୍ରୀ ହୋଇପାରିବେ।







**ସାହାଯ୍ୟ କରନ୍ତୁ:** କୌଣସି ସମ୍ପର୍କରେ ଖାଲି ଆପଣ ପାଇବାର ଆଶା କରିବେ, କିନ୍ତୁ ନିଜେ କିଛି ଦେବେ ନାହିଁ ଏହା ଆଦୌ ଠିକ୍ ନୁହେଁ। ତେଣୁ ଅନ୍ୟମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ପୂରା କରିବାର ପ୍ରୟାସ କରନ୍ତୁ। ସାହାଯ୍ୟ କରନ୍ତୁ। ଇମୋସନକୁ ନିୟନ୍ତ୍ରଣରେ ରଖନ୍ତୁ। ଆତ୍ମସଚେତନ ହୋଇ ନିଷ୍ପତ୍ତି ନିଅନ୍ତୁ। ଅନ୍ୟ ଉପରେ ନିର୍ଭର ନ କରି ଏକୁଟିଆ କାମ ପୂରା କରିବାର ପ୍ରୟାସ କରନ୍ତୁ। ଯଦି କାମରେ କେହି ନିଜ ଆଡୁ ସହଯୋଗ କରୁଛନ୍ତି ତେବେ ଗ୍ରହଣ କରନ୍ତୁ, କିନ୍ତୁ ପ୍ରଥମରୁ ଆଶା ରଖନ୍ତୁ ନାହିଁ। ତା'ହେଲେ ଖୁସି ହୋଇପାରିବେ।

## ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ ଖାଦ୍ୟ

**ସୁନ୍ଦର ସ୍କିନ୍ ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ଦାମୀ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ହେଲେ ଏଥିପାଇଁ ଖାଦ୍ୟପେୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ କେଉଁ ସବୁ ଖାଦ୍ୟ ଖାଇଲେ ତ୍ୱଚା ଅଧିକ ସୁନ୍ଦର ଦେଖାଯିବ ଜାଣନ୍ତୁ।**





➔ସ୍କିନ୍ ପାଇଁ ଅମୃତଭଣ୍ଡା ଏକ ସୁନ୍ଦର ଖାଦ୍ୟ। ଏଥିରେ ଥିବା ଏନ୍‌ଜାଇମ୍ ସ୍କିନ୍‌ରେ ଥିବା ମଇଳା ଓ ମୃତ କୋଷକୁ ବାହାର କରିଥାଏ। ଏହାସହ ଭିଟାମିନ୍ ଏ ଓ ସି ତ୍ୱଚାକୁ ହେଲ୍‌ଦୀ ଓ ସୁନ୍ଦର କରିଥାଏ। ସକାଳୁ ଖାଲିପେଟରେ ଏହାକୁ ଖାଇଲେ ଏହା ଶରୀରକୁ ଭିତରୁ ଡିଟାକ୍ସ କରିଥାଏ।

➔ଗାଜର ମଧ୍ୟ ସ୍କିନ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ବିଟା କାରୋଟିନ୍ ଥିବାରୁ ସ୍କିନ୍‌କୁ ଉଜ୍ଜ୍ୱଳ କରିବାରେ ସହାୟକ ହୁଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ ସ୍କିନ୍ ପ୍ରାକୃତିକଭାବେ ଗ୍ଲୋ କରିବ। ଏହା ଇମ୍ୟୁନିଟି ବୁଷ୍ଟର ଭଳି କାମ କରେ ଓ ଆଖିକୁ ମଧ୍ୟ ସୁନ୍ଦର ରଖିବାରେ ସହାୟକ ହୋଇଥାଏ।

➔ଆଲମଣ୍ଡରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ରହିଛି। ତେଣୁ ଏହା ସ୍କିନ୍‌ର ଶୁଷ୍କତା ଦୂରକରିବା ସହ ଅଧିକ କୋମଳ କରିଥାଏ। ରାତିରେ ଏହାକୁ ଭିଜାଇ ପ୍ରତିଦିନ ସକାଳୁ ଖାଇଲେ ସ୍କିନ୍ ହାଇଡ୍ରେଟ୍ ରହେ ଓ ବୟସ ଅଧିକ ହେବା ପ୍ରଭାବରୁ ଦେଖାଯାଉଥିବା କୁଞ୍ଚନ ବି ଆସି ନ ଥାଏ।

➔ସବୁଜ ପନିପରିବା ଓ ଶାଗ ମଧ୍ୟ ତ୍ୱଚା ପାଇଁ ବହୁତ ଭଲ। ପାଳଙ୍ଗ, ମେଥି, ସୋରିଷ ଆଦି ବିଭିନ୍ନ ପ୍ରକାର ଶାଗ ଓ ପନିପରିବାରେ ଫୋଲେଟ୍, ଆଇରନ୍ ତଥା ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ସ୍କିନ୍‌କୁ ହେଲ୍‌ଦି ରଖିବା ସହ ଗ୍ଲୋ କରିବାରେ ବିଶେଷ ସହାୟକ ହୋଇଥାଏ।

➔ପଇଡ଼ପାଣି ଏକ ପ୍ରାକୃତିକ ଡିଟାକ୍ସ ପାନୀୟ। ଏହାକୁ ନିୟମିତ ପିଇଲେ ସ୍କିନ୍‌ରେ ବ୍ରଣ କିମ୍ବା ଦାଗ ସମସ୍ୟା ରହିବ ନାହିଁ। ଶରୀରକୁ ଏହା ଭିତରୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିଥାଏ।

# ରୋଷେଇ ଟିପ୍ସ

➔ଦହିର କୌଣସି ତରକାରି କରୁଥିଲେ ପ୍ରଥମେ ତାକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରି ସ୍ୱାଦିଷ୍ଟ ଲାଗିବ।

➔ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ି ଦିଅନ୍ତୁ ନାହିଁ। ବରଂ ସେଥିରେ ଲୁଣ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଏଥିରେ ଆଚାର ତିଆରି କରି ଖାଇପାରିବେ।

➔ରୋଷେଇ ଘରେ କାମ କରି ସାରିବା ପରେ ସଙ୍ଗେ ସଙ୍ଗେ ସଫା କରି ଦିଅନ୍ତୁ, ନଚେତ୍ ପିମ୍ପୁଡ଼ି ଓ ପୋକ ଆଦି ଆସି ଅପରିଷ୍କାର କରିଦେବେ।

➔ରୋଷେଇ ଘର ସ୍ଲାବ ସଫା କରିବାବେଳେ କିଛି ଲୁଣ ପକାନ୍ତୁ। ଫଳରେ ପୋକ ଆସିବେ ନାହିଁ ଓ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

➔ଚୁଡ଼ା ଉପମା କରୁଥିଲେ ଚୁଡ଼ା ଧୋଇବା ପରେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

# ଶାଗୁ କଟ୍‌ଲେଟ୍

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ–**

ଶାଗୁ- ୧ କପ୍, ଆଳୁ-୨ଟି, ବାଦାମମଞ୍ଜି- ୪ ବଡ଼ ଚାମଚ, କଞ୍ଚାଲଙ୍କା-୨ଟି, ଲେମ୍ବୁ ରସ- ଅଧାଚାମଚ, ଜିରା ଗୁଣ୍ଡ- ଅଧା ଚାମଚ, ଗୋଲମରିଚ ଗୁଣ୍ଡ- ଅଧା ଚାମଚ, ଧନିଆପତ୍ର- ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ଶାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ଦିଅନ୍ତୁ। ଶାଗୁ ନରମ ହୋଇଯିବା ପରେ ଏହାକୁ ପାଣିରୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। ବାଦାମ ମଞ୍ଜିକୁ ଭାଜି ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ। ଏବେ ଶାଗୁ ସହ ସିଝା ଆଳୁ, ବାଦାମ ମିଶାନ୍ତୁ। କଞ୍ଚାଲଙ୍କା ଓ ଧନିଆପତ୍ରକୁ ଛୋଟ ଛୋଟ କରି କାଟି ଏଥିରେ ପକାନ୍ତୁ। ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ ଓ ଲୁଣ ପକାଇ ଏହାକୁ ଭଲଭାବେ ଚକଟି ଦିଅନ୍ତୁ। ଏଥିରେ ପାଣି ଦିଅନ୍ତୁ ନାହିଁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି କଟ୍‌ଲେଟ୍ ଭଳି ତିଆରି କରନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଶାଗୁର ଏହି କଟ୍‌ଲେଟ୍‌ଗୁଡ଼ିକୁ ଛାଣି ଦିଅନ୍ତୁ। ଚଟଣି କିମ୍ବା ଦହି ସହ ଏହାକୁ ଗରମ ଗରମ ଖାଆନ୍ତୁ।

# ଏଚ୍‌ଆଇଏଲ୍‌ରୁ ୟୁପି ରୁଦ୍ରାସ ଓହରିଲା

**ନୂଆଦିଲ୍ଲୀ,୨୨।୯(ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଫ୍ରାଞ୍ଚାଇଜ ୟୁପି ରୁଦ୍ରାସ ସୋମବାର ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଆର୍ଥିକ ସମସ୍ୟା ଯୋଗୁ ଲିଗ୍‌ରେ ଖେଳିବା ଜାରି ରଖିବା କଷ୍ଟକର ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।


ଲିଗ୍‌ରୁ ଓହରିବା ଆଦୌ ସହଜ ନିଷ୍ପତ୍ତି ନ ଥିଲା। ଭାରତୀୟ ହକି ଲାଗି ଏହି ଲିଗ୍ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ବୁଝୁଛୁ, ହେଲେ ଆର୍ଥିକ ସମସ୍ୟା ଯୋଗୁ ଲିଗ୍ ଖେଳିବା ଜାରି ରଖିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି, ଆମେ ସିଧାସଳଖ ସେଠାରେ ନିବେଶ କରିବୁ, ଯେଉଁଠାରେ ତାହାର ଦୀର୍ଘକାଳୀନ ପ୍ରଭାବ, ତୃଣମୂଳ ସ୍ତରରେ ଖେଳାଳିଙ୍କ ଉନ୍ନତି ହୋଇପାରିବ ବୋଲି ଟିମ୍ ଡାଇରେକ୍ଟର ସେଡ୍ରିକ୍ ଡି'ସୁଜା କହିଛନ୍ତି। ବର୍ତ୍ତମାନଠାରୁ ରୁଦ୍ରାସ ଭାରତରେ ହକିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସ୍କୁଲ ଓ ସମ୍ପ୍ରଦାୟ ସ୍ତରରେ ଖେଳାଳିଙ୍କୁ ବାଛିବା ଓ ପ୍ରଶିକ୍ଷଣ ପ୍ରଦାନ ଏବଂ ଉନ୍ନତିମୂଳକ ପ୍ଲାଟଫର୍ମ ଯୋଗାଇବା ଦିଗରେ କାର୍ଯ୍ୟ କରିବ। ଭାରତୀୟ ହକି ଦଳର ଉପ ଅଧିନାୟକ ତଥା ୟୁପି ରୁଦ୍ରାସର ଷ୍ଟାର ଖେଳାଳି ହାର୍ଦ୍ଦିକ ସିଂ କହିଛନ୍ତି, ଏଚ୍‌ଆଇଏଲ୍‌ରେ ରୁଦ୍ରାସ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ।

# ଭାରତୀୟ ଦଳରେ ଓଡ଼ିଶାର ୩

## ଜୋହର କପ୍ ହକି

**ନୂଆଦିଲ୍ଲୀ, ୨୨।୯ (ପି.ଟି.)**

ଅକ୍ଟୋବର ୧୧ରୁ ମାଲେସିଆରେ ହେବାକୁଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଡିଫେଣ୍ଡର ରୋହିତଙ୍କ ନେତୃତ୍ୱାଧୀନ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ଅଦ୍ରୋହିତ ଏକ୍କା ଓ ରୋସନ କୁଜୁର। ଏହା ବ୍ୟତୀତ ଓଡ଼ିଶାର ଆଉ ୨ ଖେଳାଳି ବିବେକ ଲାକ୍ରା ଓ ରୋହିତ କୁଲୁ ଷ୍ଟାଣ୍ଡବାଇରେ ରହିଛନ୍ତି। ଗତଥର ବ୍ରୋଞ୍ଜ ଜିତିଥିବା ଭାରତ ଏଥର ଉନ୍ନତ ଖେଳ ପ୍ରଦର୍ଶନ କରିବା ଲାଗି ଲକ୍ଷ୍ୟ ରଖିଛି। ଅକ୍ଟୋବର ୧୮ରେ ଶେଷ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତି ସକାଶେ ଭାରତ ପାଇଁ ଏହା ଏକ ସୁଯୋଗ। ଅକ୍ଟୋବର ୧୧ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ ଅକ୍ଟୋବର ୧୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେମାନେ ଅକ୍ଟୋବର ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଏବଂ ପରେ ଅକ୍ଟୋବର ୧୫ରେ ଅଷ୍ଟ୍ରେଲିଆ ସହିତ ଖେଳିବ। ଅକ୍ଟୋବର ୧୭ରେ ମାଲେସିଆ ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ-ରବିନ ଅଭିଯାନ ଶେଷ କରିବ। ରାଉଣ୍ଡ ରବିନ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର ୧୮ରେ ଫାଇନାଲ ଖେଳିବେ। ଟୁର୍ନାମେଣ୍ଟ ଲାଗି ଭାରତର ପ୍ରସ୍ତୁତି ଖୁବ୍ ଭଲ ରହିଛି ବୋଲି କୋଚ୍ ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି। **ଭାରତୀୟ ଦଳ- ଗୋଲ୍‌କିପର:** ବିକ୍ରମଜିତ୍ ସିଂ, ପ୍ରିନ୍ସଦୀପ ସିଂ। **ଡିଫେଣ୍ଡର:** ରୋହିତ (ଅଧିନାୟକ), ଟାଲେମ ପ୍ରିୟବ୍ରତ, ଅନ୍‌ମୋଲ ଏକ୍କା, ଅମିର ଅଲି, ପି. ବି. ସୁନିଲ, ରବନୀତ ସିଂ। **ମିଡ୍‌ଫିଲ୍ଡର:** ଅଙ୍କିତ ପାଲ, ଥୋନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ୍ ଏକ୍କା, ଅରାଇଜିତ୍ ସିଂ ହୁଣ୍ଡାଲ, ରୋସନ କୁଜୁର, ମନମିତ୍ ସିଂ। **ଫରୱାର୍ଡ:** ଅର୍ଶଦୀପ ସିଂ, ସୌରଭ ଆନନ୍ଦ କୁସ୍ୱାହା, ଅଜିତ ଯାଦ, ଗୁର୍‌ଜୋତ ସିଂ। **ଷ୍ଟାଣ୍ଡବାଇ:** ବିବେକ ଲାକ୍ରା, ଶର୍ଦାନନ୍ଦ ତିୱାରୀ, ଥୋକ୍‌ଚୋମ୍ କିଙ୍ଗସନ ସିଂ, ରୋହିତ କୁଲୁ, ଦିଲ୍‌ରାଜ ସିଂ।



ଜୋହର କପ୍ ହକି ପାଇଁ ମନୋନୀତ ଭାରତୀୟ ଦଳ।

# ଭାଗନେବେ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର୍ ଅଲ୍‌ଓଡ଼ିଶା ଓପନ ଚେସ୍

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ, ଆମ୍ରପଲ୍ଲୀ ରିସର୍ଟରେ ଭାଗ୍ୟଶ୍ରୀ ସ୍ମାରକୀ ପ୍ରଥମ ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ସୁଦ୍ଧା ୯୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସହ ୨୫୦ ନାମ ପଞ୍ଜୀକରଣ କରି ସାରିଛନ୍ତି। ତେଣୁ ଟୁର୍ନାମେଣ୍ଟ ବେଳକୁ ଏହି ସଂଖ୍ୟା ୩୦୦ ଅତିକ୍ରମ କରିବା ଏକପ୍ରକାର ନିଶ୍ଚିତ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଟପସିଡ ରହିଛନ୍ତି। ଓମ୍ ଆଦିତ୍ୟ ଖାଡେଙ୍ଗା, ଲକ୍ଷ୍ମୀକାନ୍ତ ସାହୁ, ଲଳିତ ରଞ୍ଜନ ସାହୁ, ଶ୍ରୀହନ୍ନ ସାବତ, କାର୍ଜି ମନୀନ୍ଦ୍ର, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ମନୀଷ ମିଶ୍ର ଓ ସାଇ ଶକ୍ତି ପଣ୍ଡା ପ୍ରମୁଖ ପ୍ରଥମ ୧୦ ସିଡ୍ ମଧ୍ୟରେ ରହିଥିବା ସେ କହିଛନ୍ତି। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ୍ ସେଣ୍ଟର ଆୟୋଜନ କରିବ। ରାଜ୍ୟର ତୃଣମୂଳ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କୁ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବା ସହଜ କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ପାଇଁ ୨,୦୦,୧୦୦ ଟଙ୍କା ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ କୃତି ଖେଳାଳିମାନଙ୍କୁ ପୁରସ୍କାର ଆକାରରେ ଦିଆଯିବ। ୨ୟ ଓ ୩ୟ ଦିନ ଅପରାହ୍ନରେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବ୍ଲିଜ୍ (କ୍ଷୀପ୍ର ଚେସ୍) ପ୍ରତିଯୋଗିତା ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ନୀହାର ରଞ୍ଜନ ସାସମଲ ପ୍ରକାଶ କରିଛନ୍ତି। ରାଜ୍ୟର ଯେକୌଣସି ଖେଳାଳି ୨୫ ତାରିଖ ରାତି ସୁଦ୍ଧା ପ୍ରବେଶିକା ଦେୟ ୧୦୦୦ଟଙ୍କା ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ଯଥାକ୍ରମେ ୩୦,୦୦୦ ଓ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

# ସ୍ୱର୍ଣ୍ଣ ଜିତିଲେ ଓଡ଼ିଶାର ଅନାହିତା

## ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ

**ଭୁବନେଶ୍ୱର,୨୨।୯(ଅନାଦି କର)**

ଓଡ଼ିଶାର ଅନାହିତା ମିଶ୍ର ପର୍ତ୍ତୁଗାଲରେ ଚାଲିଥିବା ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ କେବଳ ଭାରତର ନୁହେଁ, ବରଂ ଏସିଆର ପ୍ରଥମ ଆଥଲେଟ୍ ଭାବେ ଫ୍ରିଷ୍ଟାଇଲ ୱାର୍ଲ୍ଡକପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଅନାହିତା ୧୯ ବର୍ଷରୁ କମ୍ କାଟେଗୋରୀର ସ୍ପିଡ ସ୍ଲାଲମରେ ୪.୭୯୫ ସେକେଣ୍ଡରେ ରେସ ଫିନିଶ୍ କରିଛନ୍ତି, ଯାହାକି ଉଭୟ ସିନିୟର ଓ ଜୁନିୟର ମହିଳା ବିଭାଗରେ ଏକ ଜାତୀୟ ରେକର୍ଡ। ଫାଇନାଲରେ ସେ ୱାର୍ଲ୍ଡ ନଂ-୪ ସାନ ମାରିନୋର ମାଟିଲ୍‌ଡେ ଟେରେଞ୍ଜୋଙ୍କୁ ହରାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ଟ୍ରଫି ସହ ୭,୫୦୦ ୟୁରୋ(ଭାରତୀୟ ମୁଦ୍ରାରେ ୭.୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)ର ଆର୍ଥିକ ପୁରସ୍କାର ମିଳିଛି। ଏହି ଇଭେଣ୍ଟରେ ଇଟାଲୀର ମାଟିଲ୍‌ଡେ ମିନା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୧୧ ଦେଶର ମୋଟ ୧୭୦ ସ୍କେଟର ଭାଗ ନେଇଥିଲେ। ଚଳିତ ବର୍ଷ ଏହା ଅନାହିତାଙ୍କର ତୃତୀୟ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୨ ତାରିଖରୁ ସ୍ପେନର ସିଉଡାଡ ରିୟଲଠାରେ ହେବାକୁ ଥିବା କ୍ୱିଜୋଟ ୱାର୍ଲ୍ଡ କପ୍‌ରେ ଭାଗ ନେବେ ଓ ଏଥିରେ ଭଲ ପ୍ରଦର୍ଶନ ସହ ପଦକ ଜିତିବା ଆଶା ରଖିଥିବା ସେ କହିଛନ୍ତି। ସେ ତାଙ୍କ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଦିଲ୍ଲୀର ନୋଏଡାରେ ୨୦୧୧ରେ ଜନ୍ମିତ ଅନାହିତା ଏବେ ମାନବ ରଚନା ଇଣ୍ଟରନ୍ୟାଶନାଲ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ବାପା ସୌମ୍ୟାନ୍ୱେଶ ମିଶ୍ରଙ୍କ ପୈତୃକ ଘର କଟକରେ। ତାଙ୍କ ମା' ନାମ ସୁନନ୍ଦା ସାଙ୍ଗନେରିଆ।




ପୁରସ୍କାର ସହ ଅନାହିତା ମିଶ୍ର (ମଝି)।

# ସାଗରଙ୍କୁ ସ୍ୱର୍ଣ୍ଣ, ଗୋପେଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

ରାଞ୍ଚିରେ ସୋମବାର ଆରମ୍ଭ ହୋଇଥିବା ୩୬ତମ ପୂର୍ବାଞ୍ଚଳ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ହାଇଜମ୍ପ ଇଭେଣ୍ଟରେ ୧.୯୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ସେହିପରି ସୂରଜ ଗୋପେ ରୌପ୍ୟ ପଦକ ଲାଭ କରିଛନ୍ତି। ଗୋପେ ୪୩.୪୪ ମିଟର ଡିସ୍‌କସ୍ ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୬୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

**କଲମ୍ବୋ, ୨୨।୯: (ପି.ଟି.)**

ସାଉଥ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୭ବର୍ଷରୁ କମ୍ ଚାମ୍ପିୟନଶିପ୍‌ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ପରାଜିତ ଦଳର ମହମ୍ମଦ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ସେଲିବ୍ରେଶନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଉଭୟ ଦଳ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ସୋମବାର ମ୍ୟାଚର ଫଳାଫଳ ନିରର୍ଥକ ଥିଲା। ଏହି ମ୍ୟାଚରେ ଭାରତ ତରଫରୁ ଦଲାଲମୁଅନ୍ ଗାଙ୍ଗ୍‌ଟେ (୩୧ତମ ମିନିଟ), ଗୁନ୍‌ଲିବା ୱାଙ୍ଗ୍‌କରାକ୍‌ପାମ୍ (୬୩ତମ) ଓ ରାହାନ ଅହମ୍ମଦ (୭୩ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ପାକିସ୍ତାନ ତରଫରୁ ଅବ୍‌ଦୁଲ୍ଲା (୪୩ତମ) ଓ ହାମ୍‌ଜା ୟାସିର (୭୦ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ବାରବାଟୀକୁ ଜୟ ସାହାଙ୍କୁ ନିମନ୍ତ୍ରଣ କଲେ ସଞ୍ଜୟ



ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ସଞ୍ଜୟ ବେହେରା।

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଅଧ୍ୟକ୍ଷ ଜୟ ସାହାଙ୍କୁ ନିମନ୍ତ୍ରଣ କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ସଞ୍ଜୟ ଅହମଦାବାଦ ଯାଇଥିଲେ। ସେଠାରେ ସେ ଶୁଭେଚ୍ଛା ଜଣାଇବା ସହ ବାରବାଟୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି ବୋଲି ଓସିଏ ସୂତ୍ରରୁ ପ୍ରକାଶ।





# ଡକ୍‌ୱର୍ଥରେ ପୁରୀ ଟାଇଟନ୍ସ ବିଜୟୀ

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ସୋମବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପୁରୀ ଟାଇଟନ୍ସକୁ ବିଜୟୀ ଘୋଷଣା କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିଥିଲା। ଜବାବରେ ରାଉରକେଲା ଷ୍ଟିଲର୍ସ ୧୦.୪ ଓଭରରେ ୫ ଉଇକେଟ ହରାଇ ୫୧ ରନ କରିଥିବାବେଳେ ବର୍ଷା ଯୋଗୁ ଆଉ ମ୍ୟାଚ ସମ୍ଭବ ହୋଇ ନ ଥିଲା। ଫଳାଫଳ ପାଇଁ ଡକ୍‌ୱର୍ଥ ଲୁଇସ ନିୟମ ଅବଲମ୍ବନ କରାଯାଇଥିଲା। ଏଥିରେ ପୁରୀ ଟାଇଟନ୍ସକୁ ୪୫ ରନରେ ବିଜୟୀ ଘୋଷଣା କରାଯାଇଥିଲା। ଚଳିତ ଲିଗ୍‌ରେ ପୁରୀ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ।

ବର୍ଷାକୁ ଲକ୍ଷ୍ୟରେ ରଖି ମ୍ୟାଚକୁ ୧୮ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟନ୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟପ୍ ଅର୍ଡରରେ ଶାନ୍ତନୁ ମିଶ୍ର ୧୦, ଅନୁରାଗ ଷଡ଼ଙ୍ଗୀ ୨୬ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୨୦ ରନ କରି ଆଉଟ ହୋଇଥିବାବେଳେ ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ ୪୨ ଓ ରାଜେଶ ମହାନ୍ତି ୪୫ ରନକରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କାର୍ତ୍ତିକ ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୧ ଛକା ମାରିଥିଲେ। ସେହିପରି ରାଜେଶ ୨୧ଟି ବଲ୍ ଖେଳି ନିଜ ଇନିଂସରେ ୨ ଚୌକା ଓ ୪ ଛକା ମାରିଥିଲେ। ରାଉରକେଲା ଦଳ ପକ୍ଷରୁ ପ୍ରଦୀପ ପ୍ରଧାନ ୩ଟି ଏବଂ ଆଶୁତୋଷ ମାରାଣ୍ଡି, ଜାମଳା ମହାପାତ୍ର, ବିଶ୍ୱଜିତ ପ୍ରଧାନ ଓ ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟରେ ରାଉରକେଲା ଷ୍ଟିଲର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୦.୪ ଓଭରରେ ସ୍କୋର ୫୧/୫ ଥିବାବେଳେ ବର୍ଷା ଓ ବଜ୍ରପାତ ଜନିତ କାରଣରୁ ଖେଳ ଦୀର୍ଘ ସମୟ ବାଧାପ୍ରାପ୍ତ ହେବାପରେ ଅମ୍ପାୟର ଖେଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୁରୀ ଦଳର ବୋଲରଙ୍କ ମଧ୍ୟରେ ମହମ୍ମଦ ଡାନିସ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ, ଆଶୁତୋଷ ଛୁରିଆ ଓ ସୁଶୀଲ ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କାର୍ତ୍ତିକ ବିଶ୍ୱାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। କାର୍ତ୍ତିକଙ୍କୁ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କୃତ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ରେସଲିଂ ଆସୋସିଏଶନ ସମ୍ପାଦକ କିଶୋର ବେହେରା ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ।




ପୁରସ୍କାର ଗ୍ରହଣ ଅବସରରେ କାର୍ତ୍ତିକ ବିଶ୍ୱାଳ (ବାମ)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ